ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ–୨୦, ସଂଖ୍ୟା : ୧୪୨
୩୦ ଅକ୍ଟୋବର, ୨୦୨୫ ଗୁରୁବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 142
30th October, 2025 Thursday
Bhubaneswar

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

**ଓଁ ୟାଂ ମେଧାଂ ଦେବାଗଣଃ ପିତରଶ୍ଚୋ ପାସତେ**
**ତୟା ମା ମଧ୍ୟ ମେଧୟା ଅଗ୍ନେ ମେଧାବିନଂ କୁରୁ**

ହେ ମେଧାବାନ୍ ପରାମାତ୍ମା ! ଆମର ଦେବଗଣ, ଋଷିଗଣ ଓ ପିତୃପୁରୁଷ ଯେଉଁ ମେଧା ବୁଦ୍ଧିର ପ୍ରାର୍ଥନା, ଉପାସନା ଓ ଯାଚନା ସବୁବେଳେ କରି ଆସିଛନ୍ତି, ଆପଣ ଆମ ସମସ୍ତଙ୍କୁ ସେହି ମେଧା ବୁଦ୍ଧି ପ୍ରଦାନ କରନ୍ତୁ, ଯଦ୍ୱାରା ଆମର ସମସ୍ତ ଶୁଭକାର୍ଯ୍ୟ ଯଥାବିଧି ସମ୍ପନ୍ନ ହେବ ।

## ଅମ୍ବିକା ପ୍ରସାଦ ଦାସଙ୍କ ‘ସତ କହିବାକୁ କିଆଁ ଡରିବି’ ସ୍ତମ୍ଭରେ

## ବେପରୁଆ ପ୍ରଶାସନ: ବିଡମ୍ବିତ ଦର୍ଶନ

# ମନ୍ଥା ଛାଡ଼ିଗଲା ପ୍ରଳୟର ପଦଚିହ୍ନ

**ଭୁବନେଶ୍ୱର,୨୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାରେ ବାତ୍ୟା ବିପଦ ଟଳି ଯାଇଛି ସତ । ହେଲେ ବର୍ଷା–ବପନରେ ବ୍ୟାପକ ଫସଲ ନଷ୍ଟ ହୋଇଛି । ପନିପରିବାଠୁ ଆରମ୍ଭ କରି ଧାନ ଫସଲ ନଷ୍ଟ କରିଛି ବାତ୍ୟା ମନ୍ଥା । କେଉଁଠି ଦରପାଚିଲା ଧାନ ବିଲରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିଛି ତ କେଉଁଠି ପଟାଳି ଭଳି ଶୋଇ ଯାଇଛି କ୍ଷୀର ଢୋକୁଥିବା ଧାନ । ଗଜପତି, ଗଂଜାମ, ସୋନପୁର, କୋରାପୁଟ, ନବରଙ୍ଗପୁରରେ ବ୍ୟାପକ ଚାଷ ଉଜାଡିଛି ବାତ୍ୟା ମୋନ୍ଥା ।

ଆସିକାରେ ପାଣିରେ ଶୋଇ ଯାଇଛି ହେକ୍ଟର ହେକ୍ଟର ଦରପାଚିଲା ଧାନ । ପାଣିରେ ବୁଡି ଯାଇଛି ଧାନ କେଣ୍ଡା । ସ୍ଥିତି ଏମିତି ଯେ ୮ ଦିନ ଭିତରେ ବି ବିଲରୁ ପାଣି ଛାଡିବା ସମ୍ଭାବନା କମ୍ । ତେଣୁ ଅମଳ ଅଶା ଛାଡି ଦେଇଛି ଚାଷ ପୁଅ । ଧରାକୋଟ ବ୍ଲକର ୧୮ଟି ପଞ୍ଚାୟତର ଖରିଫ ଧାନ ଫସଲ ପ୍ରଭାବିତ ହୋଇଛି । ଫଳରେ ଫଳ ଧରିଥିବା ଧାନକେଣ୍ଡା ଓ ପାଚିଲା ଧାନ ଫସଲ ପବନ ଓ ଲଗାଣ ବର୍ଷାରେ ଲୋଟି ପଡ଼ି ଧରାଶାୟୀ ହୋଇଛି । ଦୀର୍ଘ ଦୁଇଦିନ ଧାନ କେଣ୍ଡା ପାଣିରେ ଭିଜି ରହିଥିବାରୁ ଚାଷୀର ଚିନ୍ତା ବଢ଼ିଛି । ପାଣି ଭର୍ତ୍ତି ଧାନ ବିଲରୁ ଚାଷୀ ଉଜୁଡ଼ା ଫସଲକୁ ଛାଣୁଥିବାର ଦୟନୀୟ ଚିତ୍ର ଅଧିକାଂଶ ପଞ୍ଚାୟତରେ ଦେଖିବାକୁ ମିଳିଛି । ଚଳିତ ବର୍ଷ ଭଲ ଫସଲ ହୋଇଥିଲା । ଧାନ ଓ ପନିପରିବା ଚାଷ ପାଇଁ ପାଗ ଆରମ୍ଭରୁ ଅନୁକୂଳ ରହିଥିଲା । ଏଣୁ ଚାଷୀମାନେ ହାତ ଉଧାରି ଓ ବ୍ୟାଙ୍କ, ସମବାୟ ସମିତିରୁ କରଜ କରି ରୁଆ, ବେଉଷଣ, ବିହନ, ପିଡ଼ିଆ, ବଛାବଛି କରିଥିଲେ । ଆଶା ଓ ଭରସା ଥିଲା ଚଳିତ ବର୍ଷ ଉଭୟ ଧାନ ଓ ପନିପରିବା ଫସଲରୁ ଭଲ ଦୁଇ ପଇସା ରୋଜଗାର ହେବ । ହେଲେ ବାତ୍ୟା ଓ ଭାରୀ ବର୍ଷା ସବୁକିଛି ଛାରଖାର କରିଦେଇଛି । ମାଣିକପୁର ଅଞ୍ଚଳର ରାଜନ ଛାଟୋଇ, ବସନ୍ତ ବେହେରା, କାଠଗଡାର ଉଦୟ ପରିଛା, ଡାକିବଜାର ଦଣ୍ଡପାଣି ଜେନା, ପ୍ରମୋଦ ପାଢ଼ୀ, ଧରାକୋଟର ବନବାସ ସ୍ୱାଇଁ ପ୍ରମୁଖ ବର୍ଷକର ଫସଲ ଅଖି ଆଗରେ ନଷ୍ଟ ହୋଇଯାଇଥିବାରୁ କେମିତି କରଜ ସୁଝିବେ ସେଥି ପାଇଁ ଚିନ୍ତାରେ ପଡ଼ିଛନ୍ତି । ସରକାରୀ ସ୍ତରରେ କ୍ଷୟ କ୍ଷତି ଆକଳନ କରାଯାଇ ସରକାରୀ ସହାୟତା ପ୍ରଦାନ ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି ।



ସେହିପରି ଚଳିତ ବାତ୍ୟା ଓ ବର୍ଷାରେ ପନିପରିବା ଫସଲ ବ୍ୟାପକ ନଷ୍ଟ ହୋଇଯାଇଛି । ଅଳଡ଼ି (ଝୁଡୁଙ୍ଗ), ବିନ୍ସ, ମୂଳା, ଫୁଲକୋବି, ବାଇଗଣ, ଜହ୍ନି, ପୋଟଳ, କୁନ୍ଦୁରି, ପତ୍ରକୋବି, କଲରା ଫସଲ ଗଛ ମୂଳରେ ପାଣି ରହିଥିବାରୁ ନଷ୍ଟ ହୋଇଯାଇଛି । ଯାହା ଫଳରେ ବଜାରରେ ପନିପରିବା ଦରରେ ମୂଲ୍ୟ ବୃଦ୍ଧି ହୋଇଛି । ସେପଟେ ଧାନ ଫସଲ ନଷ୍ଟ ହୋଇଯାଇଥିବା ବର୍ଷକର ଆଦାୟ ଉଜୁଡ଼ି ଯାଇଛି । ଏଣୁ ନିଜ ପରିବାର ସଦସ୍ୟ ତୁଣ୍ଡରେ କେମିତି ଅହାର ଯୁଟାଇବ ସେଥିପାଇଁ ଚାଷୀର ଚିନ୍ତା ବଢ଼ିଛି । ସମଗ୍ର ବ୍ଲକ ଅଞ୍ଚଳର ହଜାର ହଜାର ହେକ୍ଟର ଜମିର ଫସଲ ନଷ୍ଟ ହୋଇଯାଇଥିବା ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଛି । ଗଂଜାମ ଜିଲ୍ଲାର ଭଂଜନଗର (ଶେଷ ପୃଷ୍ଠା ଦେଖନ୍ତୁ)

## ୧୦୬୧ ମହିଳାଙ୍କ ନିରାପଦ ମାତୃତ୍ୱ ଲାଭ

**ଭୁବନେଶ୍ୱର,୨୯।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ବାତ୍ୟା ‘ମୋନ୍ଥା’ ସ୍ଥଳଭାଗ ଛୁଇଁବା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟସେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସଜାଗ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର, ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମେଡିକାଲ କଲେଜ ଓ ହସ୍ପିଟାଲଗୁଡିକ ସଂପୂର୍ଣ୍ଣ ପ୍ରସ୍ତୁତ ଥିଲା । ବୁଧବାର ପୂର୍ବାହ୍ନ ସୁଦ୍ଧା (ଶେଷ ପୃଷ୍ଠା ଦେଖନ୍ତୁ)



## ୩୭ ବର୍ଷ ପରେ ଟିଟିଇଙ୍କୁ ସୁପ୍ରିମକୋର୍ଟରୁ ମିଳିଲା ନ୍ୟାୟ



**ନୂଆଦିଲ୍ଲୀ,୨୯।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ସୁପ୍ରିମକୋର୍ଟ ପ୍ରାୟ ୩୭ ବର୍ଷ ପୁରୁଣା ଏକ ମାମଲାରେ ରେଲୱେ ଟ୍ରାଭେଲିଂ ଟିକଟ୍ ଏକ୍ସାମିନର (ଟିଟିଇ)ଙ୍କୁ ଦୋଷ ମୁକ୍ତ କରିଛନ୍ତି । କୋର୍ଟ କହିଛନ୍ତି ଯେ ଲାଞ୍ଚ ମାଗିବା ଅଭିଯୋଗକୁ ପ୍ରମାଣିତ କରିବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ନାହିଁ । ଏହାସହ ମୃତ କର୍ମଚାରୀଙ୍କ ପରିବାରକୁ ତିନି ମାସ ଭିତରେ ସମସ୍ତ ବକେୟା ବେତନ ଓ ପେନ୍ସନ୍ ଲାଭ ଦେବ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ୍ ସଞ୍ଜୟ କରୋଲ ଓ ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି ।

ଉଲ୍ଲେଖଯୋଗ୍ୟ, ଏହି ମାମଲା ୧୯୮୮ ମେ ୩୧ ତାରିଖର । ରେଲୱେ ଭିଜିଲାନ୍ସ ଟିମ୍ ହଠାତ୍ ତଦନ୍ତ କରିଥିଲା । ସେହି ସମୟରେ ନାଗପୁରର ସେଣ୍ଟ୍ରାଲ୍ ରେଲୱେରେ ନିୟୋଜିତ ଟିଟିଇଙ୍କ ଉପରେ ତିନି ଯାତ୍ରୀଙ୍କଠାରୁ ବର୍ଥ ଦେବା ବଦଳରେ ୫୦ ଟଙ୍କା ଲେଖାଏ ଲାଞ୍ଚ ମାଗିଥିଲେ । ତଦନ୍ତ ବେଳେ ତାଙ୍କ ପାଖରୁ ୧୨୫୪ ଟଙ୍କା ଅତିରିକ୍ତ ନଗଦ ମିଳିଥିଲା ଓ ଡ୍ୟୁଟି ପାସରେ ତ୍ରୁଟି ଧରାପଡ଼ିଥିଲା ।

ବିଭାଗୀୟ ତଦନ୍ତ ପରେ, ୧୯୮୯ ମସିହାରେ ଅଭିଯୋଗ ଫଇସଲା କରାଯାଇଥିଲା ଏବଂ ୧୯୯୬ ମସିହାରେ (ଶେଷ ପୃଷ୍ଠା ଦେଖନ୍ତୁ)

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଦୁର୍ନୀତି

# ଲାଞ୍ଚ ନେଇ ଧରାପଡ଼ିଲେ ସିଟି-ଜିଏସ୍‌ଟି ଅଧିକାରୀ

**ଭୁବନେଶ୍ୱର,୨୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅକ୍ଟୋବର ୨୭ ତାରିଖରୁ ପାଳନ କରାଯାଉଛି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ । ଏହା ଆସନ୍ତା ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନେ ଦୁର୍ନୀତି ନ କରିବାକୁ ଶପଥ ନେଉଛନ୍ତି । ଗତକାଲି ଭୁବନେଶ୍ୱରରେ ‘ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫’ ମଧ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ କେହି ଦୁର୍ନୀତି କରି କୌଣସି ପରିସ୍ଥିତିରେ ଖସିପାରିବେ ନାହିଁ । ଏହା ସହିତ ରାଜ୍ୟରେ କିପରି ଦୁର୍ନୀତିରେ ଜଡିତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କଠାରୁ ଆରମ୍ଭ କରି ଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କୁ ଛଡାଯାଇନାହିଁ, ତା’ର ଉଦାହରଣ ଦେଇଥିଲେ ମୁଖ୍ୟମନ୍ତ୍ରୀ । କିନ୍ତୁ ଏହାର ପ୍ରଭାବ ବଲାଙ୍ଗିର ଜିଲ୍ଲା ଟିଟିଲାଗଡର ସହକାରୀ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଅଧିକାରୀ (ଆସିଷ୍ଟାଣ୍ଟ ସିଟି ଆଣ୍ଡ ଜିଏସ୍‌ଟି ଅଫିସର) ଉମାକାନ୍ତ ମହାକୁଡଙ୍କ ଉପରେ ଆଦୌ ପଡିନାହିଁ । ଆଜି ଲାଞ୍ଚ ନେଇ ସେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ।



ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ ତିନିଟି ଆର୍ଥିକ ବର୍ଷର ପ୍ରଫେସନାଲ ଟ୍ୟାକ୍ସ ଦେଇନଥିବାରୁ ଜଣେ ବ୍ୟବସାୟୀଙ୍କ ଉପରେ ୭,୫୦୦ ଟଙ୍କା ଜରିମାନା ପଡିଥିଲା । ପ୍ରତି ଆର୍ଥିକ ବର୍ଷ ପାଇଁ ୨୫୦୦ ଟଙ୍କା ଲେଖାଏ ଜରିମାନା ପଡିଥିଲା । ଟିକସ ଦେଇ ନଥିବାରୁ ତାଙ୍କ ପାଖକୁ ଏକ (ଶେଷ ପୃଷ୍ଠା ଦେଖନ୍ତୁ)

## +୨ ଫର୍ମ ପୂରଣ ତାରିଖ ଘୁଞ୍ଚିଲା

**ଭୁବନେଶ୍ୱର,୨୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାତ୍ୟା ମନ୍ଥା ପାଇଁ ଯୁକ୍ତ ଦୁଇ ଫର୍ମ ପୂରଣ ତାରିଖ ଘୁଞ୍ଚିଲା । ଅକ୍ଟୋବର ୨୮ରେ ଶେଷ ହେଉଥିଲା ଯୁକ୍ତ ଦୁଇ ପରୀକ୍ଷା ପାଇଁ ଫର୍ମ ପୂରଣ । କିନ୍ତୁ ବାତ୍ୟା ପାଇଁ ଅନେକ କଲେଜରେ ଛାତ୍ରଛାତ୍ରୀ ଫର୍ମ ପୂରଣ କରିପାରିନାହାନ୍ତି । ଏନେଇ କଲେଜଗୁଡିକଠାରୁ ନିବେଦନ ଆସିବା ପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ନଭେମ୍ବର ୩ ତାରିଖକୁ ଘୁଞ୍ଚିଛି ଯୁକ୍ତ ଦୁଇ ଫର୍ମ ଫିଲଅପ ତାରିଖ ।

## ରେଭେନ୍ସା ହଷ୍ଟେଲରେ ଝାଡ଼ାବାନ୍ତି



**କଟକ,୨୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚେତିଲେନି କର୍ତ୍ତୃପକ୍ଷ । ଫଳରେ ପୁଣି ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଇଷ୍ଟ ହଷ୍ଟେଲର ୧୬ଜଣ ଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି । ସମସ୍ତ ଆକ୍ରାନ୍ତଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପିଇବା ପାଣିରୁ ଫୁଡ଼ ପଏଜନ ହୋଇଥିବା ଅନୁମାନ କରାଯାଉଛି । ପାଣି ପରୀକ୍ଷା ପାଇଁ ପଠାଯାଇଛି । ସୂଚନା ମୁତାବକ, ଗତକାଲି ରାତିରେ ହଷ୍ଟେଲର ଅନ୍ତେବାସୀମାନେ ଭାତ, ରୁଟି, ଅଣ୍ଡାତଡ଼କା ଓ ଭଜା ଖାଇଥିଲେ । ହଷ୍ଟେଲରେ ପ୍ରାୟ ୧୮୦ଜଣ ଛାତ୍ର ରହୁଛନ୍ତି । ଏହାପରେ କିଛି ଛାତ୍ର ଅସୁସ୍ଥ ଅନୁଭବ କରିଥିଲେ । ସମସ୍ତଙ୍କୁ ଉଦ୍ଧାର କରାଯାଇ କଟକ ଏସସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ଏ ନେଇ ମେଡ଼ିକାଲ କର୍ତ୍ତୁପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । ପୂର୍ବରୁ ମଧ ରେଭେନ୍ସା ଅନ୍ୟ ଏକ ହଷ୍ଟେଲରେ ଫୁଡ଼ ପଏଜନ ହୋଇଥିଲା । ହଷ୍ଟେଲରେ ଆକ୍ୱାଗାର୍ଡ଼ ଖରାପ ଥିବାବେଳେ ଦୂଷିତ ପାଣି ବାହାରୁଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି । ଖବର ପାଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ହଷ୍ଟେଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡ଼ିଛି ।

# ଆତ୍ମସମର୍ପଣ କଲେ ୭୨ ମାଓବାଦୀ

**ରାୟପୁର,୨୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁଣି ଆତ୍ମସମର୍ପଣ କଲେ ମାଓବାଦୀ । ଜଙ୍ଗଲକୁ ଛି କରି ଅସ୍ତ୍ର ଛାଡିଛନ୍ତି ମାଓବାଦୀ । ଆଉ ଅନ୍ଧାରୀ ଜଙ୍ଗଲରୁ ବାହାରି ସହର ମୁହାଁ ହେବା ସହ ଆତ୍ମସମର୍ପଣ କରିଛନ୍ତି ୭୨ ନକ୍ସଲ । ଛତିଶଗଡରେ ଦିନକରେ ୭୨ ମାଓବାଦୀ ଅସ୍ତ୍ର ତ୍ୟାଗ କରିଛନ୍ତି ଆଉ ପୋଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି ।

ତେବେ ସୀମାବର୍ତ୍ତୀ ଜିଲ୍ଲା ଛତିଶଗଡରେ ମାଓବାଦର ମୂଳପୋଛ ପାଇଁ ଅପରେସନ ଚାଲିଥିବା ବେଳେ ମାଓ ନିପାତ ପାଇଁ ବିଭିନ୍ନ ସମୟରେ ଆହ୍ୱାନ ହେଉଛି ଆଉ ଜୀବନ ବିକଳରେ ମାଓବାଦୀମାନେ ଆତ୍ମସମର୍ପଣ କରୁଛନ୍ତି । ଏହି କ୍ରମରେ ଆଜି ବସ୍ତର ଡିଭିଜନର କାଂକେର ଜିଲ୍ଲାରେ ୨୧ ମାଓବାଦୀ ଅସ୍ତ୍ର ତ୍ୟାଗ କରିବା ସହ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କୁ ସ୍ୱାଗତ କରିବା ପାଇଁ ରେଡ୍ କାରପେଟ୍ ବିଛାହେବା ସହ ଆଇଜି ତାଙ୍କୁ ସମ୍ବିଧାନର ବହି ଉପହାର ଦେଇଛନ୍ତି ।




ସେପଟେ ଛତିଶଗଡ ବିଜାପୁର ଠାରେ ୫୧ ମାଓବାଦୀ ଅସ୍ତ୍ରତ୍ୟାଗ କରି ଆତ୍ମସମର୍ପଣ କରିଛନ୍ତି । ବିଜାପାରୁ ପୁଲିସ ନକଟରେ ବନ୍ଧୁକ ସମର୍ପଣ କରିଛନ୍ତି ମାଓବାଦୀ । ଦକ୍ଷିଣ ବସ୍ତର ଅଂଚଳରେ ସକ୍ରୀୟ ହିଡମା ବାଟାଲିୟନର ଅନେକ ସଦସ୍ୟଙ୍କ ଅସ୍ତ୍ରତ୍ୟାଗ କରିବା ପରେ ପୋଲିସ ଏବଂ ସୁରକ୍ଷା ବଳକୁ ଏକ ବଡ ସଫଳତା ମିଳିଛି । ଆତ୍ମସମର୍ପଣ କରିଥିବା ୭୨ ମାଓବାଦୀଙ୍କ ମଧ୍ୟରୁ ଅନେକ ମହିଳା ମାଓବାଦୀ (ଶେଷ ପୃଷ୍ଠା ଦେଖନ୍ତୁ)

## ଓଡ଼ିଆ ନାବାଳିକା ମହାରାଷ୍ଟ୍ରରୁ ଉଦ୍ଧାର: ଅଭିଯୁକ୍ତ ଗିରଫ

**ରାଜନଗର,୨୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାର ଜଣେ ନାବାଳିକା ମହାରାଷ୍ଟ୍ରରୁ ଉଦ୍ଧାର ହୋଇଛନ୍ତି । ନାବାଳିକାଙ୍କୁ ଜଣେ ଓଡିଆ ଯୁବକ କୌଶଳକ୍ରମେ ଅପହରଣ କରି ମହାରାଷ୍ଟ୍ରର ସୋଲାପୁର ନେଇଯାଇଥିଲେ । ପରିବାର ଲୋକଙ୍କର ଅଭିଯୋଗ ଅନୁଯାୟୀ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ବଢ଼ାଇ ଥିଲା । ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ଅଭିଯୁକ୍ତ ହେଲା ସୌରଭ ଦାସ ।

ପୁଲିସ କହିଛି କେନ୍ଦ୍ରାପଡା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ୧୪ ବର୍ଷିଆ ନାବାଳିକାକୁ ଗତ ମେ’ ମାସରେ (ଶେଷ ପୃଷ୍ଠା ଦେଖନ୍ତୁ)

## ୩ କୋଟି ଟଙ୍କାରୁ ଅଧିକ ଠକେଇ
## ଆତ୍ମଘୋଷିତ ଆଧ୍ୟାତ୍ମିକ ଗୁରୁଙ୍କୁ ସର୍ତ୍ତମୂଳକ ଜାମିନ

**କଟକ,୨୯।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ନିଜକୁ ଆଧ୍ୟାତ୍ମିକ ଗୁରୁ ବୋଲି ପରିଚୟ ଦେଇ ଜଣେ ବିଶିଷ୍ଟ ବ୍ୟବସାୟୀଙ୍କ ନିକଟରୁ ୩ ରୁ ୪କୋଟି ଟଙ୍କା ଠକି ନେଇଥିବା ଅଭିଯୋଗରେ ଗିରଫ ସମ୍ବିତ ରାୟଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ୫ ଲକ୍ଷ ଟଙ୍କାର ୨ ଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ ତାଙ୍କୁ ଜାମିନରେ ଛାଡ଼ିବେ । ଜାମିନରେ ଛାଡ଼ ପାଇବା ପରେ ସେ ତଦନ୍ତରେ ସହଯୋଗ କରିବେ, ନିଜ ଠିକଣା ଓ ଫୋନ ନଂ ସମ୍ପର୍କିତ ତଥ୍ୟ ନିମ୍ନ ଅଦାଲତ ଏବଂ ତଦନ୍ତକାରୀ ଏଜେନ୍ସି ନିକଟରେ ଦାଖଲ କରିବେ । ପାସପୋର୍ଟ ଜମା କରିବେ, ଅଦାଲତ ବିନା ଅନୁମତିରେ ଦେଶ ଛାଡ଼ି ବାହାରକୁ ଯାଇପାରିବେ ନାହିଁ ବୋଲି ହାଇକୋର୍ଟ ସର୍ତ୍ତାରୋପ କରିଛନ୍ତି । ଯଦି କୌଣସି ସର୍ତ୍ତ ଆବେଦନକାରୀ ଉଲଂଘନ କରନ୍ତି, ତେବେ ତାଙ୍କ ଜାମିନ ବାତିଲ ହେବ ବୋଲି ହାଇକୋର୍ଟ କହିଛନ୍ତି । ଜଷ୍ଟିସ ଗୌରୀ ଶଙ୍କର ଶତପଥିଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ବିତ ରାୟଙ୍କ ଜାମିନ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି ।

ମାମଲାର ବିବରଣୀରୁ ପ୍ରକାଶ ଯେ, ମେ ୨୩ ରେ ବିଜୟ ଖଣ୍ଡେଲୱାଲ ମର୍କତନଗର ଥାନାରେ ସମ୍ବିତଙ୍କ ବିରୋଧରେ ଏତଲା ଦେଇଥିଲେ । ଅଭିଯୋଗରେ ଉଲ୍ଲେଖ କରାଯାଇଥିଲା ଯେ, ୨୦୨୨ ରେ ସେ ସମ୍ବିତକୁ ଭେଟିଥିବାବେଳେ ସେ ନିଜକୁ ଜଣେ ଆଧ୍ୟାତ୍ମିକ ଗୁରୁ ଭାବେ ପରିଚିତ କରାଇଥିଲେ । କିଛିଦିନ ପରେ ସମ୍ବିତ ତାଙ୍କୁ ସିଡ଼ିଏ ସ୍ଥିତ ଘରକୁ ଧ୍ୟାନ ଓ କୀର୍ତ୍ତନ କରିବାକୁ ଡାକିଥିଲେ । ଏତଲାକାରୀଙ୍କ କାର୍ଯ୍ୟାଳୟକୁ ମଧ ସମ୍ବିତ ଯାଆସ କରୁଥିଲେ । କିଛିଦିନ ପରେ ଏତଲାକାରୀ ଜାଣିବାକୁ ପାଇଥିଲେ ଯେ, (ଶେଷ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ଡାକଘର ଏଟିଏମ୍ ଚେନ୍ନାଇରେ ନବୀକରଣ

**ଭୁବନେଶ୍ୱର,୨୯।୧୦: ତଥ୍ୟ**

ଜାତୀୟକରଣ ଓ ଘରୋଇ ବ୍ୟାଙ୍କ୍‌ରେ ଜମାକାରୀମାନଙ୍କ ଏଟିଏମ୍ କାର୍ଡର ଅବଧି ସରିବା ପୂର୍ବରୁ ବିନା ଆବେଦନରେ ନୂଆ କାର୍ଡ ଡାକରେ ଆସି ଘରେ ପହଞ୍ଚି ଯାଉଥିବାବେଳେ ଯେଉଁମାନେ ଡାକଘରେ ଜମାଖାତା ଖୋଲି ଏଟିଏମ୍ କାର୍ଡ ନେଇଛନ୍ତି ସେମାନଙ୍କର କାର୍ଡର ଅବଧି ସରିବାପରେ ମାସ ମାସ ଧରି ନବୀକରଣ ହୋଇପାରୁ ନାହିଁ । ଗାଁ ଗହଳ ତ ଦୂରରକଥା, ଖୋଦ୍ ରାଜଧାନୀର ଡାକଘର ଜମାକାରୀମାନଙ୍କର ଏହା ସମସ୍ୟା ।

ପୂର୍ବରୁ ରାଜଧାନୀର ମୁଖ୍ୟ ଡାକଘର ସମେତ ଅନ୍ୟ କାଉଣ୍ଟରଗୁଡିକରୁ ଦିନକରେ ଏଟିଏମ୍ କାର୍ଡ ନବୀକରଣ ହୋଇଯାଉଥିଲା । ଏମିତିକି କାର୍ଡର ଅବଧି ସରିବା ପୂର୍ବରୁ ନୂଆ କାର୍ଡ ବି ଡାକଘରକୁ ଆସି ଯାଉଥିଲା । ତେଣୁ ସିଧାସଳଖ କାଉଣ୍ଟରରୁ ଜମାକାରୀମାନେ ସହଜରେ ଏଟିଏମ୍ କାର୍ଡ ପାଉଥିଲେ । ଏବେ ନୂଆ ଏଟିଏମ୍ କାର୍ଡ ହେଉ କିମ୍ବା ପୁରୁଣା କାର୍ଡର ନବୀକରଣ ପାଇଁ ଭୁବନେଶ୍ୱରକୁ ଚେନ୍ନାଇ ଉପରେ ନିର୍ଭର କରିବାକୁ ପଡୁଛି ।

ଏଟିଏମ୍ କାର୍ଡର ଅବଧି ସରିବା ପୂର୍ବରୁ କିମ୍ବା ପରେ ନିର୍ଦ୍ଧାରିତ ଫର୍ମରେ ଜମାକାରୀମାନେ ଆବେଦନ କରୁଛନ୍ତି ଏବଂ ତାହା ତନଖି କରିବା ପରେ ପରେ ଇଣ୍ଟରନେଟ୍ ଯୋଗେ ଚେନ୍ନାଇ ପଠାଯାଉଛି । ଚେନ୍ନାଇରେ ଯେଉଁ ସଂସ୍ଥାକୁ ଓଡିଶାର ଡାକଘର ପାଇଁ ଏଟିଏମ୍ କାର୍ଡ ପ୍ରସ୍ତୁତ ଦାୟିତ୍ୱ ଦିଆଯାଇଛି ସେମାନେ ସେଠାରୁ ଢେର ବିଳମ୍ବରେ ଗ୍ରାହକଙ୍କ ଠିକଣାରେ କାର୍ଡ ପଠାଉଥିବାରୁ ଏଥିରେ ମାସାଧିକ କାଳ ଧରି ଲୋକଙ୍କୁ ବାରମ୍ବାର ଡାକଘର କାଉଣ୍ଟରକୁ ସ୍ଥିତି ଜାଣିବାଲାଗି ଦଉଡିବାକୁ ପଡୁଛି ।




କେବଳ ଡାକଘର ସଞ୍ଚୟ ବ୍ୟାଙ୍କ୍ ଏଟିଏମ୍ କାର୍ଡ ନୁହେଁ, ବିଏସଏନଏଲ୍ ଫୋନ୍‌ର ନୂଆ ସିମ୍ କାର୍ଡ ଓ ପୁରୁଣାର ନବୀକରଣ ପାଇଁ ଓଡିଶାର ଗ୍ରାହକମାନଙ୍କୁ କୋଲକତା ଉପରେ ନିର୍ଭର କରିବାକୁ ହେଉଛି । ଫଳରେ ତୁରନ୍ତ ସିମ୍‌କାର୍ଡ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ଏବଂ ନୂଆ ସିମ୍ ଖରିଦ କରିବାପରେ ତାହାକୁ ସକ୍ରିୟ କରାଇବା ଲାଗି ଗ୍ରାହକମାନଙ୍କୁ ବିଏସଏନଏଲ୍ ଅଫିସକୁ ଦଉଡିବାକୁ ପଡୁଥିବାବେଳେ ସେଠାକାର କର୍ମଚାରୀମାନେ ହାତ ଟେକି ଦେଇ କୋଲକତାରୁ ଏହା ସକ୍ରିୟ ହେବ ବୋଲି କହୁଛନ୍ତି ।

କେନ୍ଦ୍ରରେ ଡାକ ଓ ଟେଲିକମ୍ ବିଭାଗର ମନ୍ତ୍ରୀ ଅଛନ୍ତି ଓଡିଶାର ରାଜ୍ୟସଭା ସାଂସଦ । ସାରା ଦେଶପାଇଁ ବିଏସଏନଏଲ୍‌ର ୪-ଜି ସେବା ଖୋଦ୍ ପ୍ରଧାନମନ୍ତ୍ରୀ ଓଡିଶା ଗସ୍ତରେ ଆସି ଝାରସୁଗୁଡା ନିକଟରେ ଏକ ସ୍ୱତନ୍ତ୍ର ଉତ୍ସବରେ କରିଯାଇଛନ୍ତି । ସ୍ୱଦେଶୀ ଜ୍ଞାନକୌଶଳରେ ତିଆରି ହୋଇଥିବା ୫-ଜି ସିମ୍ ବିଏସଏନଏଲ୍ କର୍ତ୍ତୃପକ୍ଷ ଗ୍ରାହକମାନଙ୍କୁ ଦେଉଛନ୍ତି । ଅନ୍ୟ ପଟେ ବହୁ ପୁରୁଣା ବିଏସଏନଏଲ୍ ଗ୍ରାହକଙ୍କ ସିମ୍ କାର୍ଡ ଠିକଣା ଭାବେ କାମ କରୁନାହିଁ । ଫଳରେ ଅନେକ ପୁରୁଣା ଗ୍ରାହକ ଅନ୍ୟଘରୋଇ କମ୍ପାନୀର ସିମ୍ କିଣିବାକୁ ବାଧ ହେଉଛନ୍ତି ।

ଡାକଘର ସଞ୍ଚୟ ବ୍ୟାଙ୍କ୍‌କୁ ସାଧାରଣତଃ ନିରାପଦ ବୋଲି ବର୍ଷ ବର୍ଷ ଧରି ଲୋକେ ମାନି ଆସୁଛନ୍ତି । ବୈଷୟିକ ବିଦ୍ୟାର ବିକାଶ ସହିତ ଅନ୍ୟ ଜମାକାରୀ ବ୍ୟାଙ୍କ୍‌ମାନଙ୍କ ସମତୁଲ ସେବା ଦେବାପାଇଁ ଡାକ ବିଭାଗ ବି ଏଟିଏମ୍ କାର୍ଡ ପ୍ରଚଳନ କରିଥିଲେ । କିନ୍ତୁ ଏବେ ଓଡିଶା ଗ୍ରାହକଙ୍କ ଏଟିଏମ୍ କାର୍ଡ (ଶେଷ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୩୦ ଅକ୍ଟୋବର ୨୦୨୫ । ଗୁରୁବାର




## ବଡ ଗେଙ୍ଗୁଟୀ ନଦୀରୁ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମାହାଙ୍ଗା ଥାନା ଅନ୍ତର୍ଗତ କୁମୁଡା ଜୟପୁର ଫାଣ୍ଡି ଅଧିନ ମଧୁପୁର ପଞ୍ଚାୟତ କୁସୁକଣ୍ଡା ଠାରେ ବଡଗେଙ୍ଗୁଟୀ ନଦୀରୁ ଅଚିହ୍ନା ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଥିବା ଜଣାଯାଇଛି । ସୂଚନା ମୁତାବକ ବୁଧବାର ଭୋରରୁ ଗ୍ରାମର ଜଣେ ବ୍ୟକ୍ତି ବଡ ଗେଙ୍ଗୁଟୀ ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ନଦୀରେ ଜଣେ ଯୁବକଙ୍କ ମୃତ ଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ଲୋକେ କୁମୁଡା ଜୟପୁର ଫାଣ୍ଡିକୁ ଖବର ଦେଇଥିଲେ । ଖବର ପାଇ ଥାନା ଅଧିକାରୀ ତପନ କୁମାର ରାଉତ, ଫାଣ୍ଡି ଅଧିକାରୀ ମନୋଜ ବେହେରା ଘଟଣା ସ୍ଥଳରେ ପହଞ୍ଚି କୁଆଁପାଳ ଦମକଳବାହିନୀ ସାହାଯ୍ୟରେ ନଦୀ ପାଣିରୁ ଯୁବକଙ୍କ ମୃତ ଦେହ ଉଦ୍ଧାର କରିଥିଲେ । ପଞ୍ଚନାମା କରାଯାଇ ଶବ ଜବତ କରି ଥାନା ପକ୍ଷରୁ ୨୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟଚ୍ଛେଦ ନିମନ୍ତେ କଟକ ପଠାଯାଇଥିବା ଜଣାଯାଇଛି । ମୃତ ଯୁବକଙ୍କ ବୟସ ପାଖାପାଖି ୨୦ରୁ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବାବେଳେ ଯୁବକ ଜଣକ କଳା ଓ ନାଳି ପଟି ହ୍ୟାପ ପ୍ୟାଣ୍ଟ ପିନ୍ଧିବାକୁ ଦେଖିବାକୁ ମିଳିଛି । ଯଦି କେହି ଏହି ଯୁବକଙ୍କ ପରିଚୟ ପାଆନ୍ତି ମାହାଙ୍ଗା ଥାନା କୁମୁଡା ଜୟପୁର ଫାଣ୍ଡି ଅଧିକାରୀଙ୍କ ମୋବାଇଲ ନଂ ୯୭୭୬୬୭୭୦୪୬ରେ ଯୋଗାଯୋଗ କରିବା ପାଇଁ ଫାଣ୍ଡି ପକ୍ଷରୁ ସୂଚନା ଦିଆଯାଇଛି।

## ଚାଷୀର ମେରୁଦଣ୍ଡ ଭାଙ୍ଗିଲା ବାତ୍ୟା ମନ୍ଥା



**ଶେରଗଡ: ଏକ୍ସପ୍ରେସ ନ୍ୟୁଜ୍**

ପ୍ରଥମେ ବର୍ଷା ଅଭାବରୁ ମରୁଡି ସୃଷ୍ଟି ହୋଇଥିବା ବେଳେ ପରେ ପାଳ ପୋକ ଏବଂ ଶେଷରେ ବାତ୍ୟା ମନ୍ଥା ଜନିତ ବର୍ଷା ରେ ଚାଷୀ ସର୍ବସ୍ୱାନ୍ତ ହୋଇପଡିଛି । ଗୋଟିଏ ପରେ ଗୋଟିଏ ସମସ୍ୟା ନେଇ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି । ବାତ୍ୟା ମନ୍ଥା ଜନିତ ବର୍ଷା ଓ ପବନ ଦୁଇ ଦିନ ଧରି ଲାଗି ରହିଛି । ଶେରଗଡ ବ୍ଲକର ଚାଷୀ ଏବେ ଘୋର ଚିନ୍ତାରେ । ବ୍ଲକର ଶହ ଶହ ହେକ୍ଟର ଜମିର ଧାନ ଗଛ ଗୁଡିକ ପବନରେ ପଡି ପାଣିରେ ବୁଡ଼ି ରହିଛି । ଆଉ କିଛି ଜମିରେ ପବନ ଦ୍ୱାରା ବାଡେଇ ହୋଇ ଧାନ ଗଛର ଫୁଲ ଝଡି ପଡିଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ଧାନ ଆଧାର ଖାଇ ମଥା ନୁଆଁଇବା ବେଳେ ଆଉ କିଛି ଦିନ ପରେ ଚାଷୀ ଧାନ ଅମଳ କରିଥାନ୍ତା । ଚାଷୀ ଏବେ ପାଣିରେ ଭିଜି ରହିଥିବା ଧାନକୁ କରିବ କ'ଣ ? ବ୍ଲକର ଶେରଗଡ, ତାକରଡା, ଧବଳପୁର, କୃଷ୍ଣଛାଇ, ଧନନ୍ତର, ଗୋବିନ୍ଦପୁର, ପିଉଳ, କୁଲାଗଡ, ତହଁର ଓ ବ୍ରାହ୍ମଣଛାଇ ଏପରି ଅଧିକାଂଶ ଗ୍ରାମ ପଞ୍ଚାୟତରେ ଧାନ ଗଛ ପାଣିରେ ଭିଜି ରହିଥିବା ଦେଖିବାକୁ ମିଳିଛି । ବ୍ଲକର ଅଧିକାଂଶ ଗ୍ରାମ ପଞ୍ଚାୟତରେ ବାତ୍ୟା ମନ୍ଥା ଜନିତ ଲଗାଣ ବର୍ଷା ଓ ପବନ ଯୋଗୁଁ ଧାନ ଗଛ ଗୁଡିକ ବିଲରେ ଶୋଇ ରହିଛି । ଏହାକୁ ଉଠାଇବା ସମ୍ଭବପର ହୋଇ ପାରୁନାହିଁ । ଏଭଳି ପରିସ୍ଥିତିରେ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ, ବାତ୍ୟା ମନ୍ଥା ଅବପାତ କରିବା ପରେ ଆହୁରି ଦୁଇ ଦିନ ବର୍ଷା ହେବାର ସମ୍ଭାବନା ରହିଛି । ଏଭଳି ପରିସ୍ଥିତିରେ ଚାଷୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ଯେ, ଚାଷୀ ଧାର କରି ଆଣିଥିବା ବ୍ୟାଙ୍କ ବା ମହାଜନ ଠାରୁ କରିଥିବା ଋଣ ଶୁଝି ପାରିବ କି ନାହିଁ ତାହା ସନ୍ଦୀହାନ ଘେରରେ । ତେଣୁ ରାଜସ୍ୱ ଓ କୃଷି ବିଭାଗର ଅଧିକାରୀମାନେ ବ୍ଲକର ପାଣିରେ ବୁଡି ରହିଥିବା ଜମିକୁ ଚିହ୍ନଟ କରି ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ଚାଷୀ ଅଜୟ କୁମାର ପାଢୀ, ନାରାୟଣ ରଥ, ଶିଶିର କୁମାର ଗୌଡ, ବଳରାମ ରାଉତ, ହଂସ ଗୌଡ, ପ୍ରଫୁଲ୍ଲ ଚନ୍ଦ୍ର ନାୟକଙ୍କ ସହ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି ।

## ଓଲଟିଲା ବେଆଇନ ପଥର ବୋଝେଇ ଡମ୍ଫର

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**



ସୁବର୍ଣ୍ଣରେଖା ନଦୀ କୂଳ ବାଲିକବାର୍ଡ଼ ଠାରେ ପଥର ବନ୍ଧ ନିର୍ମାଣ ପାଇଁ ପ୍ରତ୍ୟହ ରାତିରେ ସରସିଦା ପାଇକସିଦା ଗ୍ରାମ ରାସ୍ତାରେ ବଡ ବଡ ପଥର ଭର୍ତ୍ତି ବେଆଇନ ଡମ୍ଫର ଠିକାଦାରଙ୍କ ଦ୍ୱାରା ପରିବହନ ହୋଇ ଆସୁଛି । ସୋମବାର ରାତିରେ ୪ଟି ଡମ୍ଫର ପଥର ବୋଝେଇ ହୋଇ ଆସୁଥିବା ବେଳେ ପାଇକସିଦା ହାଇସ୍କୁଲ ନିକଟ ରାସ୍ତା ଧସି, ଓଆର-୦୧୬-ଡି-୩୩୦୯ ନମ୍ବର ବିଶିଷ୍ଟ ଡମ୍ଫରଟି ଗାଡିଆକୁ ଓଲଟି ପଡିଥିଲା । ଦୁର୍ଘଟଣା ସୂଚନା ପ୍ରସାରିତ ହେବା ପରେ ସ୍ଥାନୀୟ ବାସିନ୍ଦା ଓ ଗ୍ରାମବାସୀ ଓଡି-୦୧-ଏଫ ୪୧୯୯, ଓଡି-୩୩-ସି-୬୭୨୭ ଓ ଓଡି-୦୧-ପି-୯୩୬୬ ନମ୍ବରର ଅନ୍ୟ ୩ଟି ପଥର ବୋଝେଇ ଡମ୍ଫରକୁ ଅଟକ ରଖିଥିଲେ । ଘଟଣା ସ୍ଥଳରେ ଜଳେଶ୍ୱର ତହସିଲାଦାର ସତ୍ୟଜିତ ମହାନ୍ତି ଓ ଜଳେଶ୍ୱର ଥାନା ପକ୍ଷରୁ ପୋଲିସ ଅଧିକାରୀ ଆସି ବୁଝାସୁଝା କରିଥିଲେ । ମାତ୍ର ଖଣି ବିଭାଗ ଅଧିକାରୀଙ୍କୁ ଗ୍ରାମବାସୀ ଫୋନ କରିଥିଲେ ମଧ ଘଟଣାସ୍ଥଳକୁ ଆସି ନ ଥିଲେ । ତେବେ କାହା ସାହସରେ ପ୍ରତ୍ୟେକ ଦିନ ରାତିରେ ବିନା କାଗଜ ପତ୍ରରେ ବଡ ବଡ଼ ଡମ୍ଫର ଦ୍ୱାରା ବେଆଇନ ପଥର ଚାଲାଣ କାହା ଇଙ୍ଗିତରେ ଚାଲିଛି ସେ ନେଇ ଲୋକେ ପ୍ରଶ୍ନ ଉଠାଇଥିଲେ । ଗ୍ରାମାଞ୍ଚଳ ରାସ୍ତାରେ ୬ ଟନ ଓଜନର ସାମଗ୍ରୀ ଯିବା ନିୟମ ଥିବା ବେଳେ ୩୦ରୁ ୪୦ ଟନ ପଥର ପରିବହନ ହେଉଛି । ଏହାକୁ କୌଣସି ଅଧିକାରୀଙ୍କ ନଜର ପଡୁନଥିବାରୁ ଗ୍ରାମାଞ୍ଚଳ ସଡ଼କ ନଷ୍ଟ ହେବା ସହ ଦୁର୍ଘଟଣା ବଢୁଛି । ଡମ୍ଫରଟି ୧୮ ଘଣ୍ଟା ପଡି ରହିଥିବା ବେଳେ ଠିକାଦାର କିମ୍ବା ପ୍ରଶାସନ ଘଟଣା ସ୍ଥଳରେ ଆସି ସମାଧାନ କରି ନ ଥିଲେ । ଡମ୍ଫର ଗୁଡ଼ିକ ଦୀର୍ଘ ସମୟ ରାସ୍ତାରେ ଛିଡା ହୋଇ ଥିବାରୁ ସ୍କୁଲ ପିଲା ଓ ସାଧାରଣ ଲୋକେ ଯାତାୟାତରେ ଘୋର ବାଧା ଉପୁଜିଥିଲା । ଖବର ପାଇ ବିଜେପି ନେତା ବ୍ରଜ ମୋହନ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ସମ୍ପୃକ୍ତ ଠିକାଦାର କ୍ରେନ ଦ୍ୱାରା ଡମ୍ଫରକୁ ଉଠାଇଥିଲେ । ଏହା ସହିତ ୩ଟି ଅଟକ ଡମ୍ଫରକୁ ଲୋକେ ଛାଡିଥିଲେ । ଆଗାମୀ ଦିନରେ ଗ୍ରାମ୍ୟ ରାସ୍ତାରେ ଏଭଳି ଡମ୍ଫର ଦ୍ୱାରା ପଥର ପରିବହନକୁ ବିରୋଧ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ଏନଏସିରେ କାଉସିଲର ବୈଠକକୁ ନେଇ ବିବାଦ

**କୋଦଳା: ଏକ୍ସପ୍ରେସ ନ୍ୟୁଜ୍**



କୋଦଳା ଏନଏସିରେ କାଉସିଲର ବୈଠକକୁ ନେଇ ଏହିଭଳି ସଂଗୀନ ଅଭିଯୋଗ ଆସିଛି । ସାମ୍ବାଦିକ ସମ୍ମିଳନୀ କରି ପ୍ରତିକ୍ରିୟା ରଖିଲେ ଗଞ୍ଜାମ କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ସୂର୍ଯ୍ୟନାରାୟଣ ନାୟକ । କିଛିକୁ ଚକ୍ରିମାନେ ନିଜ ସ୍ୱାର୍ଥ ପାଇଁ କୋଦଳା ଏନଏସି ଅଧକ୍ଷଙ୍କୁ ବଦନାମ କରୁଥିବା ସେ ଅଭିଯୋଗ କରିଛନ୍ତି । ସୂର୍ଯ୍ୟନାରାୟଣ ନାୟକ ଅଧକ୍ଷ ହେବା ପରେ କୋଦଳା ଏନଏସିରେ ଉନ୍ନତି ମୂଳକ କାମ ଜାରି ରହିଥିବା ବେଳେ କିଛି କାଉନସିଲରଙ୍କର ନିଜ ସ୍ୱାର୍ଥ ସାଧନା ନହେବା କାରଣରୁ ସେମାନେ ଅଧକ୍ଷଙ୍କୁ ବଦନାମ କରୁଥିବା ଅଧକ୍ଷ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉକି ବିଗତ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଅଧକ୍ଷ ଜିତିକି ଆସିବା ପରେ ବାଦ ବିବାଦ ଭିତରେ ଉନ୍ନତିମୂଳକ କାର୍ଯ୍ୟ ଚାଲୁ ରହିଥିବା ବେଳେ ପିସି ମାଗୁଥିବା କାଉଁସିଲରମାନେ ପିସି ନମିଳିବାରୁ କିଛି ଦଲାଲ ରାଜନେତାଙ୍କ ଛତ୍ରଛାୟାର ଆଶ୍ରୟ ନେଇ ଏହି ପରି ମିଥ୍ୟା ଅଭିଯୋଗ ଆଣିଥିବା କହିଛନ୍ତି ଅଧକ୍ଷ । ଅନ୍ୟ କାଉଁସିଲରମାନଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ବୈଠକରେ ସମସ୍ତ କାର୍ଯ୍ୟ ଠିକଠାକରେ ହୋଇଥିବା ନେଇ କହିଥିଲେ ।

## ମିଶନ ଶକ୍ତି ଗୃହ ବାରଣ୍ଡା ପାଲଟିଛି ମଦୁଆଙ୍କ ଆଡ୍ଡାସ୍ଥଳୀ

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**




ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ପ୍ରାୟ ବହୁ ପଞ୍ଚାୟତରେ ମହିଳାମାନଙ୍କ ସୁବିଧା ସୁଯୋଗ ନିମନ୍ତେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଥିଲା । କିନ୍ତୁ ଅନେକ ମିଶନ ଶକ୍ତି ଗୃହ ବାରଣ୍ଡା ଏବେ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ଦେଖିବାକୁ ମିଳିଛି କଇଥା ପଞ୍ଚାୟତ ମିଶନ ଶକ୍ତି ଗୃହ ବାରଣ୍ଡାରେ । ସନ୍ଧ୍ୟା ହେଲେ ନିଶାଡୀଙ୍କ ଆଡ୍ଡାସ୍ଥଳି ପାଲଟିଛି ମିଶନ ଶକ୍ତି ଗୃହ ବାରଣ୍ଡା । ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକ ପ୍ରତ୍ୟହ ଏହି ବାରଣ୍ଡାରେ ମଦ ପିଇ ଅଳିଆ ଆବର୍ଜନା କରିବା ସହ କାଚ ବୋତଲ, ପାଣି ପାଉଜ, ପାଣି ବୋତଲ, ପାଉଚ ଆଦି ପକାଇ ପରିବେଶକୁ ଦୁଷିତ କରିଥାନ୍ତି । ମଦୁଆମାନେ ମଦ ବୋତଲ ଭାଙ୍ଗି ମିଶନ ଗୃହର ପ୍ରବେଶ ଦ୍ୱାରାରେ କାଚ ପକାଇଥିବା ଦେଖିବାକୁ ମିଳିଛି । ମିଶନ ଶକ୍ତି ପରିସରରେ ଗୁରୁତ୍ୱପୂର୍ଣ୍ଣ ଏକ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଣୀଧନ କେନ୍ଦ୍ର ରହିଅଛି । ଏଠାକୁ ଆସୁଥିବା କାର୍ଯ୍ୟରତ କର୍ମଚାରୀ ଓ ଚିକିତ୍ସା ସେବା ପାଇଁ ଆସୁଥିବା ସ୍ଥାନୀୟ ଲୋକେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ମଦୁଆଙ୍କ ଉତ୍ପାତ ଯୋଗୁ ସ୍ଥାନୀୟ ଲୋକେ ଭୟଭିତ ଅବସ୍ଥାରେ ରହିବା ସହ ଏଠାରେ ପୂର୍ବରୁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିବା ନଜିର ରହିଛି । ପୋଲିସ ପେଟ୍ରୋଲିଙ୍ଗ କଡା କଡି କରିବା ପାଇଁ ସାଧାରଣରେ ଦାବି ହୋଇଛି । ତେଣୁ ଅବକାରୀ ବିଭାଗ ଓ ପୋଲିସ ବିଭାଗ ପକ୍ଷରୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏଭଳି କାର୍ଯ୍ୟ କରୁଥିବା ଅସାମାଜିକ ଯୁବକଙ୍କ ବିରୁଦ୍ଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପବିତ୍ର ଅଁଳା ନବମୀ ଉପଲକ୍ଷେ ଦେବନୀତି ନିର୍ଘଣ୍ଟ

**ସାକ୍ଷୀଗୋପାଳ: ଏକ୍ସପ୍ରେସ ନ୍ୟୁଜ୍**

ସାକ୍ଷୀ ଗୋପାଳ ମନ୍ଦିରରେ ୩୧ ତାରିଖରେ ଅନୁଷ୍ଠିତ ହେବ ପ୍ରସିଦ୍ଧ ଅଁଳା ନବମୀ ଓ ରାଧା ପାଦ ଦର୍ଶନ । ଶ୍ରୀ ଶ୍ରୀ ସାକ୍ଷୀ ଗୋପାଳ ସେବାୟତ ସଂଘ ପକ୍ଷରୁ ଏଥିପାଇଁ ଦେବ ନୀତି ନିର୍ଘଣ୍ଟ ହୋଇଛି । ଅଁଳା ନବମୀ ଅକ୍ଟୋବର ୩୧ ତାରିଖ ଶୁକ୍ରବାର ଅନୁଷ୍ଠିତ ହେବ । ଦ୍ୱାରଫିଟା ପୂର୍ବ ରାତ୍ର ୧୨ ଘଟିକାରୁ ୧ ଘଟିକା, ମଙ୍ଗଳ ଆଳତୀ ରାତ୍ର ୧ ଘଟିକାରୁ ରାତ୍ର ୧.୩୦ ମିନିଟ, ବେଶ, ମଇଲମ, ମର୍ଦ୍ଦନ ଅବକାଶ ରାତ୍ର ୧.୩୦ ମିନିଟରୁ ୨ ଘଟିକା, ନଟବର ବେଶ ରାତ୍ର ୨ଟାରୁ ୨.୩୦ ମିନିଟ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ବଲ୍ଲଭ ରାତ୍ର ୨.୩୦ରୁ ୩ ଘଟିକା, ସକାଳ ଧୂପ, ବାଳଧୂପ ଓ ମଦନ ମୋହନ ଭୋଗ ରାତ୍ର ୩ ରୁ ୪ ଘଟିକା, ସେବାୟତ ଓ କର୍ମଚାରୀ ପରିବାର ଦର୍ଶନ ଭୋର ୫ ଘଟିକା ଠାରୁ, ସର୍ବସାଧାରଣ ଦର୍ଶନ ସାହାଣ ମେଲା ରାତ୍ର ୧୨.୩୦ ମିନିଟ, ସେବାୟତ ଓ କର୍ମଚାରୀ ପରିବାର ଦର୍ଶନ ଅପରାହ୍ନ ୪.୩୦ ମିନିଟ ଠାରୁ ଅପରାହ୍ନ ୫ ଘଟିକା, ସାଧାରଣ ଦର୍ଶନ ଅପରାହ୍ନ ୫ ଘଟିକାରୁ ରାତ୍ର ୧୨.୩୦ ମିନିଟ, ପରବର୍ତ୍ତୀ ଦେବନୀତି ଆରମ୍ଭ ଓ ପହୁଡ଼ ଅନୁଷ୍ଠିତ ହେବ । ସେହିପରି ନଭେମ୍ବର ୨ ତାରିଖ ବଡ ଏକାଦଶୀ ପାଇଁ ଦ୍ୱାରଫିଟା ପୂର୍ବ ରାତ୍ର ୧ ଘଟିକାରୁ, ମଙ୍ଗଳ ଆଳତୀ ବେଶ, ମଇଲମ, ମର୍ଦ୍ଦନ ଅବକାଶ ରାତ୍ର ୨ ଘଟିକା, ଲକ୍ଷ୍ମୀ ନାରାୟଣ ବେଶ ରାତ୍ର ୨ଟାରୁ ରାତ୍ର ୨.୩୦ ମିନିଟ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ବଲ୍ଲଭ ରାତ୍ର ୨.୩୦ ମିନିଟରୁ ରାତ୍ର ୩ ଘଟିକା, ସକାଳ ଧୂପ, ବାଳ ଧୂପ ଓ ମଦନ ମୋହନ ଭୋଗ ରାତ୍ର ୩ ଘଟିକାରୁ ୪ ଘଟିକା, ସେବାୟତ ଓ କର୍ମଚାରୀ ପରିବାର ଦର୍ଶନ ଭୋର ୪ଟାରୁ ୫ ଘଟିକା, ସର୍ବସାଧାରଣ ଦର୍ଶନ ସାହାଣ ମେଲା ଭୋର ୫ ଘଟିକାରୁ ଅପରାହ୍ନ ୩ ଘଟିକା, ପାଳିଆ ପରିବର୍ତ୍ତନ ଅପରାହ୍ନ ୩ଟାରୁ ଅପରାହ୍ନ ୩.୩୦ ମିନିଟ, ସର୍ବସାଧାରଣ ଦର୍ଶନ ଅପରାହ୍ନ ୩.୩୦ ମିନିଟରୁ ରାତ୍ର ୧୧ ଘଟିକା, ପରବର୍ତ୍ତୀ ଦେବନୀତି ଆରମ୍ଭ ଓ ପହୁଡ଼ ଅନୁଷ୍ଠିତ ହେବ ବୋଲି ସେବାୟତ ସଂଘର ସଂପାଦକ ଅବଗତ କରାଇଛନ୍ତି ।

## ଆଜି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଖଣ୍ଡପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୩୦ ତାରିଖ ଗୁରୁବାର ଅନୁଷ୍ଠିତ ହେବ ବୋଲି ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି । ଏଥିନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଥିବା ବେଳେ ପୂର୍ବାହ୍ନ ୯ ଘଣ୍ଟା ଠାରୁ ଶିବିର ଆରମ୍ଭ ହୋଇ ଅପରାହ୍ନ ୨ ଘଣ୍ଟା ସମୟରେ ଶେଷ ହେବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି । ଖଣ୍ଡପଡ଼ା ବ୍ଲକ ଅଧିନ ୨୨ଟି ପଞ୍ଚାୟତ ସମେତ ଖଣ୍ଡପଡ଼ା ସହରାଞ୍ଚଳରୁ ଭିନ୍ନକ୍ଷମ ବ୍ୟକ୍ତିବିଶେଷ ଶିବିରରେ ଉପସ୍ଥିତ ରହି ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଓ ପ୍ରମାଣପତ୍ର ନେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ବାଣିଜ୍ୟ

## ପାରାଦୀପ ପାଇଁ ୧.୦୬ ଲକ୍ଷ କୋଟି ନିବେଶ: ଓଏସ୍ଏଲ୍ କରିବ ମଲ୍ଟିପ୍ଲେକ୍ସ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**



ପାରାଦୀପରେ ଭିତ୍ତିଭୂମି ଓ ଗ୍ରିନ୍ ହାଇଡ୍ରୋଜେନ୍ କ୍ଷେତ୍ରରେ ୧.୦୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହେବ । ମୁମ୍ବାଇଠାରେ ଆୟୋଜିତ ଇଣ୍ଡିଆ ମାରିଟାଇମ୍ ୱିକ୍ ୨୦୨୫ର ଦ୍ୱିତୀୟ ଦିବସରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତରଫରୁ ଏନେଇ ବିଭିନ୍ନ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । 'ପୋର୍ଟ ଆଜ୍ ଇଞ୍ଜିନ ଅଫ୍ ଟ୍ରାନ୍ସଫର୍ମେସନ' ଅଧିବେଶନରେ ଏହି ବୁଝାମଣାପତ୍ରଗୁଡିକ ସ୍ୱାକ୍ଷର ହୋଇଥିଲା । ସେଥିରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନାୱାଲ ଅତିଥି ଭାବେ ଯୋଗଦେଇଥିଲେ । ମିଳିଥିବା ସୂଚନା ଅନୁସାରେ ଗ୍ରିନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ସ୍ଥାପନ କରିବାରେ ଏସିଏମ୍ଇ ୪୫,୦୦୦ କୋଟି ଟଙ୍କା, ଏଚ୍ଆଇଏଫ୍ ୩୫,୫୦୦ କୋଟି ଟଙ୍କା, ସେମ୍ବକର୍ପ ୧୩,୦୦୦ କୋଟି ଟଙ୍କା, ଓସିଓର୍ ୪୭୦୦ କୋଟି ଟଙ୍କା ଓ ଆଭାଡା ପକ୍ଷରୁ ୩୦୦୦ କୋଟି ଟଙ୍କା ନିବେଶ କରିବ ।

ଭିତ୍ତିଭୂମି ପ୍ରକଳ୍ପରେ ହୁଡ୍କୋ ୫୧୦୦ କୋଟି ଟଙ୍କା ନିବେଶ କରିବ । ଏହି ସମସ୍ତ ସଂସ୍ଥା ସହ ପାରାଦୀପ ବନ୍ଦର ପକ୍ଷରୁ ଏମ୍ଓୟୁ କରାଯାଇଛି । ପାରାଦୀପରେ ଓଏସ୍ଏଲ୍ ପକ୍ଷରୁ ୨୦୦ କୋଟି ଟଙ୍କାରେ ମଲ୍ଟିପ୍ଲେକ୍ସ ସ୍ଥାପନ କରାଯିବ । ସେଥିପାଇଁ ମଧ ବୁଝାମଣା ସ୍ୱାକ୍ଷର ହୋଇଥିବା ସୂଚନା ମିଳିଛି । ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ପାରାଦୀପ ବନ୍ଦର ଅଧକ୍ଷ ପିଏଲ୍ ହରନାଦ ଓ ବିଭିନ୍ନ କମ୍ପାନିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ମଙ୍ଗଳବାର ଏହି ସମ୍ମିଳନୀରେ ପାରାଦୀପ ବନ୍ଦର ପକ୍ଷରୁ ୫୦ ହଜାର କୋଟି ଟଙ୍କାର ଏମ୍ଓୟୁ ସ୍ୱାକ୍ଷର କରାଯାଇଥିଲା । ପୁରୀରେ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ୍, ବାହୁଦା ବନ୍ଦର ରେଳ ସଂଯୋଗ, ମାରିଟାଇମ୍ ମ୍ୟୁଜିୟମ ଓ ଲଜିଷ୍ଟିକ୍ସ ପାର୍କ, ପଣ୍ୟ ରପ୍ତାନି/ଆମଦାନୀ ଓ ଗ୍ରିନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ପାଇଁ ଯଥାକ୍ରମେ ଓଡିଶା ମାରିଟାଇମ୍ ବୋର୍ଡ, ଆଇପିଆର୍ସିଏଲ୍, ଇଫ୍କୋ ଓ ଏନ୍ଟିପିସି ସହ ବୁଝାମଣା ହୋଇଥିଲା ।

## ରେଳ ପ୍ରକଳ୍ପ ଆଗେଇବା ପାଇଁ ବାଟ ଫିଟିଲା

**ଦଶପଲ୍ଲା: ଏକ୍ସପ୍ରେସ ନ୍ୟୁଜ୍**

ଖୋର୍ଦ୍ଧା -ବଲାଙ୍ଗିର ରେଳ ଲାଇନ ସଂଯୋଗ କାର୍ଯ୍ୟ ଗତ କିଛି ଦିନ ହେବ ବନ୍ଦ ଥିଲା । କାରଣ ଖୋର୍ଦ୍ଧାରୁ ଦଶପଲ୍ଲା ପର୍ଯ୍ୟନ୍ତ ରେଳ ଚଳାଚଳ ସ୍ୱାଭାବିକ ହୋଇ ସାରିଛି । ସେପଟେ ବଲାଙ୍ଗିର ଠାରୁ ପୁରୁଣା କଟକ ପର୍ଯ୍ୟନ୍ତ ମଧ ଏବେ ରେଳ ଚାଲିଲାଣି । ମଝିରେ ପୁରୁଣା କଟକ ଠାରୁ ଦଶପଲ୍ଲା ୭୫ କିଲୋମିଟର ମଧ୍ୟରେ ୪.୭୭ କିଲୋମିଟର ଲମ୍ବ ସୁଉଚ୍ଚ ଭାୟା ଡକ୍ଟ ସେତୁ, ପ୍ରାୟ ୧୨.୬୭ କିଲୋମିଟର ଲମ୍ବର ୭ଟି ଟନେଲ ଆଦି ରହିଛି । କେନ୍ଦ୍ର ସରକାରଙ୍କ ରେଳ ବିଭାଗ ୨୦୨୬ ମାର୍ଚ୍ଚ ମାସ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରିବାକୁ ଚାହୁଁ ଥିବାବେଳେ ଦଶପଲ୍ଲା ବ୍ଲକ ଟାକରା ଗ୍ରାମ ପଞ୍ଚାୟତ ବୁଗୁଡ଼ା କଲୋନୀର ୩୩ଟି ପରିବାର ତାଙ୍କର ଜାଗା ଜମିର ମୂଲ୍ୟ ପାଇ ନ ଥିବାରୁ କାମ ବନ୍ଦ କରିଥିଲେ । ଦଶପଲ୍ଲା ତହସିଲଦାରଙ୍କ ପ୍ରଚେଷ୍ଟାରେ ସେସବୁ ସରକାରୀ ଜମିକୁ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ତାଙ୍କ ନାମରେ ପଟ୍ଟା କରାଇବା ପରେ ଏବେ ତାର କ୍ଷତି ପୂରଣ ଦେବାକୁ ସରକାର ଅର୍ଥ ମଂଜୁର କରି ଦେଇଛନ୍ତି । ଫଳରେ ବୁଗୁଡ଼ା କଲୋନୀରେ ଆଉ କାମ ଅଟକିବନି ବୋଲି ଜଣା ଯାଇଛି । ଖୁବ ଶୀଘ୍ର ଖୋର୍ଦ୍ଧା - ବଲାଙ୍ଗିର ରେଳ ଚଳାଚଳ କରିବ ବୋଲି ଆଶା କରାଯାଏ ।

## ସିନେମାଫିନେମା ଟିଭିଫିବି



## ଇମ୍ରାନ ହାଶମୀଙ୍କ ସହ ନଜର ଆସିବେ ୟାମି ଗୌତମ

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଅପକମିଙ୍ଗ ଫିଲ୍ମ 'ହକ୍'ରେ ଇମ୍ରାନ ହାଶମୀଙ୍କ ସହ ବଡପରଦାକୁ ଆସିବେ ୟାମି ଗୌତମ । ଫିଲ୍ମଟି ତିନ ତଲାକ ଭଳି ଏକ ସମ୍ବେଦନଶୀଳ ବିଷୟ ଉପରେ ପର୍ଯ୍ୟବେସିତ । ଏହାପୂର୍ବରୁ ଏକାଧିକ ସାମାଜିକ ବିଷୟ ଆଧାରିତ ଫିଲ୍ମରେ କାମ କରିଛନ୍ତି ୟାମି । ଏହି ସ୍ଥିତିରେ ତାଙ୍କ ଫିଲ୍ମ ପସନ୍ଦକୁ ଦୃଷ୍ଟିରେ ରଖି ତାଙ୍କୁ 'ରାଷ୍ଟ୍ରବାଦୀ' ଅଭିନେତ୍ରୀ ଟ୍ୟାଗ୍ ଦିଆଯାଉଛି ।

ଏହା ଉପରେ ୟାମି ପ୍ରତିକ୍ରିୟା ଦେଇ କହିଛନ୍ତି, ସେ ଏଭଳି ସମ୍ବୋଧନକୁ ଗମ୍ଭୀରତାର ସହ ନିଅନ୍ତି ନାହିଁ । କେବଳ କାମ ଉପରେ ଧ୍ୟାନ ଦିଅନ୍ତି । 'ହକ୍'ର ଟ୍ରେଲର୍ ଲଞ୍ଚ୍ ଅବସରରେ ୟାମିଙ୍କୁ କାହିଁକି ରାଷ୍ଟ୍ରବାଦୀ କୁହାଯାଉଛି ବୋଲି ପଚରାଯାଇଥିଲା । ୟାମି କହିଲେ, ମୁଁ ଏହା ଜାଣିନଥିଲି । ଲୋକେ ଆଜି ଗୋଟିଏ ଟ୍ୟାଗ୍ ଲଗାଉଛନ୍ତି । କାଲି ଆଉ କିଛି ଲଗାଇବେ । ପ୍ରଥମେ ମୋତେ ଅଣ୍ଡରରେଟେଡ୍ କୁହାଯାଉଥିଲା । ତା'ପୂର୍ବରୁ ଆଉ କିଛି କୁହାଯାଉଥିଲା । ଏ ସବୁ ବଦଳୁଥାଏ । ମୁଁ ଏସବୁ ଉପରେ ଧ୍ୟାନ ଦିଏନାହିଁ । ମୋତେ ଯେଉଁ ସୁଯୋଗ ମିଳୁଛି, ଯେଉଁ କାହାଣୀ ଶୁଣିବାକୁ ମିଳୁଛି ତା'ର ନିଜସ୍ୱ ମହତ୍ୱ ଓ ଆବଶ୍ୟକତା ଅଛି । ଆମେ ତାକୁ ମନୋରଞ୍ଜନ ମାଧ୍ୟମରେ ଉପସ୍ଥାପନ କରୁଛୁ । ସବୁ ପ୍ରକାର ଦର୍ଶକଙ୍କୁ ଯୋଡିବାକୁ କିଛି ନୂଆ ଓ ତାଜା କାହାଣୀ ଆଣିବାକୁ ଆମେ ଚେଷ୍ଟା କରୁଛୁ । ତେବେ ଦର୍ଶକ ଯେଉଁ ଟ୍ୟାଗ୍ ଦେଉଛନ୍ତି, ତାକୁ ୟାମି ସମ୍ମାନ ମଧ ଜଣାଇଛନ୍ତି । 'ହକ୍'୧୯୮୫ର ଚର୍ଚ୍ଚିତ ଶାହବାନୋ ବନାମ ଅହମଦଖାନ୍ ମାମଲା ଦ୍ୱାରା ପ୍ରେରିତ । ଫିଲ୍ମରେ ବର୍ତ୍ତିକା ସିଂହ, ଦାନିଶ ହୁସୈନ ଓ ଶିବାଚଡ୍ଡା ଅଭିନୟ କରିଛନ୍ତି । ସୁପର୍ଣ ଏସ୍ ବର୍ମାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ୭ ତାରିଖରେ ମୁକ୍ତିଲାଭ କରିବ ।

## ପାଣି ଓ ସ୍ୱଚ୍ଛତା ବିହୀନ ଔଷଧ ଗଚ୍ଛିତ ଗୃହ, ରୋଗୀ ହଇରାଣ

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**




ସରକାରୀ ଗାଇଡଲାଇନ ଅନୁସାରେ ବ୍ଲକ ମେଡିସିନ ଷ୍ଟୋର ହେଉଛି ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଯୋଗାଣ କେନ୍ଦ୍ର, ଯେଉଁଠାରୁ ବ୍ଲକ ଅନ୍ତର୍ଗତ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର, ଉପକେନ୍ଦ୍ର, ଅଙ୍ଗନବାଡି ଓ ସ୍କୁଲଗୁଡିକୁ ଆବଶ୍ୟକ ଔଷଧ ଓ ସାମଗ୍ରୀ ସପ୍ଲାଇ ହୋଇଥାଏ । କିନ୍ତୁ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଥିବା ଏହି ଔଷଧ ଗଚ୍ଛିତ ଗୃହର ଅବସ୍ଥା ଦେଖି କର୍ମଚାରୀ ଓ ରୋଗୀମାନେ ହଇରାଣ ହେଉଛନ୍ତି । ସ୍ଥାନୀୟ ସୂତ୍ର ଅନୁସାରେ, ଗୃହ ନିର୍ମାଣ କାମ ନିମ୍ନମାନରେ କରାଯାଇଥିଲା । ଅଧାପାନ୍ତରୀୟ ଅବସ୍ଥାରେ ଥିଲେ ମଧ ଠିକାଦାର ଅଧିକାରୀଙ୍କ ସହ ଅସାଧୁ ମେଣ୍ଟ କରି ପୁରା ବିଲ ନେଇଛି ବୋଲି ଗମ୍ଭୀର ଅଭିଯୋଗ ଉଠିଛି । ବାଥରୁମ୍, ଲାଟିନ ଓ ୱାଶିଂ ରୁମ ନିର୍ମାଣ ଅସମ୍ପୂର୍ଣ୍ଣ ରହିଥିବାରୁ ସେଠି ସ୍ୱଚ୍ଛତା ଅଭାବ ଭୟଙ୍କର ଆକାର ନେଇଛି । ଛାତ ଉପରେ ପାଣି ଝୁଲି ରହୁଛି, ଟାଙ୍କି ସଂଯୋଗ ହୋଇନାହିଁ, ବୋରୱେଲ ଥିଲେ ମଧ ସମରସେବଲ ମୋଟର ନାହିଁ । ଫଳରେ ଟାଙ୍କିରେ ପାଣି ନଥିବାରୁ କର୍ମଚାରୀମାନେ ବାହାରୁ ପାଣି ଆଣିବାକୁ ବାଧ ହେଉଛନ୍ତି । ୱାଶିଂ ରୁମ ନଥିବାରୁ ବ୍ଲିଚିଂ ପାଉଡର, କେମିକାଲ ଓ ଔଷଧ ବ୍ୟବହାର ପରେ ବାହାରେ ଧୋଇବାକୁ ପଡୁଛି । ଯାହା ଫଳରେ ସମୟ ନଷ୍ଟ ଓ ସ୍ୱାସ୍ଥ୍ୟ ଜୋଖିମ ବଢ଼ିଯାଉଛି । ରାତି ୧୦ଟା ପର୍ଯ୍ୟନ୍ତ ଜରୁରୀ ଡ୍ୟୁଟି କରୁଥିବା ୩ଜଣ କର୍ମଚାରୀ ପାଣି ଓ ସ୍ୱଚ୍ଛତା ସୁବିଧା ନଥିବାରୁ ଗୁରୁତର ସମସ୍ୟା ଭୋଗୁଛନ୍ତି । ଏହି ଗୃହରୁ ଯଖପୁରା, ରାବଣା, ଗୋବର୍ଦ୍ଧନ, ବରାଖାଇ, ଟମକା ସହିତ ୧୭ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ଅଙ୍ଗନବାଡି କେନ୍ଦ୍ରକୁ ଔଷଧ, କ୍ୟାଲସିୟମ, ଆଇରନ ଟାବେଲେଟ, କୃମି ନାଶକ ଔଷଧ, ସିରପ ଓ ଓଆରଏସ ସପ୍ଲାଇ ହୋଇଥାଏ । ଏହି ଅବ୍ୟବସ୍ଥା ଫଳରେ ସମଗ୍ର ବ୍ଲକସ୍ତରର ଔଷଧ ସପ୍ଲାଇ ବ୍ୟବସ୍ଥା ଅସ୍ଥିର ହେଉଛି । ସ୍ଥାନୀୟ ଲୋକ ଓ ସ୍ୱାସ୍ଥ୍ୟ ବିଭାଗ ସଂପୃକ୍ତ ଅଧିକାରୀମାନେ ଦାନଗଦି ଔଷଧ ଷ୍ଟୋର ନିର୍ମାଣ ଦୁର୍ନୀତି ଉପରେ ତଦନ୍ତ ଓ ଦାୟୀ ଠିକାଦାର ଓ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେମାନଙ୍କ କହିବା ଅନୁସାରେ, ସରକାର ଯେତେବେଳେ ଗ୍ରାମ୍ୟ ସ୍ୱାସ୍ଥ୍ୟ ସେବାକୁ ଶକ୍ତିଶାଳୀ କରିବାକୁ ପଦକ୍ଷେପ ନେଉଛି, ସେତେବେଳେ ଏହିପରି ଅବ୍ୟବସ୍ଥା ସେହି ଉଦ୍ୟମକୁ ଅସ୍ଥିର କରୁଛି । ସମ୍ବନ୍ଧିତ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ତଦନ୍ତ ଦ୍ୱାରା ଦାୟୀ ଅଧିକାରୀ ଓ ଠିକାଦାରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ମହଲ ଦାବି କରୁଛି ।

# ତୃଣମୂଳ ସ୍ତରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା




**୨୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ତୃଣମୂଳ ସ୍ତରରେ ଗ୍ରାମୀଣଙ୍କୁ ତାଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ନିମନ୍ତେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ମୋଟ ୨୬ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଅଛି । ଏହା ଅଧୀନରେ ଉପକେନ୍ଦ୍ର ଓ ଏହି ଉପକେନ୍ଦ୍ର ଅଧୀନରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରହିଅଛି । ଏହି ଆରୋଗ୍ୟ ମନ୍ଦିରଗୁଡିକରେ ଜଣେ ସିଏଚଓ, ଦୁଇଜଣ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ଜଣେ ପୁରୁଷ ଓ ଜଣେ ମହିଳା) ରହିବାର ବ୍ୟବସ୍ଥା ଥିବାବେଳେ ଅଧିକାଂଶ ସ୍ଥାନରେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ନ ଥିବାର ଦେଖିବାକୁ ମିଳିଛି । ଆରୋଗ୍ୟ ମନ୍ଦିରଗୁଡିକର ଖୋଲା ରହିବା ସମୟ ସକାଳ ୯ଟାରୁ ସନ୍ଧ୍ୟା ୫ଟା ।

ମିଳୁଥିବା ସୂଚନାନୁଯାୟୀ ଆରୋଗ୍ୟ ମନ୍ଦିର ଦାୟିତ୍ୱରେ ଥିବା ସିଏଚଓ ସକାଳ ୯ଟା ରୁ ଗୋଟାଏ ପର୍ଯ୍ୟନ୍ତ ଓ ଉପରଓଳି ୩ଟାରୁ ୫ଟା ପର୍ଯ୍ୟନ୍ତ ବହିଃ ବିଭାଗ (ଆଉଟଡୋର) ଖୋଲିବାର ନିୟମ ରହିଛି । କିନ୍ତୁ ଦୁଃଖର ବିଷୟ ବିଭିନ୍ନ ଆଳ ଦେଖାଇ ଅଧିକାଂଶ ସେଣ୍ଟର ଉପରଓଳି ଖୋଲୁ ନାହାନ୍ତି । ପ୍ରାୟ ସମସ୍ତ ସେଣ୍ଟରରେ ଦିନ ଗୋଟାଏ ପରେ ତାଲା ଝୁଲୁଥିବାର ଦେଖିବାକୁ ମିଳୁଛି । ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡିକରେ ରୋଗୀଙ୍କୁ ୧୬ ପ୍ରକାରର ରକ୍ତ ପରୀକ୍ଷା ସହ ୧୦୬ ପ୍ରକରର ଔଷଧ ବଣ୍ଟନର ବ୍ୟବସ୍ଥା ରହିଅଛି । ଏହି ଆରୋଗ୍ୟ ମନ୍ଦିର ମାଧ୍ୟମରେ ରୋଗୀଙ୍କୁ ଶିଶୁରୋଗ, ମାତୃସ୍ୱାସ୍ଥ୍ୟ, ସଂକ୍ରମଣ ଓ ଅଣସଂକ୍ରମଣ ରୋଗ, ଫ୍ୟାମେଲି ପ୍ଲାନିଂ, ଆଖି, ନାଶା, କର୍ଣ୍ଣ, ଓରାଲ ହେଲଥ, ବୃଦ୍ଧ ତଥା ଜରା ସେବା ଭଳିବାର ପ୍ରକାରର ଜରୁରୀ ସେବା ଯୋଗାଇ ଦିଆ ଯାଇଥାଏ ।

ମୟୂରଭଞ୍ଜ ଜିଲ୍ଲାରେ ମୋଟ ୨୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୮୨ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୫୮୯ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ଚାରୋଟି ଅର୍ବାନ ପ୍ରାଇମେରି ହେଲଥ ସେଣ୍ଟର ମାଧ୍ୟମରେ ରୋଗୀଙ୍କୁ ସେବା ଯୋଗାଇ ଦେଉଛନ୍ତ । ସରକାର କାୟାକଳ୍ପ ଓ ଏନକ୍ୱାସ ଯୋଜନା ମାଧ୍ୟମରେ ଏହି ସେଣ୍ଟରଗୁଡିକୁ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ରାଶି ଯୋଗାଇ ଦେଇଥାନ୍ତି । ଗତବର୍ଷ ଏନକ୍ୱାସ ଯୋଜନାରେ ଜିଲ୍ଲାରେ ଦୁଇଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜାତୀୟ ସ୍ତରର ମାନ୍ୟତା ଲାଭ କରିଥିବା ବେଳେ ୧୨ଟି ଆରୋଗ୍ୟ ମନ୍ଦିର ଯଥା କୁଳିଅଣା ବ୍ଲକର ଗାଙ୍ଗରଜ, ନଧନା, ରାସଗୋବିନ୍ଦପୁର ବ୍ଲକର ଚାକୁଳିଆ, ଶାମାଖୁଣ୍ଟା ବ୍ଲକର ଟିକରପଡ଼ା, କରଞ୍ଜିଆ, ଜଗନ୍ନାଥପୁର, ଗୁଣ୍ଡିହୁଡ଼ି, ଆମ୍ବଡୁବି ଓ ଚିପଟଅସ୍ତିଆ, କରଞ୍ଜିଆ ବ୍ଲକର ପାହାଡ଼ଭଙ୍ଗା ଓ କେରକେରା ଓ ଖୁଣ୍ଟା ବ୍ଲକର ବାହାନଡା ଜାତୀୟ ସ୍ତରର ମାନ୍ୟତା ଲାଭ କରିଛନ୍ତି । ଏହି ମାନ୍ୟତା ଲାଭ କରିଥିବା ସେଣ୍ଟର ଗୁଡିକୁ ସରକାର ବିଶେଷ ଏକଲକ୍ଷ ପଚିଶ ହଜାର ଟଙ୍କାର ବାର୍ଷିକ ପ୍ରୋତ୍ସାହନ ରାଶି ତିନିବର୍ଷ ପାଇଁ ପ୍ରଦାନ କରିଥାନ୍ତି । ଏହା ବ୍ୟତୀତ ସିଏଚଓମାନଙ୍କୁ ତାଙ୍କ ଦରମା ବାଦେ ସରକାର ରୋଗୀଙ୍କୁ ବିଭିନ୍ନ ପ୍ରକାରର ସେବା ଯୋଗାଇଦେବା ନିମନ୍ତେ ଅଧିକ ପନ୍ଦର ହଜାର ଟଙ୍କା ପ୍ରଦାନ କରିଥାନ୍ତି ।

ସେହିପରି ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି କାୟାକଳ୍ପ ଯୋଜନାରେ ମଧ୍ୟ ସରକାର ପ୍ରୋତ୍ସାହନ ରାଶି ପ୍ରଦାନ କରିଥାନ୍ତି । ଗତବର୍ଷ ୫୬ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କାୟାକଳ୍ପ ଯୋଜନାରେ ସ୍ୱୀକୃତି ଲାଭ କରିଥିବା ବେଳେ ସେହି ସେଣ୍ଟର ଗୁଡିକୁ ପଚାଶ ହଜାର ଟଙ୍କା, ୧୦ଟି ସିଏଚ୍‌ସି କୁ ଏକଲକ୍ଷ ଟଙ୍କା, ତିନୋଟି ଉପଖଣ୍ଡ ଚିକିତ୍ସାଳୟକୁ ଏକଲକ୍ଷ ଟଙ୍କା, ଚାରୋଟି ଅର୍ବାନ ପ୍ରାଇମେରି ସେଣ୍ଟରକୁ ପଚାଶ ହଜାର ଟଙ୍କା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ତିନିଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ତେବେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ତୃଣମୂଳ ସ୍ତରରେ ଗ୍ରାମୀଣଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବା ନିମନ୍ତେ ପାଣି ପରି ଅର୍ଥ ବିନିଯୋଗ କରୁଥିବା ବେଳେ ପ୍ରକୃତ ସ୍ୱାସ୍ଥ୍ୟସେବା କେବଳ କାଗଜକଲମରେ ସୀମିତ ରହିଯାଉଛି । ଅଧିକାଂଶ ଆରୋଗ୍ୟ ମନ୍ଦିରଗୁଡିକରେ ସରକାର କେଉଁ କେଉଁ ସେବା ଯୋଗାଇ ଦେଉଛନ୍ତି ତାହା ସମ୍ବନ୍ଧରେ ଲୋକେ ଅବଗତ ନାହାନ୍ତି । ଅଧିକାଂଶ କେନ୍ଦ୍ର ଖୋଲିବା, ବନ୍ଦ କରିବାର କୌଣସି ସମୟଜ୍ଞାନ ରହୁନାହିଁ । ରୋଗୀ ଘଣ୍ଟାଘଣ୍ଟା କେନ୍ଦ୍ର ବାହାରେ ଅପେକ୍ଷା କରୁଥିବାର ଦେଖିବାକୁ ମିଳୁଛି । ଏହି ଆରୋଗ୍ୟ କେନ୍ଦ୍ରଗୁଡିକର ଚରମ ଅବହେଳା ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାହିଁ ନ ଥିବା ଭିଡ ଦେଖିବାକୁ ମିଳୁଛି । ତେଣୁ ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟସେବାକୁ ବ୍ୟାପକ କଲେ ଗ୍ରାମୀଣ ଲୋକେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ଓ ଯେଉଁମାନେ ଏହି ସେବା ଯୋଗାଇଦେବରେ ବିଫଳ ହେଉଛନ୍ତି ତାଙ୍କ ବିରୁଦ୍ଧରେ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

## ଆଜିର ରାଶିଫଳ

ତାରିଖ ୩୦.୧୦.୨୦୨୫ | ଗୁରୁବାର– ଅଷ୍ଟମୀ, ନକ୍ଷତ୍ର– ଶ୍ରବଣା, ମକରଚନ୍ଦ୍ର



| | |
|---|---|
| ମେଷ | ବ୍ୟବସାୟରେ ଆୟ ବୃଦ୍ଧି ପାଇବ । |
| ବୃଷ | ମାଲି ମକଦ୍ଦମା ଭୟ ଦେଖାଦେବ । |
| ମିଥୁନ | ସ୍ୱାସ୍ଥ୍ୟରେ ଅବନତି ହେବ । |
| କର୍କଟ | ଆୟ ବୃଦ୍ଧି ହେବ । |
| ସିଂହ | ନୂତନ ବ୍ୟବସାୟ ଆରମ୍ଭ କରିବେ । |
| କନ୍ୟା | ବନ୍ଧୁଙ୍କ ସାହାଯ୍ୟ ପାଇବେ । |
| ତୁଳା | କିଛି ଅଘଟଣ ଘଟିପାରେ । |
| ବିଛା | ହିଂସା ଛାଡ଼ନ୍ତୁ, ନହେଲେ ପସ୍ତେଇବେ । |
| ଧନୁ | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ହେବ । |
| ମକର | ପ୍ରଶଂସିତ ହେବେ । |
| କୁମ୍ଭ | ବ୍ୟବସାୟରେ ଆୟ ଭଲ ହେବ । |
| ମୀନ | ଭଲ କାମ କରି ଖୁସି ପାଇବେ । |

## କାନ୍ଥ ପଡ଼ି ମା’– ଝିଅ ଆହତ

**କଣାସ, ୨୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ସାମୁଦ୍ରିକ ଝଡ ‘ମନ୍ଥା’ ପ୍ରଭାବରେ ଦୁଇଦିନ ହେଲା ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ଅଞ୍ଚଳରେ ଡୁହାକୁ ଡୁହା ବର୍ଷା ଲାଗିରହିବା ସହିତ ମଝିରେ ମଝିରେ ପବନ ବହୁଛି । ମଙ୍ଗଳବାର ଦିନ ୧୧ଟା ସମୟରେ ବର୍ଷା ଯୋଗୁଁ ସାହୁପଡା ଗ୍ରାମପଞ୍ଚାୟତର ସାହୁପଡା ଗ୍ରାମର ରୋହିତ କୁମାର ମାର୍ଥାଙ୍କ ଚାଳଛପର ବାସଗୃହର କାନ୍ଥ ଭୁଶୁଡି ପଡିବାରୁ ରୋହିତଙ୍କ ପତ୍ନୀ ସୁଚରିତା ମାର୍ଥା ଓ ୯ବର୍ଷର ଝିଅ ଶୁଭସ୍ମିତା ଆହତ ହୋଇଥିଲେ । ମାଆ ଓ ଝିଅ ଆହତ ହେବାପରେ ସେମାନଙ୍କୁ ସାହୁପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା । ଝିଅର ମୁଣ୍ଡରେ ଆଘାତ୍ ଲାଗିଥିଲେ ମଧ୍ୟ ସେ ଚିକିତ୍ସା ହୋଇ ଘରକୁ ଫେରିଆସିଥିବା ଜଣାପଡିଛି ।

## ଧଳା ଜହର ସହ ୪ଲକ୍ଷ ଟଙ୍କା ଜବତ : ୭ ଗିରଫ

**ଖୋର୍ଦ୍ଧା, ୨୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**



ଖୋର୍ଦ୍ଧା ଜିଲ୍ଲା ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ଧଳା ଜହର କାରବାର ବେଳେ ମାଡ଼ିବସିଲା ପୋଲିସ । ବୋଲଗଡ଼ ଥାନା ଅନ୍ତର୍ଗତ ମାଣିକାଘୋଡା ଦଳେଇ ସାହିର ଏକ ଘରେ ଧଳା ଜହର କାରବାର ଚାଲିଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଏବଂ ବୋଲଗଡ଼ ଥାନା ଅଧିକାରୀଣି ସ୍ନିଗ୍ଧାମୟୀ ବରାଳ ଏକ ୧୦ ଜଣିଆ ଟିମ୍ ଗଠନକରି ଘଟଣାସ୍ଥଳରେ ପହଞ୍ଚି ଚଢାଉ କରିଥିଲେ । ସେଠାରେ ଧଳା ଜହର କାରବାର କରୁଥିବା ୭ ଜଣ ଅପରାଧୀଙ୍କୁ ଗିରଫ କରିବା ସହିତ ୩୧୪ ଗ୍ରାମ ଧଳା ଜହର ଏବଂ ୩ଟା ବାଇକ୍, ୨ଟି କାର, ଗୋଟିଏ ଦେଶୀ ବନ୍ଧୁକ ସହ ନଗଦ ୪ ଲକ୍ଷ୍ୟ ଟଙ୍କା ଜବତ କରିଛି । ଜବତ ହୋଇଥିବା ସମସ୍ତ ଜିନିଷର ମୂଲ୍ୟ ୪୪ ଲକ୍ଷ୍ୟ ୬୦ ହଜାର ଟଙ୍କା ହେବ ବୋଲି ଏସପି ଶ୍ରୀ ଶର୍ମା ସୂଚନା ଦେଇଛନ୍ତି । ଏଥିସହ ୭ ଜଣ ଅପରାଧୀଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାର ୫ ଜଣ, ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳର ମହେଶ୍ୱର ସ୍ୱାଇଁ ଏବଂ ବୋଲଗଡ଼ ଥାନା ଅଞ୍ଚଳର ମିର ଅତାଉଲ୍ଲା, ମିର୍ ଅବଦୁଲ୍ଲା, ମୀର ମୁସତୁଫା ଏବଂ ଜଣେ ମହିଳା ମଇନା ବେଗମ୍, ହୋଇଥିବା ବେଳେ ସେହିପରି ଗଞ୍ଜାମ ଜିଲ୍ଲାର ୨ଜଣ ହେଲେ ଗଞ୍ଜାମ ବଡ଼ ବଜାର ଥାନା ଅଞ୍ଚଳର ପ୍ରଣୟ ରଥ ଏବଂ ସତ୍ୟଲୋଚନ ସାହୁ । ଏତେ ପରିମାଣର ଧଳା ଜହର ସହ ଦେଶୀ ବନ୍ଧୁକ ଏମାନଙ୍କ ପାଖକୁ କିପରି ଆସିଲା ତାହା ପୋଲିସ ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି । ଜବତ ହୋଇଥିବା ଗାଡି ଗୁଡ଼ିକ ମଧ୍ୟରୁ ଗୋଟିଏ ଗାଡି ଖୋର୍ଦ୍ଧା ପୌରପାଳିକାର ଜନୈକ କାଉନସିଲରଙ୍କ ମାଲିକାନାରେ ଥିବା ଅନୁମାନ କରି ଏହି କାରବାର ତାଙ୍କର ସଂପୃକ୍ତ ଥିବାନେଇ ସାଧାରଣରେ ଆଲୋଚନା ହେଉଛି । ତାହା ତଦନ୍ତ ପରେ ଜଣାପଡ଼ିବ । ଖୋର୍ଦ୍ଧାକୁ ନିଶାମୁକ୍ତ କରିବାପାଇଁ ଏହିପରି ଚଢାଉ ଜାରି ରାହିବ ବୋଲି ଏସପି ଶ୍ରୀ ଶର୍ମା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଭଗବାନ ସାହା

**ନୀଳଗିରି, ୨୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**




ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ବିଶେଷ କରି ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଗ୍ରହଣ ଲାଗିଛି । ଦୀର୍ଘ ବର୍ଷ ହେବ ଡାକ୍ତର ଓ ନର୍ସଙ୍କ ଅଭାବ ରହିଥିବା ବେଳେ ରକ୍ତଭଣ୍ଡାର ଟେକ୍ନସିଆନ ନ ଥିବା ବେଳେ ଏବେ ପୁଣି ରୋଗୀଙ୍କୁ ମାଗଣାରେ ନେବାଆଣିବା କରୁଥିବା ୧୦୮ ଆମ୍ବୁଲାନ୍ସର ପରିଚାଳନା ତ୍ରୁଟି ଯୋଗୁଁ ରୋଗୀଙ୍କ ସେବା ଯୋଗାଇ ଦେବା ବଦଳରେ ଅଚଳ ହୋଇପଡିଛି ତ ଆଉ କେତେକ ଆମ୍ବୁଲାନ୍ସର ପତ୍ତା ମିଳୁନାହିଁ । ଜନସାଧାରଣଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ନୀଳଗିରିକୁ ପ୍ରାୟ ୮ଟି ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିଲା । ମାତ୍ର ଗତ କିଛିଦିନ ହେବ ୧୦୮ ଆମ୍ବୁଲାନ୍ସ ସେବା ବ୍ୟାହତ ହେବା ଯୋଗୁ ରୋଗୀ ଓ ସେମାନଙ୍କର ସମ୍ପର୍କୀୟମାନେ ୧୦୮ ଆମ୍ବୁଲାନ୍ସକୁ ରୋଗୀ ନେବା ପାଇଁ ଫୋନ କଲେ ଆମ୍ବୁଲାନ୍ସ ଯୋଗାଇ ଦେବା ବଦଳରେ ରୋଗୀ ଆଣିବାକୁ ଯାଇଛି କିମ୍ବା ଅପହଞ୍ଚ ଅଞ୍ଚଳରେ ରହୁଥିବାର ଉତ୍ତର ମିଳୁଛି । ଯାହାଫଳରେ ରୋଗୀ ଓ ସେମାନଙ୍କର ସମ୍ପର୍କୀୟଙ୍କୁ ଭଡାଗାଡ଼ି କିମ୍ବା ପ୍ରାଇଭେଟ୍ ଆମ୍ବୁଲାନ୍ସରେ ରୋଗୀ ନେବାଆଣିବା କରି ଅଯଥା ଖର୍ଚ୍ଚାନ୍ତ ହେଉଛି ବୋଲି କହିଛନ୍ତି ରୋଗୀଙ୍କ ସମ୍ପର୍କୀୟମାନେ ।

ଅନ୍ୟପକ୍ଷରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଥିବା ୧୦୮ ଆମ୍ବୁଲାନ୍ସ ଗୁଡିକରେ ରକ୍ଷଣାବେକ୍ଷଣର ଅଭାବ, ଗାଡିର ଫିଟନେସ, ଇନ୍‌ସ୍ୟୁରାନ୍ସର ଅବଧି ସରିଯାଇଥିବା ଯୋଗୁ ଚାଳକ ଗାଡ଼ି ଚଳାଇବା ପାଇଁ ଅମଙ୍ଗ ହେଉଥିବାର ଅଭିଯୋଗ ହୋଇଛି । ଏଥିସହିତ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ରୋଗୀଙ୍କୁ ଆଣିବାକୁ ଅମଙ୍ଗ ହେଉଛନ୍ତି ଏହାର କାରଣ ହେଉଛି ଅଧାରାସ୍ତାରେ ଆମ୍ବୁଲାନ୍ସ ଅଟକି ଯିବାର ଭୟ ରହିଛି । ଏପରି ହେଲେ ରୋଗୀଙ୍କ ସଂପର୍କୀୟ ଓ ଜନସାଧାରଣଙ୍କ ଆକ୍ରୋଶର ଶିକାର ହୋଇ ମାଡ଼ ଖାଇବା ଭୟରେ ଚାଳକ ଆମ୍ବୁଲାନ୍ସ ନେବା ପାଇଁ କୁଣ୍ଠିତ ହେଉଛନ୍ତି । ଅନ୍ୟପକ୍ଷରେ ଗତ କିଛି ଦିନ ହେବ ୧୦୮ ଆମ୍ବୁଲାନ୍ସ କେଉଁ ଅଜ୍ଞାତବାସ ରହିଛି ତାହାର ସୂଚନା ମିଳୁନାହିଁ କିନ୍ତୁ ଗାଡ଼ି ମରାମତି ପାଇଁ ଗ୍ୟାରେଜକୁ ଯାଇଛି ବୋଲି କହିଛନ୍ତି କାର୍ଯ୍ୟରତ କର୍ମଚାରୀଜଣକ । ଯଦି ଏପରି ସମସ୍ୟା ଦୂର କରା ନ ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନର ଦାନା ବାନ୍ଧୁଥିବାର ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ ବାଲେଶ୍ୱର ସାଂସଦ ଓ ବିଧାୟକ ନୂଆ ଡାହାଣୀ ଛୁଆ ଖାଏ ବୋଲି ଥିବା ଢଗ ଭଳି ନିର୍ବାଚିତ ହେବା ପରେ କିଛିଦିନ ହେବ ଅଚାନକ ପରିଦର୍ଶନ କରିଥିବା ବେଳେ ସମସ୍ୟା ଦୂର ହେବ ବୋଲି ଆଶା କରିଥିଲେ ନୀଳଗିରିବାସୀ । ମାତ୍ର ଏବେ ସମସ୍ୟା ଘେରରେ ଥିବା ଉପଖଣ୍ଡ ଚିକିତ୍ସାଳୟକୁ ଯିବା ତ ଦୂରର କଥା ସମସ୍ୟା ଦୂର କରିବାକୁ ପଛଘଞ୍ଚା ଦେଉଛନ୍ତି ବିଧାୟକ । ସୁନାର ନୀଳଗିରି ଗଢିବେ ବୋଲି କହି ନୀଳଗିରିକୁ ବେଙ୍ଗି ପିତଳ ହେବାକୁ ବସିଲାଣି । ଏଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଦୂର କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଦାବି କରିଛନ୍ତି ନୀଳଗିରିବାସୀ । ଏବେ କେବଳ ରୋଗୀଙ୍କୁ ଭଗବାନ ସାହା ଭରସା ।

## କୋସକା-ରୟତ ଢୋଲମରା ରାସ୍ତା ପାଲଟିଛି ମରଣଯନ୍ତା

**ଖଣ୍ଡପଡ଼ା, ୨୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଗୁଡିକର ଦୁରାବସ୍ଥାକୁ ନେଇ ଖଣ୍ଡପଡ଼ା ବ୍ଲକ ଅଞ୍ଚଳବାସୀ ପ୍ରତି ମୂହୂର୍ତ୍ତରେ ପ୍ରମାଦ ଗଣୁଥିଲେ ହେଁ ରାସ୍ତାର ଉନ୍ନତିକରଣ ଦିଗରେ ପ୍ରଶାସନ ନତୁବା ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେଉ



ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡ଼ା ବ୍ଲକ ଅଧିନ କୋସ୍କା ପଞ୍ଚାୟତର ଶରଧାପୁର ଗ୍ରାମ ଦେଇ ନିକଟସ୍ଥ ରୟତ ଢୋଲମରା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘ ୨ ବର୍ଷ ଧରି ତୀବ୍ର ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି । କୋସ୍କା ଓ ରୟତ ଢୋଲମରା ପ୍ରଭୃତି ୨ ଟି ପଞ୍ଚାୟତକୁ ସଂଯୋଗ କରୁଥିବା ଏହି ରାସ୍ତା ଦେଇ ଦୈନିକ ଭାରି ଯାନବାହାନ ଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ ଗୁଡିକ ଚଳାଚଳ କରୁଛି । ରାସ୍ତା ସାରା ଏବେ ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଅସରାଏ ବର୍ଷା ହେଲେ ପୁରା ରାସ୍ତା କର୍ଦ୍ଦମାକ୍ତ ହୋଇପଡୁଛି । ସମୟାନୁକ୍ରମେ ବିପଦଶଙ୍କୁଳ ହୋଇ ପଡିଥିବା ଉକ୍ତ ରାସ୍ତାର ଉନ୍ନତିକରଣ ଦିଗରେ ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମାଲଗାଡ଼ି ଲାଇନଚ୍ୟୁତ

**ରାଉରକେଲା, ୨୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଉରକେଲା-ରାଞ୍ଚି ମୁଖ୍ୟ ରେଳପଥରେ ବୁଧବାର ବଡ଼ ଧରଣର ଦୁର୍ଘଟଣା ଘଟିଛି । ଏହି ରେଳପଥର ବାନୋ ଏବଂ କନରାଓ୍ୱା ଷ୍ଟେସନ ମଧ୍ୟରେ ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହେବା ଫଳରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଦୁର୍ଘଟଣାରେ ପ୍ରାୟ ୧୦ଟି ବଗି ଲାଇନଚ୍ୟୁତ ହେବା ସହିତ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି । ଏଥିରେ କେହି ମୃତାହତ ହୋଇନାହାନ୍ତି । ରେଲୱେ ପକ୍ଷରୁ ଘଟଣାସ୍ଥଳରେ ଉଦ୍ଧାରକାର୍ଯ୍ୟ ଜାରି ରହିଥିବାବେଳେ ଲାଇନ କ୍ଲିୟର ପାଇଁ ଜୋରଦାର ପଦକ୍ଷେପ ନିଆଯାଉଛି ।

ଦୁର୍ଘଟଣା ଯୋଗୁ ଉକ୍ତ ରେଳପଥରେ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି । ଗୋରଖପୁରରୁ ସମ୍ବଲପୁର ଯାଉଥିବା ଏକ ଟ୍ରେନ କନରାଓ୍ୱା ଷ୍ଟେସନ ନିକଟରେ ଅଟକି ରହିଛି ।

## ସ୍ୱାମୀର କଟୁରୀ ଚୋଟରେ ସ୍ତ୍ରୀ ଗୁରୁତର

**ବୈଶିଙ୍ଗା, ୨୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡଦେଉଳିଆ ପଞ୍ଚାୟତର ଲାଖବିନ୍ଧା ଗ୍ରାମରେ ସ୍ୱାମୀଙ୍କ ଦାଉଲି ଚୋଟରେ ଗୁରୁତର ସ୍ତ୍ରୀ ଗୁରୁତର ଭାବେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଭଳି ଘଟଣା ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଥିଲା । ମିଳିଥିବା ସୂଚନା ମୁତାବକ ରୁକ୍ମିଣୀ (୩୮) ସ୍ୱାମୀଙ୍କ ପାରିବାରିକ ଅତ୍ୟାଚାରରେ ଅତିଷ୍ଠ ହୋଇ ଦୀର୍ଘ ତିନିବର୍ଷ ହେବ ସେହି ଗ୍ରାମରେ ତାଙ୍କ ସମ୍ପର୍କୀୟ ଧରମ ବାପା ରେଣ୍ଟା ଟୁଡୁଙ୍କ ଘରେ ଆଶ୍ରୟ ନେଇଥିଲେ ଏବଂ ଲୋକଙ୍କ ଚାଷ କାର୍ଯ୍ୟରେ ସହାୟତା କରି ଯାହା ପାରିଶ୍ରମିକ ମିଳୁଥିଲା ସେଥିରେ ଗୁଜୁରାଣ ମେଣ୍ଟାଉଥିଲେ ।

ମଙ୍ଗଳବାର ସକାଳେ ସେ କୂଅରୁ ପାଣି ଟାଣୁଥିବା ବେଳେ ହଠାତ ତାଙ୍କ ସ୍ୱାମୀ ୪୪ ବର୍ଷିୟ ଧୁମା ଓରଫ କଙ୍କା କିସ୍କୁ ଏକ ଦାଉଲି ଧରି ତାଙ୍କ ବେକରେ ଚୋଟ ମାରିଥିଲେ । ତେବେ ରୁକ୍ମିଣୀ ପଛକୁ ବୁଲିପଡିବା ଯୋଗୁଁ ଦାଉଲି ଚୋଟ ବେକରେ ନବାଜି ତାଙ୍କ ପାଟିରେ ବାଜିଥିଲା ଏବଂ ପ୍ରବଳ ରକ୍ତସ୍ରାବ ହୋଇଥିଲା । ପାଖରେ ଥିବା କିଛି ଲୋକ ଦୌଡ଼ି ଆସି କଙ୍କାଙ୍କୁ ମାଡ଼ିବସି ବାନ୍ଧି ପକାଇଥିଲେ ଏବଂ ପୋଲିସକୁ ଖବର ଦେଇଥିଲେ । ଗୁରୁତର ରୁକ୍ମିଣୀଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।ରୁକ୍ମିଣୀଙ୍କ ବିବାହିତା ଝିଅ ଚମ୍ପା ମାଝୀଙ୍କ ଲିଖିତ ଅଭିଯୋଗ ମୂଳେ ବୈଶିଙ୍ଗା ପୋଲିସ ପକ୍ଷରୁ ୫୫୦/୨୫ନଂରେ ଏକ ମାମଲା ରୁଜୁ କରାଯାଇ ସଙ୍ଗେସଙ୍ଗେ ଘଟଣାସ୍ଥଳରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ଧାରୁଆ ଦାଉଲି ଜବତ କରାଯାଇ ଏସ ଆଇ ଅଶୋକ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ଚାଲିଛି ।

## ଜବରଦଖଲକାରୀଙ୍କ କବଜାରେ ସରକାରୀ ଜାଗା

**କୋଣାର୍କ, ୨୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଗୋପ ତହସିଲ ଅନ୍ତର୍ଗତ କୋଣାର୍କ ଏନ୍‌ଏସି ଅଧୀନ, କୋଣାର୍କ ଓ ମାଧିପୁର ମୌଜାର ସରକାରୀ ଜମି ଓ ବାଲୁଖଣ୍ଡ ଅଭୟାରଣ୍ୟକୁ ଲାଗିଥିବା ଜଙ୍ଗଲରେ ବେଆଇନ ଜମି ଜବରଦଖଲ ଓ ଗୃହ ନିର୍ମାଣ କାର୍ଯ୍ୟ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ତହସିଲ ପ୍ରଶାସନ ଓ ବନ ବିଭାଗ ନୀରବରେ ବସି ରହିଥିବା ସାଧାରଣରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ କୋଣାର୍କ ମାଧିପୁର ମୌଜାର ସରକାରୀ ଜମି ଖାତା ନମ୍ବର୍ ୩୬ରେ କେତେକ ଜମି ମାଫିଆ, ଦଲାଲ୍ ମାନେ ଜବରଦଖଲ କରି ଗୁଣ୍ଠ ପ୍ରତି ୩ଲକ୍ଷ ଟଙ୍କାରୁ ଅଧିକ ଦରରେ ଲୋକଙ୍କୁ ବିକ୍ରୀ କରିଥିବା ଅଭିଯୋଗ ହୋଇଥିବା ବେଳେ କିଛି ବଡ଼ବଡ଼ିଆ ଲୋକ ନିଜର ଠକ ଅର୍ଜିତ ଧନରେ ଜାଗା କିଣି ରାତାରାତି ଗୃହ ନିର୍ମାଣ କରୁଛନ୍ତି । ବେଆଇନ ନିର୍ମାଣକାରୀଙ୍କୁ କିଛି ଅସାଧୁ କର୍ମଚାରୀ, କଥା କଥିତ ରାଜନୈତିକ ବ୍ୟକ୍ତି ହାତ ଗୁଞ୍ଜା ନେଇ ନିର୍ମାଣ



କାର୍ଯ୍ୟରେ ସହଯୋଗ କରୁଛନ୍ତି । ଯାହାଫଳରେ ଦିନକୁ ଦିନ ବେଆଇନ ନିର୍ମାଣ ବଢ଼ି ଚାଲିଛି । ବିଭାଗୀୟ ଅଧିକାରୀ ସବୁ ବିଷୟରେ ଅବଗତ ଥିବା ବେଳେ କାହା ଇଙ୍ଗିତରେ ଚୁପ୍ ରହୁଛନ୍ତି ତାହା ତଦନ୍ତ ସାପେକ୍ଷ ଅଟେ । ସେହିପରି ବାଲୁଖଣ୍ଡ ଅଭୟାରଣ୍ୟ ଠାରୁ ମାତ୍ର ୧୦୦ ମିଟର ମଧ୍ୟରେ ଇକୋ ସେନ୍ସେଟିଭ ଜୋନ୍ ଅଞ୍ଚଳରେ ବଡ ବଡ ବେଆଇନ କୋଠା ନିର୍ମାଣ ହେଉଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉନଥିବା ଦେଖିବାକୁ ମିଳିଛି । ଫଳରେ ବେଆଇନ ଗୃହ ନିର୍ମାଣ ବଢ଼ି ଚାଲିଛି । ୨୦୧୫ ମସିହାରେ ଏହି ମୌଜାରେ ଯେତିକି ଖାଲି ସରକାରୀ ପ୍ଲଟ ରହିଥିଲା ବର୍ତ୍ତମାନ ଉକ୍ତ ପ୍ଲଟ ଗୁଡ଼ିକରେ ବଡ଼ ବଡ଼ ଅଟ୍ଟାଳିକା ମାନ ଠିଆ ହୋଇଥିବା ଜଣାପଡିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଯଦି ଏଥିରେ ବ୍ରେକ ଲଗାନଯାଏ ତେବେ ଆଉ ବର୍ଷେ କି ଦୁଇ ବର୍ଷ ମଧ୍ୟରେ ଗୋଟିଏ ଖାଲି ପ୍ଲଟ ପାଇବା ମୁସ୍କିଲି ହୋଇପଡିବ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଅଛନ୍ତି । ଏହି ଘଟଣା ପ୍ରତି ପୁରୀ ଜିଲ୍ଲାପାଳ, ରାଜସ୍ୱ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଦୃଢ଼ ପଦକ୍ଷେ ଗ୍ରହଣ କରିବାକୁ ଦାବି ହୋଇଛି ।

## କାର୍ଯ୍ୟ ଆରମ୍ଭ ନ ହେଉଣୁ ବାରି ହେଉଛି ଦୁର୍ନୀତିର ଗନ୍ଧ

**ବୈଶିଙ୍ଗା, ୨୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**




ବିକଶିତ ଗାଁ ବିକଶିତ ଓଡ଼ିଶା ନାମରେ ବେତନଟୀ ବ୍ଲକ ଅଧିନରେ ଯେତେ ସବୁ କାର୍ଯ୍ୟ ଚାଲିଛି ସବୁଥିରେ ଦୁର୍ନୀତିର ଗନ୍ଧ ବାରି ହୋଇ ପଡୁଥିବାର ଅଭିଯୋଗ ହେଉଛି । ବର୍ତ୍ତମାନ ଶାସକ ବିଜେପି ଯେତେ ବେଳେ ବିରୋଧୀ ଦଳ ଆସନରେ ଥିଲେ ସେତେବେଳେ କହୁଥିଲେ ଆମେ ସରକାରକୁ ଆସିଲେ ପିସିକୁ ସଂପୂର୍ଣ୍ଣ ମୂଳ ପୋଛ କରିଦେବୁ ମାତ୍ର ତାହା କିପରି କାର୍ଯ୍ୟକାରୀ ହେଉଛି ତାହା ବେତନଟୀ ବ୍ଲକ ଅଧିନସ୍ଥ ସମସ୍ତ ପଞ୍ଚାୟତର ବିକାଶ କାର୍ଯ୍ୟରୁ ଜାଣି ହେବ । ଅନାମଧେୟ କମ୍ପାନୀର ସିମେଣ୍ଟ, ଖରାପ ମେଟାଲ ଏବଂ ମାଟି ମିଶ୍ରିତ ବାଲିରେ କାର୍ଯ୍ୟକୁ ବିରୋଧ କରିଲେ ବିଡିଓ ମହାଶୟ କହୁଛନ୍ତି, କାର୍ଯ୍ୟକୁ ବିରୋଧ କରିଲେ ଜେଲ ପଠାଇଦେବି । ଏହା ମୂଳରେ କଣ କାରଣ ତାହା ଅନୁମାନ କରାଯାଇ ପାରେ । ସନ୍ତରା ପଞ୍ଚାୟତ ଅଧିନ ଇଶାଣପୁର ଗ୍ରାମ ରାସ୍ତା କଙ୍କ୍ରୀଟ ପକ୍କା ରାସ୍ତା ପାଇଁ ତିନି ଲକ୍ଷ ଟଙ୍କା ମଞ୍ଜୁରୀ ପାଇବା ପରେ ସେହି ଗ୍ରାମର ଗ୍ରାମବାସୀ କାର୍ଯ୍ୟ ନ ପାଇ ବାହାର ଗ୍ରାମର ଲୋକ କାମ କରିବେ କାରଣ ଏହା ବିଭାଗୀୟ ଜେଇଙ୍କ ନାମରେ କାର୍ଯ୍ୟାଦେଶ ରହିଛି । ତେଣୁ ସେ ମନଇଚ୍ଛା ଯାହା କରି ପାରିବେ । ବିରୋଧ କରିବା ପରେ ଧମକ ଦିଆଯାଉଛି । ଏଥିରୁ ବିକଶିତ ଗାଁ ବିକଶିତ ଓଡ଼ିଶା କେତେ ଫଳପ୍ରଦ ଅନୁମାନ କରାଯାଇପାରେ ।

## ନିଶା ମାଫିଆଙ୍କ କବଳରେ ସ୍ୱଳ୍ପ ବୟସର ଯୁବପିଢ଼ି

**କଳିଙ୍ଗନଗର, ୨୯।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳର ନିଶା ମାଫିଆମାନେ ଆଇନକାନୁନକୁ ଫୁ କରି ନିଶା କରବାରେ ବେଶ ସକ୍ରିୟ ହୋଇପଡୁଛନ୍ତି । ମାଫିଆଙ୍କୁ ନଜର ଏବେ ସ୍କୁଲ-କଲେଜ ଛାତ୍ରଛାତ୍ରୀଙ୍କୁ ଲୋଭ ଦେଖାଇ ଗଞ୍ଜେଇ, ‘ବ୍ରାଉନ୍ ସୁଗାର, ଧଳା ପାଉଡରରେ ଆସକ୍ତ କରାଯାଉଥିବା ଅଭିଯୋଗ ହେଉଛି । ଚୋରି-ରାହାଜାନି ଓ ଦୁର୍ଘଟଣା ବଢୁଛି ପ୍ରଶାସନୀୟ ଅଙ୍କୁଶ ମାଫିଆଙ୍କୁ ଅଙ୍କୁଶ ଲଗେଇବାରେ ସଫଳତା ନେଇ ଉଠୁଛି ପ୍ରଶ୍ନବାଚୀ? କଳିଙ୍ଗନଗର ଶିଳ୍ପା ଅଞ୍ଚଳରେ ଚୋରା ନିଶା କାରବାର ଦିନକୁ ଦିନ ବେକାବୁ ହେଉଛି ବୋଲି ଆଲୋଚନା ହେଉଛି । ନିଶା ମାଫିଆମାନେ ସ୍କୁଲ-କଲେଜ ପଢୁଆ ସ୍ୱଳ୍ପବୟସ୍କ ପିଲାମାନଙ୍କୁ ଟାର୍ଗେଟ୍ କରି ଆରମ୍ଭରେ ମାଗଣା ଦେଇ ଆଦତ କରାଇବା, ପରେ ସେହି ପିଲାମାନଙ୍କ ମାଧ୍ୟମରେ ଆଉ ୧୦-୧୫ ଜଣ ସାଙ୍ଗଙ୍କ ଭିତରେ ନିଶା ପ୍ରସାର କରାଯାଉଛି ବୋଲି କଥା ଆସୁଛିଛଶିଳ୍ପାଞ୍ଚଳ ରେ ଚୋରା ନିଶା ଦ୍ରବ୍ୟ ସହଜରେ ଓ ହାତପାହାଁତା ସହଜରେ ରେ ଗଞ୍ଜେଇ, ଧଳା ପାଉଡ଼ର ଓ ‘ବ୍ରାଉନ୍ ସୁଗାର’ ମିଳୁଥିବାରୁ ସ୍ୱଳ୍ପବୟସ୍କ ମଧ୍ୟରେ ଆସକ୍ତି ବଢୁଛିଛ ଏହାର ପରିଣତି ସ୍ୱରୂପ ଚୋରି, ରାହାଜାନି, ଗୁଣ୍ଡାଗର୍ଦ୍ଦି ଓ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଥିବା ଅଭିଯୋଗ ହେଉଛିଛ ନିଶାରେ ବଶବର୍ତ୍ତୀ ହେବା ପରେ ଅନେକ ପିଲା ଅଧାରୁ ପଢ଼ା ଛାଡୁଛନ୍ତି, ଯାହା ପରିବାର ଓ ସମାଜପାଇଁ ବର୍ତମାନ ଚିନ୍ତାଜନକ ହୋଇପଡିଛିଛଏବେ ବହୁ ପରିବାର ସଂକଟରେ ଦୁଃଖ,ଦୁର୍ଦଶା ଥିବା ସାଧାରଣ ରେ ଆଲୋଚନା ହେଉଛିଛ ଶିଳ୍ପାଞ୍ଚଳରେ ପ୍ରମୁଖ ମାଫିଆ ଗୋଷ୍ଟି ସକ୍ରିୟ ଥିବା ସତ୍ତ୍ୱେ, ହାତେଗଣା କିଛି ଚୁଟିଆ ବେପାରୀଙ୍କୁ ଧରି ‘କର୍ତ୍ତବ୍ୟ ସମାପ୍ତ’ ବୋଲି ପ୍ରଶାସନ ଭାବୁଛି -ଏପରି ଅଭିଯୋଗ ମଧ୍ୟ ଉଠୁଛିଛ ବିଭାଗୀୟ ଅଧିକାରୀ ଓ ପୋଲିସ ତରଫରୁ ମୁଖ୍ୟ ମାଫିଆଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ଅଭାବ ନେଇ ଅଞ୍ଚଳରେ ଅସନ୍ତୋଷ ବ୍ୟକ୍ତ ହେଉଛି । ମୁଖ୍ୟ ନିଶା ମାଫିଆମାନେ ଥାନାର କିଛି ଅସାଧୁ କର୍ମଚାରୀଙ୍କୁ ହାତ ବାରିସୀ କରି ବିଭିନ୍ନ ଉପାୟ ବାହାର କରି ଗଳା ବାଟରେ ନିଧଡ଼କ ନିଶା କାରବାର କରୁଥିଲେ ବି ପୋଲିସ ହାତରୁ ଖସିଯିବାରେ ସଫଳ ହେଉଛି । ମାଫିଆ ଖସିବାରେ କିଛି ଅସାଧୁ କର୍ମଚାରୀଙ୍କ ହାତ ଥିବାରୁ ପୋଲିସ ହାତ ଖାଲିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏହାକୁ ନେଇ ଯଦି ଅଧିକାରୀ ସଠିକ୍ ତଦନ୍ତ କରି ଅସାଧୁ କର୍ମଚାରୀଙ୍କୁ ଆଇନ ତ ମିଳିପାରିଲେ ନିଶା କାରବାର କମି ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଅବକାରୀ ବିଭାଗ, ପୋଲିସ ଓ ଜିଲ୍ଲା ପ୍ରଶାସନଙ୍କ କାର୍ଯ୍ୟାନୁଷ୍ଠାନରେ ଶିଥିଳ ହୋଇ ଯାଇଛି ଦୋଷୀଙ୍କ ବିରୁଦ୍ଧରେ ସେପରି କିଛି ପ୍ରତିକ୍ରିୟା ଦେଖା ଯାଉନାହିଁ । ସ୍ଥାନୀୟମାନଙ୍କ ଦାବି- ସ୍କୁଲ-କଲେଜ ନିକଟ ମୁଖ୍ୟ ଯୋଗାଣ ଜାଗା ମାଫିଆଙ୍କୁ ଚିହ୍ନଟ କରି ସ୍ପେଶାଲ୍ ଡ୍ରାଇଭ୍, ନିରନ୍ତର ନିରୀକ୍ଷଣ ଓ ଦ୍ରୁତ ଚାର୍ଜସିଟ୍ ମୁଖ୍ୟ ମାଫିଆ ଏବଂ ଅଞ୍ଚଳର ନିଶା ବେପାରୀଙ୍କୁ ଆଇନର ଛାଟ ଆବଶ୍ୟକ ହୋଇପଡିଛି । ସ୍କୁଲ-କଲେଜ ଗେଟ୍ ଓ ନିକଟସ୍ଥ ଏରିଆରେ ନିୟମିତ ଚେକ୍ ପୋଲିସ ଏବଂ ଅବକାରୀ ବିଭାଗ ଦ୍ୱାରା କରାଯାଉ ଅଭିଭାବକ-ଶିଶୁଙ୍କ ପାଇଁ ଡ୍ରଗ୍ ଆୱେରନେସ୍ କାଉନ୍ସେଲିଂ କ୍ୟାମ୍ପ କିଛି ଦିନ ଅନ୍ତରରେ ହେଲେ ନିଶା କବଳରୁ ପିଲାମାନେ ବର୍ତ୍ତୀ ପାରନ୍ତେ । ହେଲ୍ପଲାଇନ୍ ନମ୍ବର ପ୍ରଚାର ଗୋପନିୟତା ଭାବେ ସୂଚନା ଦେବା ସୁବିଧା । ଆଡ୍‌ଭାନ୍ସ ଇଣ୍ଟେଲିଜେନ୍ସ-ଲେଡ୍ ଅପରେସନ୍ ସହ ଦ୍ରୁତ ଚାର୍ଜସିଟ୍ ଓ ଫାଷ୍ଟ-ଟ୍ରାକ୍ ଟ୍ରାୟାଲ୍ କଲେ ନିଶା ମାଫିଆଙ୍କ କାର୍ଯ୍ୟ କଳାପ କମି ପାରନ୍ତା ସାଧାରଣରେ ମତ ପ୍ରକାଶ ପାଇଛି । ମୁଖ୍ୟ ମାଫିଆ ଗୋଷ୍ଠି କୁ ଚିହ୍ନଟ କରି କଠୋର ପଦକ୍ଷେପ ନେଲେ ମାତ୍ର ସ୍ୱଳ୍ପବୟସ୍କଙ୍କୁ ନିଶାର କବଳରୁ ବଞ୍ଚାଇପାରିବ । ପ୍ରଶାସନ ଓ ସମାଜ ମିଳିତ ଉଦ୍ୟମ ହିଁ ଏଠାରୁ ମୁକ୍ତିର ମାର୍ଗ ହୋଇପାରିବ । ତୁରନ୍ତ ମୁଖ୍ୟ ମାଫିଆ ଏବଂ ନିଶା ବେପାରୀଙ୍କ ବିରୁଦ୍ଧରେ ଅତି ଦୃଢ଼ କାଯ୍ୟନୁଷ୍ଠାନ ନେବାକୁ କଳିଙ୍ଗନଗର ଅଞ୍ଚଳର ବୁଦ୍ଧିଜୀବୀ ଓ ଅଭିଭାବକ ମାନେ ଅବକାରୀ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

ନିଶା ପୋରୀ କିଛି ନିଶାଡିଙ୍କୁ ସାଙ୍ଗରେ ରଖି ନୂଆ ନୂଆ ପିଲାଙ୍କୁ ଆଗେ ମାଗଣାରେ ନିଶା ଦ୍ରବ୍ୟ ଦେଉଛନ୍ତି, ଅଭ୍ୟାସ ପରେ ଘରୁ ଟଙ୍କା ଓ ସୁନା ନେଇଆସିବାକୁ ବଧ୍ୟ କରୁଛନ୍ତି । ଆମ ପୁଅ ଅଧାରୁ ପଢ଼ା ଛାଡ଼ିଦେଲା, ନିଶା ଗ୍ରସ୍ଥ ପରେ ଆମ ପରିବାର ଦୁଃଖ ଚିନ୍ତାରେ, ଆଉ କାହାର ପରିବାର ଉଜୁଡିବା ପୂର୍ବରୁ ପ୍ରଶାସନ କାଯ୍ୟନୁଷ୍ଠାନ ନେଉ -କିଛି ଅଭିଭାବକ ନାମ ଗୋପନ ରଖି ଦୁଃଖ ଓ ଚିନ୍ତାର ସହ କହିଛନ୍ତି ।

: ବହି ବିକ୍ରି ହେଲେ ସିନା ପ୍ରକାଶକମାନେ ଛାପିବେ ଏବଂ ଲେଖକମାନେ ଲେଖିବେ, ମାଗଣାରେ ଯଦି ପ୍ରକାଶକ ଏବଂ ଲେଖକମାନେ ବହି ବାଣ୍ଟିବେ ସେମାନେ ଆଗକୁ ବହି ଛାପିବେ କାହିଁକି, କେଉଁ ସ୍ୱାର୍ଥରେ? ବହି ବାଣ୍ଟିଲେ ଲୋକଙ୍କର ବହି କିଣିବାର ଆଗ୍ରହ ବଢ଼ିବ କି? ଆଜିକାଲି ତ ବହି ଏବଂ ପତ୍ରିକା କିଣିବାର ଆଗ୍ରହ ଏମିତିରେ ଲୋକଙ୍କ ପାଖରେ ନାହିଁ । ମାଗଣାରେ ବାଣ୍ଟିଲେ ନ ପଢ଼ିବା ଲୋକ ବି ନେଇଯିବେ, ପରେ ହୁଏତ କିଲୋ ଦରରେ ତାକୁ କବାଡ଼ିବାଲାକୁ ବିକିଦେବେ । ତେଣୁ ସରକାରଙ୍କର ଯଦି ପ୍ରକୃତରେ ଭାଷାପ୍ରୀତି ରହିଛି ଏବଂ ଭାଷାର ପ୍ରଚାର ପ୍ରସାର ଚାହୁଁଛନ୍ତି ତା'ହେଲେ ବାଲିଯାତ୍ରା ଭଳି ପର୍ବପର୍ବାଣି ମାନଙ୍କରେ ଲୋକଙ୍କୁ ବହି ବାଣ୍ଟିବା ପାଇଁ ବହି କିଣନ୍ତୁ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୩୦ ଅକ୍ଟୋବର, ୨୦୨୫ | ଗୁରୁବାର

ଓଡ଼ିଶା ଏକ୍ସପ୍ରେସ୍

## ମାଗଣା ବହି ସଂଗ୍ରହ କରି, ମାଗଣାରେ ବାଣ୍ଟିବା ଏ କି ପ୍ରକାର ଭାଷାପ୍ରୀତି

ଏକ ଖବରରୁ ଜଣାଯାଇଛି ଚଳିତବର୍ଷ ପ୍ରଥମ କରି ଓଡ଼ିଆ ଅସ୍ମିତା ପାଇଁ ଏବଂ ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ଓ ପ୍ରସାର ନିମନ୍ତେ କଟକ ଜିଲା ପ୍ରଶାସନ ପକ୍ଷରୁ ବାଲିଯାତ୍ରାରେ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଆ ଲେଖକଙ୍କଠାରୁ ପୁସ୍ତକ ସଂଗ୍ରହ କରି ମାଗଣାରେ ବାଲିଯାତ୍ରାରେ ବଣ୍ଟନ କରାଯିବାର ଯୋଜନା କରାଯାଇଛି । ଏହା ନିଶ୍ଚି ଭାବରେ ଏକ ଅଭିନବ ପରିକଳ୍ପନା ।

ଅନେକ ବହିପ୍ରେମୀ ଏବେ ସେମାନଙ୍କର ଗଚ୍ଛିତ, ସଂଗୃହୀତ ଏବଂ କଷ୍ଟ ଉପାର୍ଜିତ ଅର୍ଥରେ କିଣିଥିବା ବହିଗୁଡ଼ିକର ଭବିଷ୍ୟତକୁ ନେଇ ଚିନ୍ତାରେ ଅଛନ୍ତି । ସେମାନଙ୍କ ଅନ୍ତେ ସେମାନଙ୍କ ମୋବାଇଲ୍‌ମନସ୍କ ପିଲାଏ ସେ ବହିଗୁଡ଼ିକୁ ଆବର୍ଜନା ଭାବି ଫୋପାଡ଼ି ଦେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେମାନେ ଅନୁମାନ କରୁଛନ୍ତି । ତେଣୁ ଯେଉଁମାନେ ବର୍ଷ ବର୍ଷ ଧରି ନିଜ ଖର୍ଚ୍ଚରୁ କାଟି ବହି କିଣିଥିଲେ ସେମାନେ ସେସବୁ ବହିକୁ ଏମିତି କାହାରିକୁ ଦେବାକୁ ଚାହୁଁଛନ୍ତି ଯିଏ କି ସେସବୁ ବହିକୁ ଆଗ୍ରହର ସହ ରଖିବ ଏବଂ ଯତ୍ନନେବ ।

ପରିଣତ ବୟସରେ ଯେଉଁ ବହିପ୍ରେମୀମାନଙ୍କୁ ବାଧ୍ୟବାଧକତାରେ ପିଲାମାନଙ୍କ ପାଖରେ ରାଜ୍ୟ ବାହାରେ କିମ୍ବା ଦେଶ ବାହାରେ ରହିବାକୁ ପଡୁଛି ସେମାନେ ସେମାନଙ୍କ ସଂଗୃହୀତ ବହିକୁ ନେଇ ଖୁବ୍ ଚିନ୍ତାରେ ପଡ଼ିଯାଉଛନ୍ତି । ଅନେକ ଦିନ ବାହାରେ ରହିବା ଫଳରେ ବେଳେବେଳେ ବହିରେ ଉଇ ଲାଗିଯାଉଛି କିମ୍ବା ପାଣିରେ ଜକେଇ ଯାଉଛି ବହିଗୁଡ଼ିକ । ଯତ୍ନ ନନେଲେ ଯାହାହୁଏ । ଏଇ ଦୃଷ୍ଟିରୁ ଅନେକେ ସେମାନଙ୍କ ହୃଦୟ ଚାହୁଁନଥିଲେ ମଧ୍ୟ ଛାତିକୁ ପଥର କରି ବହିଗୁଡ଼ିକୁ ବାଣ୍ଟିଦେବାକୁ ଚାହୁଁଛନ୍ତି ।

ହଁ, ଏଇଠି କିନ୍ତୁ ଗୋଟେ ପ୍ରଶ୍ନ ମନକୁ ଆସୁଛି ଯେ– କଟକ ବାଲିଯାତ୍ରାରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ମାଗଣାରେ ଜିଲା ପ୍ରଶାସନ ଲେଖକଙ୍କଠାରୁ ବହି ସଂଗ୍ରହ କରି ମାଗଣାରେ ବାଣ୍ଟିବା ବୋଧେ ନିହାତି ଏକ ମୂଲ୍ୟବୋଧୀ ନିଷ୍ପତ୍ତି ନୁହେଁ । ସରକାର ପ୍ରଶାସକ ଏବଂ ଲେଖକଙ୍କଠାରୁ ବହି କିଣି ଯଦି ଲୋକଙ୍କୁ ବାଣ୍ଟିବାର ଯୋଜନା କରିଥାନ୍ତେ ତା'ହେଲେ ପ୍ରକାଶକମାନେ ଏବଂ ଯେଉଁମାନେ ନିଜ ଖର୍ଚ୍ଚରେ ବହି ଛାପୁଛନ୍ତି ସେମାନେ ଉପକୃତ ହୋଇଥାନ୍ତେ । ମାଗଣାରେ ବହି ସଂଗ୍ରହ କରି ମାଗଣାରେ ବାଣ୍ଟିବା ଏକ ଭାଷା ପ୍ରୀତି ନୁହେଁ ବୋଧେ? ଶାସ୍ତ୍ରୀୟ ଭାଷା ପ୍ରତି ଏହା ଏକ ସମ୍ମାନ ନୁହେଁ ।

ବହି ବିକ୍ରି ହେଲେ ସିନା ପ୍ରକାଶକମାନେ ଛାପିବେ ଏବଂ ଲେଖକମାନେ ଲେଖିବେ, ମାଗଣାରେ ଯଦି ପ୍ରକାଶକ ଏବଂ ଲେଖକମାନେ ବହି ବାଣ୍ଟିବେ ସେମାନେ ଆଗକୁ ବହି ଛାପିବେ କାହିଁକି, କେଉଁ ସ୍ୱାର୍ଥରେ? ବହି ବାଣ୍ଟିଲେ ଲୋକଙ୍କର ବହି କିଣିବାର ଆଗ୍ରହ ବଢ଼ିବ କି? ଆଜିକାଲି ତ ବହି ଏବଂ ପତ୍ରିକା କିଣିବାର ଆଗ୍ରହ ଏମିତିରେ ଲୋକଙ୍କ ପାଖରେ ନାହିଁ । ମାଗଣାରେ ବାଣ୍ଟିଲେ ନ ପଢ଼ିବା ଲୋକ ବି ନେଇଯିବେ, ପରେ ହୁଏତ କିଲୋ ଦରରେ ତାକୁ କବାଡ଼ିବାଲାକୁ ବିକିଦେବେ । ତେଣୁ ସରକାରଙ୍କର ଯଦି ପ୍ରକୃତରେ ଭାଷାପ୍ରୀତି ରହିଛି ଏବଂ ଭାଷାର ପ୍ରଚାର ପ୍ରସାର ଚାହୁଁଛନ୍ତି ତା'ହେଲେ ବାଲିଯାତ୍ରା ଭଳି ପର୍ବପର୍ବାଣି ମାନଙ୍କରେ ଲୋକଙ୍କୁ ବହି ବାଣ୍ଟିବା ପାଇଁ ବହି କିଣନ୍ତୁ । ଜୋତା, ଛତା, ଚାଉଳ ରାଜନୈତିକ ଦଳମାନେ ବାଣ୍ଟନ୍ତି ଭୋଟ୍ ପାଇବା ପାଇଁ । ସେସବୁ ଲୋକଙ୍କଠାରୁ ମାଗଣାରେ ସଂଗ୍ରହ କରାଯାଏ ନାହିଁ । ସେସବୁ କିଣାଯାଏ ଏବଂ ମାଗଣାରେ ବଣ୍ଟାଯାଏ । ଠିକ୍ ସେଇଭଳି, ସରକାର ବହି କିଣନ୍ତୁ ଏବଂ ମାଗଣାରେ ବାଣ୍ଟନ୍ତୁ । ଏଥିରେ କିଛି ଲୋକଙ୍କ ପାଖରେ ହୁଏତ ଓଡ଼ିଆ ବହି ପହଞ୍ଚିପାରିବ । ମାଗଣାରେ ବହି ବାଣ୍ଟିବା ନିଶ୍ଚିତ ଭାବରେ ଏକ ଉନ୍ନତ ପରିକଳ୍ପନା ସତ, କିନ୍ତୁ ସରକାର କିଣିକି ବାଣ୍ଟନ୍ତୁ, ଏଥିରେ ପ୍ରକାଶକ ବଞ୍ଚିବେ, ଲେଖକ ଲେଖିବେ ଏବଂ ନୂଆ ନୂଆ ବହି ଛପା ହୋଇପାରିବ ।

# ବେପରୁଆ ପ୍ରଶାସନ : ବିଡମ୍ବିତ ଦର୍ଶନ

### ସତ କହିବାକୁ କିଆଁ ଡରିବି

◆ ଅମ୍ବିକା ପ୍ରସାଦ ଦାସ ◆

**ଆଗରୁ ବି ଭକ୍ତ ଆସୁଥିଲେ ଶ୍ରୀକ୍ଷେତ୍ରକୁ । ଏବେ ଆସୁଛନ୍ତି, ଆଗକୁ ବି ଆସିବେ । କିନ୍ତୁ ଏବେ ଶ୍ରୀମନ୍ଦିର ପ୍ରଶାସନ ଯେଉଁଭଳି ବେପରୁଆ ନୀତି ଆପଣେଇଛି ତାହା ଆଗରୁ କେବେ ଦେଖାନଥିଲା । ଲାଇନ୍‌ରେ ଲୋକେ ଛିଡ଼ା ହେବେ, ଲାଇନ୍ ଧୀରେଧୀରେ ଚାଲିବ ଏବଂ ସମସ୍ତେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିପାରିବେ ଏତିକି କ'ଣ ହୋଇପାରିବନି? ଆଗରୁ ହେଉଥିଲା କେମିତି? ଏବେ କିନ୍ତୁ ଲୋକଙ୍କୁ ଲାଇନ୍ ଭିତରେ ପୂରେଇ ଦେଇ ଆଗକୁ ଯିବାର କି ପଛକୁ ଫେରିବାର ରାସ୍ତା ଘଣ୍ଟା ଘଣ୍ଟା ଧରି ବନ୍ଦ କରିଦିଆଯାଉଛି । ଲାଇନ୍ ଚାଲୁନଥିବାରୁ ଲୋକେ ଅସହ୍ୟ ଗୁଳୁଗୁଳିରେ ଗୋଟିଏ ଗୋଟିଏ ଥାକରେ ଅଟକି ରହୁଛନ୍ତି । ଏହି ଯନ୍ତ୍ରଣା କେବଳ ଅନୁଭବୀ ହିଁ କହିପାରିବ।**

ଶ୍ରୀମନ୍ଦିରରେ ନାହିଁ ନଥିବା ଅବ୍ୟବସ୍ଥା। ମହାପ୍ରଭୁଙ୍କ ଦର୍ଶନ ଲାଗି ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ବେଦନାଭରା ଅଭିବ୍ୟକ୍ତି ଶ୍ରୀମନ୍ଦିର ପ୍ରଶାସନର ପାରିବାପଣିଆକୁ ଖାଲି ଯେ ପଦାରେ ପକାଇଛି ତା' ନୁହେଁ ସବୁବେଳେ ବଡ଼ବଡ଼ିଆଙ୍କ ସୁରକ୍ଷିତ ଦର୍ଶନ ବ୍ୟବସ୍ଥା ସାଙ୍ଗକୁ ସେମାନଙ୍କ ସ୍ୱାଚ୍ଛନ୍ଦ୍ୟକୁ ଅଗ୍ରାଧିକାର ଦେବା ଫଳରେ ସାଧାରଣ ଶ୍ରଦ୍ଧାଳୁ କିପରି ଯନ୍ତ୍ରଣା ଜର୍ଜରିତ ତାହା ପ୍ରତ୍ୟକ୍ଷ ନ କଲେ ବୁଝିହେବନି ।

ଏଇ କିଛିଦିନ ତଳେ ହାଇଦ୍ରାବାଦରୁ ଆସିଥିବା ଜଣେ ଶ୍ରଦ୍ଧାଳୁ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ଦର୍ଶନକାଳୀନ ତାଙ୍କ ବେଦନା ବଖାଣୁଥିଲେ । ତାଙ୍କ କହିବା ଅନୁସାରେ– ଦର୍ଶନ ଲାଗି କୌଣସି ଶୃଙ୍ଖଳିତ ବ୍ୟବସ୍ଥା ନଥିବାରୁ ଲୋକେ ଚାପି ହୋଇ ଅଣନିଃଶ୍ୱାସୀ ହୋଇଯାଉଥାନ୍ତି, ବୁଢ଼ାବୁଢ଼ୀଙ୍କ ଅବସ୍ଥା ଆହୁରି ଖରାପ। ପ୍ରଶାସନ ଥିଲା ଭଳି ଆଦୌ ଲାଗୁନଥିଲା। ଲାଗୁଥିଲା ଯେମିତି ଏତେ ଅବ୍ୟବସ୍ଥା ଭିତରେ ସେଇ ମହାପ୍ରଭୁ ହିଁ ଅସହାୟଙ୍କୁ ସୁରକ୍ଷା ଦେଉଛନ୍ତି !!

ଦେଢ଼ମାସ ତଳେ ସପରିବାର ଯାଇଥିଲୁ ଶ୍ରୀମନ୍ଦିରକୁ । ଦୀର୍ଘ ସମୟର ପ୍ରତୀକ୍ଷା ପରେ ଦର୍ଶନ ଲାଗି ଯଦିଓ ସୁଯୋଗ ମିଳିଲା ସେତେବେଳେ କିନ୍ତୁ ଏହି ପ୍ରତୀକ୍ଷାଜନିତ ଯନ୍ତ୍ରଣା ସୀମା ଭିତରେ ଥିଲା । ମୋଠାରୁ ଏହା ଶୁଣିବା ପରେ ପ୍ରଶାସନିକ ସେବାରୁ ଅବସର ନେଇଥିବା ଜଣେ ପ୍ରିୟଜନ ସେଦିନ କହୁଥିଲେ– ମୋତେ କହିଲେନି? ସୁରକ୍ଷିତ ଦର୍ଶନର ବ୍ୟବସ୍ଥା ହୋଇପାରିଥାନ୍ତା!!

ସେଦିନ ମନେ ମନେ ଭାବିଥିଲି– ମୋ' ଭଳି ଲକ୍ଷ ଲକ୍ଷ ଲୋକ ମହାପ୍ରଭୁଙ୍କ ଦର୍ଶନ ଅଭିଳାଷରେ ଆସୁଛନ୍ତି । ସେମାନଙ୍କ ଲାଗି ଯଦି ସୁରକ୍ଷିତ ଦର୍ଶନ ବ୍ୟବସ୍ଥା ହୋଇପାରୁନି ତେବେ ମୁଁ କାହିଁକି ଏପ୍ରକାର ସୁଯୋଗ ନେବି?

ହାଇଦ୍ରାବାଦର ସେଇ ଶ୍ରଦ୍ଧାଳୁଙ୍କ ସୂଚନା ପାଇବା ପରେ ଗତ ସୋମବାର (ଅକ୍ଟୋବର ୨୭) ବଡ଼ିଭୋରରୁ ଯାଇଥିଲି ମହାପ୍ରଭୁଙ୍କ ଦର୍ଶନ ପାଇଁ । ବଡ଼ଦାଣ୍ଡରେ ପହଞ୍ଚିଲା ବେଳକୁ ସାଢ଼େ ୫ଟା । ଆମ ପୂର୍ବରୁ ଧାଡ଼ିରେ ଥାଆନ୍ତି ଢେର ଲୋକ । ୫–୬ ଥାକିଆ କଟକଣା ଜାରି କରିଛନ୍ତି ପ୍ରଶାସନ। ପ୍ରଥମରୁ ଦୁଇଟି ଥାକରେ ଯଦିଓ ପୁଲିସ ଥିଲେ ମଝି ଦୁଇ ତିନୋଟି ଥାକରେ ଆଦୌ ପୁଲିସ କର୍ମଚାରୀଙ୍କୁ ଦେଖିବାକୁ ମିଳୁନଥିଲା। ଥରେ ଯିଏ ଲାଇନ୍‌ରେ ପଶିଲା ତା' ଭିତରେ ଚାପି ହୋଇ ଅଣନିଃଶ୍ୱାସୀ ହେଲା କି ପାଣି ମୁନ୍ଦିଏ ନ ପାଇ ଅଚେତ ହେଲା ତାହା ଦେଖିବା ଯେମିତି କାହା ଦାୟିତ୍ୱ ନଥିଲା। ଯେଉଁମାନେ ଲାଇନ୍ ଭିତରେ ରହିଗଲେ ଲାଇନ୍ ନ ଚାଲିବା କାରଣରୁ ସେମାନଙ୍କର ବାହାରକୁ ଯିବାର ବାଟ ନଥିଲା। ନା ଆଗକୁ ଯିବାର ବ୍ୟବସ୍ଥା, ନା ପଛକୁ ଫେରିବାର ରାସ୍ତା! ଭିତରେ ଏକପ୍ରକାର ଚାପି ହୋଇ ଭୟଙ୍କର ଅବସ୍ଥା ସୃଷ୍ଟି ହେଉଥିଲା । ମଝିରେ ମଝିରେ ପାଣି ପାଇଁ ଶୁଭୁଥିଲା ଅନେକଙ୍କର ଚିତ୍କାର । ବ୍ୟାରିକେଡ୍ ସେପଟେ ଥିବା ପାଣି ବୋତଲ ବିକାଳି ମନଇଚ୍ଛା ଦରରେ ବିକି ଚାଲିଥିଲେ। ଏମିତି ପ୍ରାୟ ୫ ଘଣ୍ଟା ବିତିଲା । ଏବେ ସିଂହଦ୍ୱାରକୁ ଯିବାର ବାଟ ଫିଟିଲା । ସେତେବେଳକୁ ଛାତିପିଠି ପୂରା ଦରଜ । ଯନ୍ତ୍ରଣା ଅବର୍ଣ୍ଣନୀୟ। ଅନେକେ ବିରକ୍ତିର ସହ କହୁଥାନ୍ତି– ଯଦି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରିନପାରିବ ତେବେ ଲୋକଙ୍କୁ ପୋକମାଛି ଭଳି ୫–୬ ଘଣ୍ଟା ଧରି ବ୍ୟାରିକେଡ୍ ଭିତରେ ରଖି ଛଟପଟ କରୁଛ କାହିଁକି?

ଆଗରୁ ବି ଭକ୍ତ ଆସୁଥିଲେ ଶ୍ରୀକ୍ଷେତ୍ରକୁ । ଏବେ ଆସୁଛନ୍ତି, ଆଗକୁ ବି ଆସିବେ । କିନ୍ତୁ ଏବେ ଶ୍ରୀମନ୍ଦିର ପ୍ରଶାସନ ଯେଉଁଭଳି ବେପରୁଆ ନୀତି ଆପଣେଇଛି ତାହା ଆଗରୁ କେବେ ଦେଖାନଥିଲା । ଲାଇନ୍‌ରେ ଲୋକେ ଛିଡ଼ା ହେବେ, ଲାଇନ୍ ଧୀରେଧୀରେ ଚାଲିବ ଏବଂ ସମସ୍ତେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିପାରିବେ ଏତିକି କ'ଣ ହୋଇପାରିବନି? ଆଗରୁ ହେଉଥିଲା କେମିତି? ଏବେ କିନ୍ତୁ ଲୋକଙ୍କୁ ଲାଇନ୍ ଭିତରେ ପୂରେଇ ଦେଇ ଆଗକୁ ଯିବାର କି ପଛକୁ ଫେରିବାର ରାସ୍ତା ଘଣ୍ଟା ଘଣ୍ଟା ଧରି ବନ୍ଦ କରିଦିଆଯାଉଛି । ଲାଇନ୍ ଚାଲୁନଥିବାରୁ ଲୋକେ ଅସହ୍ୟ ଗୁଳୁଗୁଳିରେ ଗୋଟିଏ ଗୋଟିଏ ଥାକରେ ଅଟକି ରହୁଛନ୍ତି । ଏହି ଯନ୍ତ୍ରଣା କେବଳ ଅନୁଭବୀ ହିଁ କହିପାରିବ।

ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ କ'ଣ ବଡ଼ବଡ଼ିଆ ଓ ଥିଲାବାଲାଙ୍କର? କ୍ଷମତାଧରଙ୍କର?

ଯୁଗେ ଯୁଗେ ସେ ଦୀନଦୁଃଖୀ, ଭକ୍ତର ଭାବରେ ବନ୍ଧା। ଲୋକଙ୍କୁ ହରକତ କରି ଘଣ୍ଟା ଘଣ୍ଟା ଅଟକ ରଖି ପ୍ରଶାସନ ନିଜ ପାରିବାପଣିଆ ଜାହିର କରୁଥିଲେ ହେଁ ମହାପ୍ରଭୁ କିନ୍ତୁ ଭକ୍ତର ହୃଦୟରେ ଅଛନ୍ତି । କାଲିଥିଲେ, କାଲିକି ବି ସେମିତି ଥିବେ। କିନ୍ତୁ ଅସହାୟ ଜନତାଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଥିବା ଲୋକେ ଯେଉଁ ସ୍ତରରେ ଥାଆନ୍ତୁ ନା କାହିଁକି ସେମାନଙ୍କୁ ଯେ ସେମାନଙ୍କର କୃତକର୍ମର ଫଳ ଆଗକୁ ଭୋଗିବାକୁ ପଡ଼ିବ ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ ।

ବଡ଼ବଡ଼ିଆଙ୍କ ବଡ଼ିମା ଲାଗି ଲାଗ୍ ଲାଗ୍ ଦୁଇବର୍ଷ ଧରି ଘୋଷଯାତ୍ରାରେ ନାନା ଅଘଟଣ ଘଟିଲା । ତଥାପି ଚେତା ପଶୁନି ସେମାନଙ୍କର ।

ପୂର୍ବରୁ ରାଜା ମହାରାଜାମାନେ ପ୍ରଜାମାନେ କିପରି ଅବସ୍ଥାରେ ଅଛନ୍ତି ତାହା ଜାଣିବା ଲାଗି ଛଦ୍ମବେଶରେ ଲୋକଙ୍କ ପାଖକୁ ଯାଉଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ହୁଅନ୍ତୁ କି ତାଙ୍କ ସହଯୋଗୀ ହୁଅନ୍ତୁ ଅଥବା କ୍ଷମତାଧର ହୁଅନ୍ତୁ ନିଜର ପରିଚୟ ଗୋପନ ରଖି ଓ ସୁରକ୍ଷା ବ୍ୟବସ୍ଥା ବିନା ଛଦ୍ମବେଶରେ ଥରେ ଲାଇନ୍ ଭିତରକୁ ଯାଆନ୍ତୁ ଓ ଅନୁଭବ କରନ୍ତୁ ୫–୬ ଘଣ୍ଟା ଧରି ଲାଇନ୍ ଭିତରେ କଲବଲ ହେଉଥିବା ଅସହାୟ ଲୋକଙ୍କ ଯନ୍ତ୍ରଣାକୁ ।

ଯଦି ଭଗବାନ ସବୁ ଭକ୍ତଙ୍କ ପାଇଁ ସମାନ ତେବେ କ'ଣ ପାଇଁ ଗଳାବାଟରେ ଅନେକଙ୍କୁ ଛଡ଼ାଯିବ? ଥିଲାବାଲା, ନଥିବାଲା ମଧ୍ୟରେ ବାଛବିଚାର ହେବ? ବଡ଼ବଡ଼ିଆ ଆସିଲେ ସେମାନଙ୍କ ଦର୍ଶନ ଲାଗି କ'ଣ ପାଇଁ ଏତେ ସୁରକ୍ଷିତ ବ୍ୟବସ୍ଥା କରାଯିବ? ସାଧାରଣ ଦର୍ଶନାର୍ଥୀ କ'ଣ ମଣିଷ ନୁହଁନ୍ତି? ସେମାନଙ୍କୁ ପୋକମାଛି ଭଳି ବ୍ୟବହାର କରାଯିବା କେତେଦୂର ଠିକ୍?

ଯଦି ସରକାର ଲୋକଙ୍କ ପାଇଁ ସୁରକ୍ଷିତ ଦର୍ଶନ ବ୍ୟବସ୍ଥା କରିପାରୁନାହାନ୍ତି ତେବେ ବଡ଼ବଡ଼ିଆଙ୍କ ଲାଗି ସୁରକ୍ଷିତ ଦର୍ଶନ ବ୍ୟବସ୍ଥା କରି କେତେଦିନ ଆଉ ବାହାବା ସାଉଣ୍ଟିବେ ।

ଶ୍ରୀମନ୍ଦିରର ସୁପରିଚାଳନା, ସବୁ ଶ୍ରଦ୍ଧାଳୁଙ୍କ ଲାଗି ସୁବନ୍ଦୋବସ୍ତ କରିବାକୁ ଜଣେ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ରହିବା ନିହାତି ଦରକାର, ଯିଏ କି ପଦବୀର ପତିଆରା ଜାହିର ନକରି ମହାପ୍ରଭୁଙ୍କ ପ୍ରତି ପୂର୍ଣ୍ଣ ସମର୍ପିତ ହୋଇଥିବେ । ୨୪ ବର୍ଷ ପରେ ସରକାର ବଦଳିଲା । ଯଦି ଭକ୍ତଙ୍କ ପ୍ରତି ପ୍ରଶାସନର ମାନସିକତା ନ ବଦଳିଲା ତେବେ ସେଥିଲାଗି ପରିବର୍ତ୍ତିତ ସରକାର ଯେ ଆଗକୁ ଅନୁରୂପ ଅବସ୍ଥାର ସାମ୍ନା ନକରିବେ ତାହା କିଏ କହିବ?

## ବିଶ୍ୱଗୁରୁ ପ୍ରଭୁ କିଏ କେମିତି ବୁଝେ

■ ଉତ୍କଳାନନ୍ଦ ଅଜୟ କୁମାର ବେହେରା ■

ବୈକୁଣ୍ଠ ଯେଉଁଠାରେ କୁଣ୍ଠା ନାହିଁ, କୁଣ୍ଠାର ଅର୍ଥ ନାସ୍ତି ନାହିଁ, ନାସ୍ତିବାଣୀ ନାହିଁ, ଅଦେୟ ଏପରି କିଛି ନାହିଁ, ହେଲେ ସଂସାରରେ ସମସ୍ତଙ୍କ ବିଚାର ଭାବନା, ଆବଶ୍ୟକ କୌଣସି କାଳରେ ଏକ ନୁହେଁ, ବୈକୁଣ୍ଠପତି ଅନ୍ତର୍ଯ୍ୟାମୀ ସମସ୍ତଙ୍କ ମନ କଥା ସେ ଜାଣନ୍ତି ସେ ଏକ ଲୋକ ଶିକ୍ଷା ଦେବା ପାଇଁ ଏକ ଅଭିନୟ ଲୀଳା ଲଗାଇଲେ, ଦେବତା ଆଉ ଅସୁର ଏମାନେ କେମିତି ଏକ ଈଶ୍ୱର ଯେ ସଂସାର ଚଳାଉଛନ୍ତି ଯାଦୃଶୀ ଭାବନାରେ ସେଯେ ଏକ ଈଶ୍ୱର, ଏହାର ଭିନ୍ନ ଭିନ୍ନ ରୂପ ମତରେ ନିଜ ଅଜ୍ଞତାରେ ଠାକୁରଙ୍କ ଉପରେ ଅଭିମାନ ମାନ କରିବା ସବୁବେଳେ ଚାଲିଛି କେହି ଜଣାଣରେ ଦରଖାସ୍ତ କରୁଛି ତ କିଏ ଭଜନରେ ଗୁଣଗାନ ମହିମା ଗାନ କରୁଛି, କିଏ ସ୍ଥିର ରୂପରୁ ଏକ ବାଛି ଧ୍ୟାନ କରୁଛି ଏପରି ଅନେକ ପ୍ରକାର ଠାକୁରଙ୍କୁ ଭାବନା ପ୍ରାର୍ଥନା ସେ ସବୁ ଦରଖାସ୍ତ ଗ୍ରହଣ କରନ୍ତି ।

କିନ୍ତୁ କାହା ପାଇଁ କେତେ ସମୟରେ କାର୍ଯ୍ୟ ହାସଲ ହେବ ଏଇଟା କାର୍ଯ୍ୟଟିର ଭାବନା ଓ କିଛି ଭ୍ରମ ବିଳମ୍ବ କରାଏ, ଏଜନ୍ମ ବା ଆଗ ଜନ୍ମ ବହୁତ ଜନ୍ମ ଲାଗିପାରେ ପୁରି କେତେ ଦିନ ବା କିଛି ସମୟ ଲାଗେ ଅନେକ ସନ୍ତାନଟିଏ ଚାହାଁନ୍ତି ହେଲେ ଗର୍ଭଧାନରୁ ଗର୍ଭ ମୋକ୍ଷ ସମୟର ଯେପରି ଲାଗେ ସେପରି ସବୁ ବିଷୟରେ ସମୟ ଲାଗେ, ଜୀବର ଜନ୍ମରୁ ମରଣ ଯାଏ ସମୟ ସମସ୍ତଙ୍କ ଏକ ନୁହେଁ। ଏପରି ବ୍ୟବସ୍ଥାରେ ରାଜୋଗୁଣୀ ସମ୍ପନ୍ନମାନେ ପ୍ରଭୁଙ୍କୁ ନିଜର ସ୍ୱାର୍ଥ ପୁରାଣ ପାଇଁ ବ୍ୟବହାର କରିବା ପାଇଁ ଚାହାନ୍ତି। ପ୍ରଭୁଙ୍କର ଏପାଇଁ ଏଲିଲା ରଚନା, ନିମନ୍ତ୍ରଣ କରାଗଲା ଦେବତା ଗଣଙ୍କୁ ସାଥେ ସାଥେ ଅସୁର ଗଣଙ୍କୁ, ନିମନ୍ତ୍ରଣ ଏକ ଧାର୍ଯ୍ୟସ୍ଥାନ ସମୟ ପୁଣି ଏକ, ଉମ ଉମ ପାକ, ପାକଶାଳାରେ ପ୍ରଭୁଙ୍କର ବରାଦୀ ଭୋଜଦ୍ରବ୍ୟ, ଆଘ୍ରାଣରେ ସ୍ଥାନର ବାତାବରଣ ଫାଟି ପଡୁଛି, ସମୟ ଆସଲା ଦୁଇ ଆମନ୍ତ୍ରିତ ଗୋଷ୍ଠୀ ଆସିଲେ, ପରିବେଷଣକାରୀ ମାନେ ପ୍ରତ୍ୟେକଙ୍କୁ ଯଥାଯୋଗ୍ୟ ସମ୍ମାନ ସହ ଦୁଇ ଅଲଗା ଧାର୍ଯ୍ୟ ଭୋଜନ ସ୍ଥଳୀକୁ ନେଇ ବସାଇଲେ, ଏକ ପ୍ରକାର ଭୋଜ୍ୟ ଦ୍ରବ୍ୟ। ପ୍ରଭୁଙ୍କର ଆଦେଶ ସମସ୍ତେ ଭୋଜ୍ୟ ସ୍ଥଳୀରେ ଆସୀନ ପରେ ପ୍ରତ୍ୟେକ ଡାହାଣ ହାତରେ ଏକ ବଡ଼ା କହୁଣୀକୁ ଲଗାଇ ତଳ ଉପର ବନ୍ଧାଯିବ, କେହି ବାମହାତରେ ଭୋଜନ କରି ପାରିବେ ନାହିଁ, ଭୋଜନ ଆରମ୍ଭ ଓ ଶେଷ ଘଣ୍ଟି ବାଜିବ ଖାଇ ସାରିବା ପରେ ହାତମୁହାଁ ଦୋଇ ହାତରୁ ବତା ଖୋଲି ଅବିଳମ୍ବେ ପ୍ରଭୁଙ୍କୁ ଭେଟିବେ। ଠିକ ସେହିପରି ଆଦେଶ ଅକ୍ଷରେ ଅକ୍ଷରେ ପାଳନ ହେଲା।

ପ୍ରଭୁଙ୍କୁ ସାକ୍ଷାତକୁ ଅସୁରମାନେ ଯାଇ ଏକ ଅସନ୍ତୋଷ ବାର୍ତ୍ତା ଦେଲେ, କହିଲେ ଖୁବମୂଲ୍ୟବାନ ଦୁର୍ଲ୍ଲଭ ଭୋଜ୍ୟ ଦ୍ରବ୍ୟ ଘ୍ରାଣରେ ମନ ମୋହୁଥିଲା ମାତ୍ର ପ୍ରଭୁ ଆପଣ ଏତେ ମାୟାବୀ ଆମେ ହାତରେ ନଖାଇପାରି ଓଇଲିଆଇଲି ହୋଇ ଆଣ୍ଠେଇ ପଶୁ ପକ୍ଷୀ ପରିଖାଇଲୁ ଖାଦ୍ୟ ଗୁଡ଼ିକ ମିଶ୍ରଣ କରି ଗୋଳାଇ ଖାଇ ପାରିଲୁନାହିଁ। ଏ ଥିଲା ଭୋଜନକୁ ଡାକି ଅନମାନ ଦେବା ଆଳ। ପ୍ରଭୁ କହିଲେ ଟିକେ ବସ ନିଜେ ବୁଝି ପାରିବ, ସେମାନେ ବସିଲେ, ଦେବଗଣ ପ୍ରଭୁଙ୍କ ଜୟ ଜୟ କାର କରିକରି ଆସିଲେ ପୁରା ସାଷ୍ଟାଙ୍ଗ ଦଣ୍ଡବତ ପରେ ପ୍ରଭୁଙ୍କ ମୁଖରୁ କିଛି ଶୁଣିବା ପୂର୍ବରୁ କହିଲେ ପ୍ରଭୁ ଆପଣଙ୍କ ନାମ ଦୟାମୟ ଆପଣ ବିଶ୍ୱଗୁରୁ ଆମକୁ ନିମନ୍ତ୍ରଣ କରି ଏକ ବିଶେଷ ଆନନ୍ଦ ମାର୍ଗ ଶିକ୍ଷା ଦେଲେ, ଆଜେ ଜାଣିଲୁ, ଭଲ ଉଦ୍ଦେଶ୍ୟ ନିଶ୍ଚେ ପ୍ରଭୁ ରଖି ଏପରି ବତା ବାନ୍ଧିବା ଖଞ୍ଜି ଭୋଜି ଖାଇବାକୁ ପ୍ରଭାବିତ କରିଛନ୍ତି, ହାତରେ ବଙ୍କା ନହେଲେ ନିଜେ କେହି ନିଜ ହାତରେ ଖାଇ ନପାରନ୍ତି, ହେଲେ ପିଲା ଦିନେ ମାଆ ପିଲାଙ୍କୁ ଖାଇ ଦେବାକୁ ମନକୁ ଆସିଲା ଏକ ଭୋଜନ ପାତ୍ରରେ ଦୁଇ ଜଣ ପରସ୍ପର ସାମ୍ନାସାମ୍ନି ବସି ମା'ପିଲାକୁ ଖୋଇଦେବାପରି ଖାଇବା କ୍ରିୟା ଅତି ଆନନ୍ଦ ଲାଗିଲା ଶିକ୍ଷା ବି ମିଳିଲା ପରସ୍ପରକୁ ସଂକଟରେ ସହାୟକ ହେଲେ ଜଟିଳ କାମ ସହଜ ହୋଇଯିବା ପ୍ରଭୁ ଅସୁର ଗଣଙ୍କୁ କହିଲେ ଏବେ ଶୁଣିଲେତ, ସେତେବେଳେ ଅସୁରମାନେ ଏଇ କଥା ଭାବି ସୁଯୋଗ ହରା ହେଲେ ଭାବୁଥିଲେ, ଶେଷରେ ସମସ୍ତେ ବିଶ୍ୱଗୁରୁ ପ୍ରଣାମ ଦଣ୍ଡବତ ହୋଇ ଜୟ ଜୟ କର ବାହୁଡ଼ିଥିଲେ ।

*ଅରୁଣୋଦୟ ମାର୍କେଟ, କଟକ, ମୋ.୯୪୩୭୦୩୧୨୫୩*

# ଦୁର୍ନୀତି ନୀତି ହେଲେ ନିବାରିତ ହେବ କିପରି?

ଦୁର୍ନୀତି ରାକ୍ଷସ ଆମ ବ୍ୟବସ୍ଥାକୁ ଗିଳୁଥିବା ବେଳେ ସାଧାରଣ ଲୋକେ ନିସ୍ତାର ପାଇବା ପାଇଁ ତ୍ରାହିତ୍ରାହି ଡାକୁଛନ୍ତି । ତଳୁ ଉପର ପର୍ଯ୍ୟନ୍ତ ବିନା ଲାଞ୍ଚରେ ପ୍ରାୟତଃ କେଉଁଠି କାମ ହେଉନାହିଁ । ଦରିଦ୍ରତମ ଲୋକଟି ରାସନ କାର୍ଡଟିଏ ପାଇବା ପାଇଁ ହେଉ କିମ୍ବା ବାସହୀନଟିଏ ଆବାସ ଯୋଜନାରେ ଘରଖଣ୍ଡେ ପାଇବା ପାଇଁ କି ଭିନ୍ନକ୍ଷମଟିଏ ଭତ୍ତା ଲାଗି ଲାଞ୍ଚ ଦେବାକୁ ବାଧ୍ୟ ହେଉଛି । ଯୋଗ୍ୟଙ୍କୁ ଉପେକ୍ଷା କରି ବହୁ କ୍ଷେତ୍ରରେ ଅଯୋଗ୍ୟଙ୍କୁ ସରକାରୀ ଯୋଜନାରେ ସାମିଲ କରିବା ପଛରେ ବି ଦୁର୍ନୀତି । ବ୍ୟାଙ୍କ ଠକେଇଠାରୁ ରାଜକୋଷ ଲୁଟ ଏମିତିକି ନିଯୁକ୍ତି ପର୍ଯ୍ୟନ୍ତ ପ୍ରାୟ ସବୁଥିରେ ଦୁର୍ନୀତିର ଗନ୍ଧ । ଏଭଳି ସ୍ଥିତିରୁ ମୁକୁଳିବା ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବାରମ୍ବାର ଉଦବେଗ ପ୍ରକାଶ କରୁଥିବାବେଳେ ଖୋଦ ରାଜଧାନୀ ଦିଲ୍ଲୀରେ ଜଣେ ହାଇକୋର୍ଟ ବିଚାରପତିଙ୍କ ସରକାରୀ ବାସଭବନ ପରିସରରୁ କୋଟି କୋଟି ଟଙ୍କା ମିଳିବା ସମସ୍ତଙ୍କୁ ଚକିତ କରିଦେଇଛି ।

ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନୋଟ ବଦଳରେ ଭୋଟ ସହିତ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ନିଶାର ବହୁଳ ବ୍ୟବହାର ହେଉଛି । ତେବେ ଭୋଟ ଭିକାରି ରାଜନେତାମାନେ ଏଥିପାଇଁ ପଶ୍ଚାତାପ କରୁଥିବା ଭଳି ମନେ ହେଉନାହିଁ । ନିଜ ପଦପଦବୀର ଅପବ୍ୟବହାର କରି ବିଭିନ୍ନ ସୂତ୍ରରୁ ଏମାନେ କଳା ଟଙ୍କା ଠୁଳ କରିଥାନ୍ତି । ସେଥିରୁ କିଛି ଭୋଟ ବଜାରରେ ଖଟାଉଥିବାବେଳେ ୧୪ ପୁରୁଷ ପାଇଁ ସମ୍ପତ୍ତି ବଢ଼ାଇଥାନ୍ତି । ମିତବ୍ୟୟିତା ଏମାନଙ୍କ ମାନସପଟରେ ନଥାଏ । ଏଭଳି ସ୍ଥିତିରୁ ଫାଇଦା ଉଠାଇ ଅମଲାତନ୍ତ୍ରର ବିଭିନ୍ନ ସ୍ତରରେ କାମ କରୁଥିବା ବହୁ ଅଧିକାରୀ ଦୁର୍ନୀତିର ପାପ ପଙ୍କରେ ଉବୁଟୁବୁ ହୁଅନ୍ତି । ଏକଦା ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ସ୍ୱୀକାର କରିଥିଲେ ଯେ ସାଧାରଣ ଲୋକଙ୍କ ପାଇଁ କେନ୍ଦ୍ର ସରକାର ଦେଉଥିବା ପ୍ରତି ଟଙ୍କାରୁ ପ୍ରାୟ ୮୫ ପଇସା ହରିଲୁଟ ହୋଇଯାଉଛି । ଦୁର୍ନୀତିର ପଞ୍ଝାରେ ବଡ଼ବଡ଼ ଅଧିକାରୀ ଓ ରାଜନେତାମାନେ ପଡୁଥିବାରୁ ଆଇନଶୃଙ୍ଖଳା ବିଗିଡ଼ିବା ସହିତ ନିଶାର ପ୍ରସାର ଘଟୁଛି, ସ୍ୱାସ୍ଥ୍ୟ ଓ ଶିକ୍ଷା ସମେତ ଅନ୍ୟାନ୍ୟ ସରକାରୀ ସେବା ବିପର୍ଯ୍ୟସ୍ତ ହୋଇପଡୁଛି । ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିଥିବାବେଳେ ଶିଳ୍ପପତି ଓ ପୁଞ୍ଜିପତିମାନଙ୍କର ସମ୍ପତ୍ତି ବଢୁଛି । ନକଲି ଓ ଚୋରା ସାମଗ୍ରୀ ବଜାରରେ ହାଉଯାଉ ହେଉଛି । ଦୁର୍ନୀତି ଯୋଗୁ ଆମ ଗଣତାନ୍ତ୍ରିକ ବ୍ୟବସ୍ଥା ସହିତ ସମାଜ ଜୀବନ ଅଧିକ ବିପର୍ଯ୍ୟସ୍ତ ହୋଇପଡୁଛି, ଦରଦାମ ବୃଦ୍ଧି ସହିତ ବେକାରୀ ଓ ବେରୋଜଗାରୀ ସମସ୍ୟା ବଢୁଛି । ଦେଶର ଋଣବୋଝ ବଢ଼ିବା ପଛରେ ବି ଅନ୍ୟତମ କାରଣ ହେଉଛି ଦୁର୍ନୀତି ।

ଏହି ଭିତ୍ତିଭୂମିରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିନ ଅକ୍ଟୋବର ୩୧କୁ ଆଖି ଆଗରେ ରଖି ସପ୍ତାହ ବ୍ୟାପି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଏ ଧର୍ମକୁ ଆଖିଠାର ମାରିବା ନ୍ୟାୟରେ । ଏବର୍ଷ ଏହା ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ । ଦେଶ ମାତୃକା ପାଇଁ ସର୍ବସ୍ୱ ସମର୍ପଣ କରିଦେଇଥିବା ସର୍ଦ୍ଦାର ପଟେଲ ଜଣେ ସଚ୍ଚା ଗାନ୍ଧିବାଦୀ ସହିତ ଥିଲେ ସଚ୍ଚୋଟତାର ମୂର୍ତ୍ତିମନ୍ତ ପ୍ରତୀକ । ଗଡ଼ଜାତ ମିଶ୍ରଣଠାରୁ ଆରମ୍ଭ କରି ଆଇଏଏସ, ଆଇପିଏସ ଭଳି ସର୍ବଭାରତୀୟ ସେବା କ୍ୟାଡରମାନ ସୃଷ୍ଟି ପଛରେ ତାଙ୍କର ଭୂମିକା ଥିଲା । ସରଳ ଜୀବନ ଓ ଉଚ୍ଚ ଚିନ୍ତନର ପ୍ରତୀକ ସର୍ଦ୍ଦାର ପଟେଲ ଏତେ ସଚ୍ଚୋଟ ଥିଲେ ଯେ ଉପ ପ୍ରଧାନମନ୍ତ୍ରୀଭାବେ ତାଙ୍କୁ ଦିଆଯାଇଥିବା ଫୋନକୁ ଯଦି କେବେ ବେସରକାରୀ କାମରେ ବ୍ୟବହାର କରୁଥିଲେ ତେବେ ତା'ର ଦେୟ ସେ ପୈଠ କରୁଥିଲେ । ନିଜ ହାତ କଟା ସୂତାରେ ବୁଣା ଲୁଗା ପିନ୍ଧୁଥିଲେ । ଲୁଗା ଚିରିଗଲେ ତାକୁ ସିଲେଇ କରି ସର୍ଦ୍ଦାର ପଟେଲ ଓ ତାଙ୍କ ଝିଅ ମଣିବେନ ବ୍ୟବହାର କରୁଥିଲେ । ଦୁର୍ନୀତି ନିବାରଣ ସପ୍ତାହ ଯେଉଁମାନେ ପାଳନ କରୁଛନ୍ତି ସେମାନେ ସର୍ଦ୍ଦାରଙ୍କ ସଚ୍ଚୋଟତାର କାଣିଚାଏ ନିଜ ଜୀବନରେ ପାଳନ କରିବା ସହିତ ସତ୍ୟ, ଅହିଂସା ଓ ଅପରିଗ୍ରହକୁ ଯଦି ଜୀବନର ବ୍ରତ କରିନେଇ ନୀତି ବିହୀନ ରାଜନୀତି, ନୈତିକତା ବିହୀନ ବାଣିଜ୍ୟ ବ୍ୟବସାୟ ଓ ଚରିତ୍ର ବିହୀନ ଶିକ୍ଷାଠାରୁ ଦୂରେଇ ରୁହନ୍ତେ ତେବେ ଦୁର୍ନୀତି ରାକ୍ଷସ ନିପାତ ହୋଇପାରନ୍ତା ।

ବିଭିନ୍ନ ଦପ୍ତରରେ ଏହି ଅବସରରେ ସବୁ ବର୍ଷ ଶପଥ ପାଠ କରି ସରକାରୀ କର୍ମଚାରୀ ଓ ରାଜନେତାମାନେ ଦୋହରାଇଥାନ୍ତି ଦୁର୍ନୀତିମୁକ୍ତ ଜୀବନ ଓ ପ୍ରଶାସନ ସଂପର୍କରେ । କୌଣସି ପରିସ୍ଥିତିରେ ଦୁର୍ନୀତି ସହ ସାଲିସ ନକରି ସାଧାରଣ ଜୀବନରେ ସାଧୁତା ଓ ସ୍ୱଚ୍ଛତା ପାଳନ କରିବାକୁ ମଧ୍ୟ ସରକାରଙ୍କ ତରଫରୁ ବ୍ୟାପକ ପ୍ରଚାର ହୁଏ । ଏସବୁ ସୈତାନର ବେଦପାଠ ଭଳି । ଦୁର୍ନୀତି ଆମ ସାମାଜିକ ଛବିକୁ ମଳିନ କରିବା ସହିତ ସମାଜର ତଳ ସ୍ତରରେ ଥିବା ନାଗରିକମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କରେ ଏବଂ ଧନୀ–ଦରିଦ୍ର ମଧ୍ୟରେ ବ୍ୟବଧାନ ବଢ଼ାଇ ଅର୍ଥନୀତି କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିଥାଏ ବୋଲି ସରକାର ସ୍ୱୀକାର କରନ୍ତି । ଅଳ୍ପ କେତେଜଣ ହାତଗଣତି ସରକାରୀ କର୍ମଚାରୀଙ୍କୁ ଧରି ଓ



ପ୍ରହ୍ଲାଦ କୁମାର ସିଂହ

ସେମାନଙ୍କ ପ୍ରତି ଦଣ୍ଡବିଧାନ କରି ଆମ ବ୍ୟବସ୍ଥା ବାହାଦୁରି ଦେଖାଏ ଦୁର୍ନୀତି ବିରୋଧରେ ତାହାର ଶୂନ ସହନଶୀଳତା ନୀତି ଆପଣାଉଛି ବୋଲି । ଏହି ଅବସରରେ ଦୁର୍ନୀତିମୁକ୍ତ ବିକଶିତ ରାଜ୍ୟ ଓ ରାଷ୍ଟ୍ର ଗଠନ ସହିତ ସାଧୁତାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବା ପାଇଁ ବି ପ୍ରଚାର ହୁଏ। ଏହା ସତ୍ତ୍ୱେ ବିନା ପଇସାରେ ସରକାରୀ ଦପ୍ତରରେ ସଂଖ୍ୟାଧିକ ସ୍ଥଳରେ କାମ ନହେବା ଏକ ଖରାପ ପରମ୍ପରାରେ ପଡ଼ିଛି ।

୨୦୨୫ ସେପ୍ଟେମ୍ବର ମାସରେ ପ୍ରକାଶ ପାଇଛି ଏନସିଆରବିର କ୍ରାଇମ ଇନ ଇଣ୍ଡିଆ–୨୦୨୩ ରିପୋର୍ଟ । ଏହାର ତଥ୍ୟ ମୁତାବକ ୨୦୨୩ ଶେଷ ସୁଦ୍ଧା ସାରା ଦେଶରେ ୨୯,୪୮୪ ଭିଜିଲାନ୍ସ ମାମଲା ଓ ୭,୯୭,୨୪୭ ଆର୍ଥିକ ଅପରାଧ ମାମଲା ବିଚାର ପ୍ରତୀକ୍ଷାରେ ରହିଥିଲା । ଏହି ବର୍ଷରେ ଏହି ଦୁଇଟି କିସମର ମାମଲାରୁ ଫଇସଲା ହାର ୮%ରୁ କମ ଥିଲା। ଏହି ରିପୋର୍ଟର ତଥ୍ୟ ମୁତାବକ ୨୦୨୩ ବର୍ଷ ଶେଷ ସୁଦ୍ଧା ଓଡ଼ିଶାରେ ୩୭୦୫ଟି ଭିଜିଲାନ୍ସ ମାମଲା ଓ ୩୧,୯୩୦ଟି ଆର୍ଥିକ ଅପରାଧ ମାମଲା ବିଚାର ପ୍ରତୀକ୍ଷାରେ ରହିଥିଲା। ଆର୍ଥିକ ଅପରାଧ ମାମଲାରୁ ୨୦୨୩ ବର୍ଷରେ ମାତ୍ର ୧.୮% ଓ ଭିଜିଲାନ୍ସ ମାମଲାରୁ ୭.୨% ଫଇସଲା ହୋଇଥିଲା। କେବଳ ସେତିକି ନୁହେଁ, ଏହି ବର୍ଷରେ ଆର୍ଥିକ ଅପରାଧ କ୍ଷେତ୍ରରେ ଦଣ୍ଡବିଧାନ ହାର ଓଡ଼ିଶାରେ ମାତ୍ର ୬% ଥିବାବେଳେ ଭିଜିଲାନ୍ସ ମାମଲାରେ କିନ୍ତୁ ଏହା ୪୯.୬% ବୋଲି ଦର୍ଶାଯାଇଛି। ମୋଟାମୋଟି ଭାବେ ୨୦୨୩ ବର୍ଷରେ ଆମ ରାଜ୍ୟରେ ୩୯୯୪ଟି ଭିଜିଲାନ୍ସ ମାମଲା ବିଚାର ପାଇଁ ଥିବାବେଳେ ସେଥିରୁ ମାତ୍ର ୧୨୪ଟିରେ ଦଣ୍ଡବିଧାନ ହୋଇଥିଲା ଓ ୧୨୬ଟିରେ ଅପରାଧୀମାନେ ଖସିଯାଇଥିଲେ । ଅଭିଯୁକ୍ତଙ୍କ ମୃତ୍ୟୁ ଓ ଅନ୍ୟ କିଛି କାରଣରୁ ଆଉ କେତେକ ମାମଲା ବି ଅକାମୀ ହୋଇଯାଇଥିଲା । ମୋଟାମୋଟି ଭାବେ ଏହି ବର୍ଷରେ ଓଡ଼ିଶାରେ ମାତ୍ର ୨୮୯ଟି ଭିଜିଲାନ୍ସ ମାମଲା ଓ ୫୭୭ଟି ଆର୍ଥିକ ଅପରାଧ ମାମଲା ଫଇସଲା ହୋଇଥିଲା ।

ସଂଖ୍ୟାଧିକ କ୍ଷେତ୍ରରେ ଭିଜିଲାନ୍ସ ଓ ଆର୍ଥିକ ଅପରାଧ ମାମଲା ସବୁ ଦଶନ୍ଧି ଦଶନ୍ଧି ଧରି ଗଡୁଛି । ବାଲେଶ୍ୱର ଜିଲ୍ଲାର ଏକ ବେସରକାରୀ କଲେଜରେ ଯୁକ୍ତଦୁଇ ପରିଷଦ ପଠାଇଥିବା ମାର୍କସିଟକୁ ହେରଫେର କରାଯାଇ ପ୍ରାୟ ୩୫ବର୍ଷ ତଳେ କିଛି ଛାତ୍ରଛାତ୍ରୀଙ୍କୁ ଅଧିକ ନମ୍ବରର ମାର୍କସିଟ ଦିଆଯାଇଥିଲା । ଏ ଦୁର୍ନୀତି ସଂକ୍ରାନ୍ତରେ ଚାଲିଥିବା ମାମଲା ଏବେ ବି ଛିଣ୍ଡୁନାହିଁ । ଭାତ ହାଣ୍ଡିରୁ ଗୋଟିଏ ଟିପିଲା ଭଳି ଅନେକ ଦୁର୍ନୀତି ଓ ଆର୍ଥିକ ଅପରାଧ ମାମଲାରୁ ଏହା ଉଦାହରଣଟିଏ ମାତ୍ର । ଯେତେ ଅଳ୍ପ ସଂଖ୍ୟାରେ ଦଣ୍ଡବିଧାନ ହେଉଛି ସେଥିରୁ ଅଧିକାଂଶରେ ଅପରାଧୀମାନେ ଉପର କୋର୍ଟମାନଙ୍କରେ ଲଢ଼ି ସେମାନଙ୍କ କଳାଧନରେ ଖେଳ ଖେଳୁଛନ୍ତି । ମାମଲା ଗଡ଼ିଗଡ଼ି କେତେ କ୍ଷେତ୍ରରେ ଅଭିଯୁକ୍ତ ଓ ସରକାରୀ ସାକ୍ଷୀମାନଙ୍କ ଦେହାନ୍ତ ହୋଇଯିବା ଏବଂ ଆଉ କେତେକ କ୍ଷେତ୍ରରେ ବୟସାଧିକ ଓ ବାର୍ଦ୍ଧକ୍ୟ କାରଣରୁ ସେମାନେ ସାକ୍ଷ୍ୟ ପ୍ରମାଣ ଦେବାକୁ ଅଦାଲତକୁ ଆସିନପାରୁଥିବା ଘଟଣା ଅଭିଯୁକ୍ତମାନଙ୍କୁ ସୁହାଉଛି ।

ଆଇନ ଅଦାଲତରେ ବୟାନ ଦେଲାବେଳେ ପକ୍ଷ, ପ୍ରତିପକ୍ଷ ଓ ସାକ୍ଷୀମାନେ ସତ୍ୟପାଠ କରିଥାନ୍ତି । ସେହିଭଳି ବିଧାୟକ, ସାଂସଦଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ପର୍ଯ୍ୟନ୍ତ ସାମ୍ବିଧାନିକ ପଦାଧିକାରୀମାନେ ଯେଉଁ ଶପଥ ନେଇଥାନ୍ତି ତାହା ନିର୍ବାଚନୀ ପ୍ରତିଶ୍ରୁତି ଭଳି ଅଧିକାଂଶ କ୍ଷେତ୍ରରେ ଉଲ୍ଲଂଘନ କରାଯାଇଥାଏ । ସରକାରୀ ଚାକିରିରେ ଯୋଗ ଦେବାବେଳେ ବି ବିଧିବ୍ୟବସ୍ଥା ଅନୁଯାୟୀ ସଚ୍ଚୋଟତାର ଯେଉଁ ସଂକଳ୍ପ ନିଆଯାଇଥାଏ ତାହାକୁ ସଂଖ୍ୟାଧିକ କ୍ଷେତ୍ରରେ ଉଲ୍ଲଂଘନ କରିବା ଏକ ଖରାପ ପରମ୍ପରାରେ ପଡ଼ିଯାଇଛି ।

କାୟମନୋବାକ୍ୟରେ ତଳୁ ଉପର ପର୍ଯ୍ୟନ୍ତ ଅଧିକାଂଶ ଦୁର୍ନୀତିର ବିଷ ପୋଖରୀରେ ଉବୁଟୁବୁ ହେଉଛନ୍ତି । ଆମ ପିଲାବେଳେ ବିଦ୍ୟାଳୟ କାନ୍ଥରେ କେତେସବୁ ନୀତିବାଣୀ ଲେଖାଯାଉଥିଲା । ସେଥିରୁ ଗୋଟିଏ ବାଣୀ ହେଉଛି, ''ଉତ୍କୋଚ ଅଟଇ ନରକ ସମାନ ନଘେନିବ ତାକୁ କେବେ / ନେବା ଆଉ ଦେବା ଉଭୟ ପାତକ ମୁକ୍ତି ନମିଳିବ ଲବେ ।'' ଲାଞ୍ଚ ନେବା ପାପ ଓ ଦେବା ବି ପାପ । ଦୁର୍ନୀତି ଆମ ବ୍ୟବସ୍ଥାକୁ ପକ୍ଷାଘାତଗ୍ରସ୍ତ କରିଦେଉଥିବାବେଳେ ପ୍ରଗତି ପଥରେ ପ୍ରମୁଖ ବାଧକ ହୋଇ ଛିଡ଼ା ହୁଏ । ବହୁ କ୍ଷେତ୍ରରେ ଲୋକେ କୂଳ କିନାରା ନପାଇ ଇଚ୍ଛା ବିରୋଧରେ ଲାଞ୍ଚ ଦେବାକୁ ବାଧ୍ୟ ହୋଇଥାନ୍ତି । ଆଉ କେତେକ କ୍ଷେତ୍ରରେ ସାଧାରଣ ଲୋକଙ୍କୁ ଅକଳରେ ପକାଇ ଜୋର ଜବରଦସ୍ତ ଲାଞ୍ଚ ଆଦାୟ କରାଯାଇଥାଏ । ଦୁର୍ନୀତି କରୁଥିବା ଲୋକେ ଦୁର୍ନୀତି ବିରୋଧରେ କହିବା 'ଯାଦୁଆ ବିକୁଛି ଯାଦୁର ମଲମ ମହୁଆ ଉଡ଼ାଏ ନିଶା ନିବାରଣ ବାନା' ଭଳି । ଏଭଳି ବ୍ୟବସ୍ଥାକୁ ବ୍ୟଙ୍ଗ କରି ଏକଦା ଡ. ହରେକୃଷ୍ଣ ମହତାବ ଲେଖିଥିଲେ, 'ଦୁର୍ନୀତିକୁ ନୀତି କରିନେଲେ ସବୁ ସମସାର ସମାଧାନ ହୋଇଯିବା' ଦୁର୍ନୀତି କରି ଧରାପଡୁଥିବା ଅନେକ ରାଜନେତା ଦଳ ବଦଳ କରି 'ପଲିଟିକାଲ ଓ୍ୱାଶିଂମେସିନ'ରେ ସତେ ଯେମିତି ସଫାସୁତୁରା ହୋଇ ବାହାରୁଛନ୍ତି । ଏହି ପର୍ସେଣ୍ଟେଜ ପ୍ରବଣ ଆମ ବ୍ୟବସ୍ଥା ପାଇଁ ଲଜ୍ଜାଜନକ ।

ଦଳମତ ନିର୍ବିଶେଷରେ ବିଭିନ୍ନ କ୍ଷେତ୍ରରେ ସରକାର ଚଳାଉଥିବା ବ୍ୟକ୍ତି ବିଶେଷଙ୍କ ଭିତରୁ ଅଧିକାଂଶ ଦୁର୍ନୀତିରେ ଉବୁଟୁବୁ । ଯୋଗ୍ୟତା, ଦକ୍ଷତା, ନିରପେକ୍ଷତା, ସାଧୁତା, ସଚ୍ଚୋଟତା, ନିଷ୍ଠାପରତା ଆଦିକୁ ବିସର୍ଜନ ଦେଇ ଶୋଷଣ, ଲୁଣ୍ଠନ, ପକ୍ଷପାତିତା ଆଦିକୁ ଯେଉଁମାନେ ନିଜର ଭୂଷଣ କରିନେଇଛନ୍ତି ସେମାନଙ୍କ ପ୍ରତି ଜନତା ସତର୍କ ନହେଲେ ବସ୍ତୁତଃ ସଚେତନତା ଆଳରେ ଲୋକଙ୍କୁ ଅବଚେତନ ଅବସ୍ଥାରେ ରଖି ଏମାନେ ରାଜ୍ୟ, ରାଷ୍ଟ୍ର ଓ ସାମାଜିକ ବ୍ୟବସ୍ଥାକୁ ଅଧିକରୁ ଅଧିକ କଳୁଷିତ କରିଚାଲିଥିବେ । ଦୁର୍ନୀତି କବଳିତ ଭ୍ରଷ୍ଟାଚାରୀ ବ୍ୟବସ୍ଥାରୁ ମୁକ୍ତି ପାଇବା ପାଇଁ ତେଣୁ ଆବଶ୍ୟକ ପଡୁଛି ଜାତୀୟତାବାଦୀ ସଂଗଠିତ ସଚେତନ ଜନମତର ।

*ମୋ: ୯୪୩୭୦୧୭୩୯୫*

# ସପ୍ତମ ଋତୁ ପଞ୍ଚମ ସ୍ୱର

## ସାହିତ୍ୟ ଆସର



## ଡାଇରୀ ସାଇତା କବିତା

● ରମେଶ ମଙ୍ଗରାଜ

**୪୫୧**

ତମେ ମୋ ଅତୀତ ପ୍ରିୟା
ମୋ ପ୍ରେମର ସ୍ମୃତି ଦସ୍ତାବିଜ୍
ଘଟିଥିବରା ଘଟଣାର
ମୋ ଦଲିଲ୍ ଦାଖଲ ଖାରଜା।୧।

ମୋ ଛାତିରେ ଲାଗିଅଛି
ତମ ପ୍ରେମ ସନ୍ତକ ମୋହର
ବିଜ୍ଞପିତ ହେବା ପାଇଁ
ଆଉ କିଛି ନାହିଁ ଦରକାର।୨।

ପ୍ରତି ମୁହୂର୍ତ୍ତରେ ମୁହିଁ
ତମ ନାମେ ପାଉତି କାଟୁଛି
ଏମିତିକା କାଟୁଥିବି
ଯେତେଦିନ ଜୀବନରେ ଅଛି ।୩।

**୪୫୨**

ଜାଳି ଦେଲା ଜୀବନକୁ
ଅମାନିଆ ଯଉବନ ନିଆଁ
ଉବୁଟୁବୁ ଭରାନଈ
ବୁଡ଼ାଇଲା ଭରସାର ନାଆ ।୧।

ନାରୀ ତା'ର ନର୍କ ଦ୍ୱାରେ
ଟାଣିନେଲା ତା' ଆଡକୁ ମୋତେ
ନାଗୁଣୀର ଚୋଟ ଖାଇ
ପାରିଲିନି ବଞ୍ଚି କ୍ଷଣ ମାତ୍ରେ ।୨।

ନାରୀ ନିଆଁ ନଈ ନାଗ
ମୋ ପାଇଁ କି ବଇରୀ ହୋଇଲେ
ସ୍ୱର୍ଗ ସୁଖ ପରିବର୍ତ୍ତେ
ନରକର ଯନ୍ତ୍ରଣା ହିଁ ଦେଲେ ।୩।

**୪୫୩**

କଟିଗଲା ବୟସଟା
ପଢ଼ି ତୋର ଦେହର ଭୂଗୋଳ
ଆଖିରୁ ହଜିଲା ନିଦ
ମନ ମୋର ହୋଇଲା ଦୁର୍ବଳ ।୧।

ସକାଳ ଲାଗୁନି ଭଲ
ରାତି ଆଉ ମଉଜ ଦଉନି
ସଂଜ ବେଳ ସନ୍ଧିକ୍ଷଣ
ହୋଇ ମୋ' ସ୍ମୃତିର କାହାଣୀ।୨।

ଆକାଶଟା ଭାରାକ୍ରାନ୍ତ
ପୃଥିବୀଟା ନିରସ ଲାଗୁଛି
ହୁତ ତୋଅରି ପାଇଁ
ଏତେସବୁ ଘଟଣା ଘଟୁଛି ।

**ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା**
**ମୋ. ୯୧୭୮୬୨୬୨୮୦**



# ବାତ୍ୟା ପ୍ରେୟସୀ...

## କଥା ଏତିକି

● ସୁନୀଲ ଘୋଷ

**ବା**ତ୍ୟା ଆସୁଛି । ଟିଭି ଏବଂ ରେଡିଓରେ ତୁହାକୁତୁହା ପ୍ରଚାର ଚାଲିଛି । ଏଇଟା କୁଆଡ଼େ ଅନେଶତ ବାତ୍ୟାକୁ ବଳିଯିବ ! ଅନେକ ଲୋକ ଉଚ୍ଚ ଜାଗାକୁ ଉଠିଗଲେଣି । କାଁ ଭାଁ ଏଯାଏଁ କିଛି କିଛି ଅଛନ୍ତି । ପବନ ଧରିନି, ଗଛପତ୍ର ବି ହଲିନି । କେମିତି ଗୋଟେ ଗୁମ୍ ହୋଇ ରହିଛି । ଆତଙ୍କ ଖେଳିଯାଇଛି ଚାରିଆଡ଼େ ।

ଆଣ୍ଡାମାନ୍ ଆଡୁ ଆସୁଛି । ଧୀବରମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାହେଇଗଲାଣି, ପ୍ରଶାସନ ତରଫରୁ ।

ବସ୍ତିଟା ଏକଦମ୍ ଖାଁ ଖାଁ ଲାଗୁଛି । ଗତ ବାତ୍ୟାରେ ପୂରା ଧୋଇ ଯାଇଥିଲା ଏ ଜାଗାଟା । ପୁଣି ଗଢ଼ି ଉଠୁଛି ଝାଟିମାଟିର ସ୍ୱପ୍ନ । ଏ ବାତ୍ୟା ହୁଏତ ପୁଣି ସେ ସ୍ୱପ୍ନକୁ ଧୋଇନେବ !

ବାପା-ବୋଉ ଆଉ ଜେଜେମା'କୁ ଆଶ୍ରୟସ୍ଥଳୀରେ ଛାଡ଼ିଦେଇ ସିଏ ଫେରିଲା ବସ୍ତିକୁ । ସିଏ ଠିକ୍ ଜାଣିଥିଲା, ଆଉଜଣେ ରହିଯାଇଛି ବସ୍ତିରେ । ଯିଏ ଅପେକ୍ଷା କରିଥିବ ତାକୁ ।

ଏବେ ଆକଟ କରିବାକୁ କେହି ନାହାନ୍ତି । ସେମାନେ ମନଖୋଲି ଗପିଲେ । ଏମିତି ଗୋଟେ ସୁଯୋଗ ହୁଏତ ସେମାନଙ୍କୁ ଆଉ କେବେ ମିଳି ନଥିଲା ।

ସିଏ ପଚାରିଲା- ବାତ୍ୟା କ'ଣ ସତରେ ଆସିବ ?

- ଆସିବ କ'ଣ କିଲୋ, କିଛି ରଖିବନି, କେହି ରହିବେନି ।

ସିଏ କହିଲା-ଆଉ ଆମେ ?

- ଆମେ ବି ହୁଏତ ହଜିଯିବା ।

ସିଏ କହିଲା- ତା'ହେଲେ କ'ଣ କରିବା ?

- କ'ଣ ଆଉ କରିବା, ଯଦି ସବୁଦିନ ପାଇଁ ହଜିଯିବା ଆସୁନ୍ତୁ ଆଜି ରାତିଟା ଏଇ ଘରେ ଦିହେଁ କାଟିଦେବା । ମରିବା ଆଗରୁ ଟିକେ ମଉଜ କରିନେବା ।



ଏଥର ସିଏ ଭିଡ଼ିନେଲା ତାକୁ ଝୋପଡ଼ି ଭିତରକୁ । ତାଟି କବାଟଟାକୁ ଭିତରୁ ଠେଲି ବନ୍ଦ କରିଦେଲା ।

ଏଥର ସଞ୍ଜ ନଇଁଲା । ଅନ୍ଧାର ଘୋଟିଗଲା ଚାରିଆଡ଼େ । ପବନ ହାଲ୍କା ଭାବେ ଗଛକୁ ଦୋହଲାଇଲା । ବାତ୍ୟା ବୋଧେ ନିକଟେଇ ଆସୁଥିଲା । ଘର ଭିତରେ କିନ୍ତୁ ଥିଲା ବାତ୍ୟାର ତାଣ୍ଡବ ।

ସକାଳ ହେଲା । ଝୋପଡ଼ିର ତାଟିକବାଟ ଫିଟିଲା । ସେମାନେ ବାହାରିଆସିଲେ ବାହାରକୁ । ବାତ୍ୟାକୁ ଅପେକ୍ଷା କରି କରି ଲୋକେ ବାତ୍ୟା ଆଶ୍ରୟସ୍ଥଳୀରୁ ଘରକୁ ଫେରିଲେ । ଖବର କହିଲା- ବାତ୍ୟା ଆନ୍ଧ୍ରପ୍ରଦେଶର ମଛଲିପଟନମ୍ ଏବଂ କଳିଙ୍ଗପଟନମ୍ ଦେଇ ଛତିଶଗଡ଼ ଆଡକୁ ଚାଲିଗଲା । ଓଡ଼ିଶା ଉପରେ ଏହାର ପ୍ରଭାବ ବିଶେଷ ପଡ଼ିବନି ।

ବର୍ତ୍ତିଗଲା ଓଡ଼ିଶା । ବିପଦ ଟଳିଗଲା ।

ଏଥର ପୁଣି ସେମାନେ ଚାଲିଲେ ମାଛମାରି ସମୁଦ୍ର ଭିତରକୁ । ଜାଲଧରି ଫେରିବା ବାଟରେ ବସ୍ତିର ସେଇ ଝିଅଟା ପଚାରିଲା - ବାତ୍ୟା ପୁଣି କେବେ ଆସିବ ?

ବସ୍ତିର ସେଇ ପୁଅଟା କହିଲା- ତୁ ଯେଉଁଦିନ ଚାହିଁବୁ !

# ଏଇ ଜନ୍ମର ଶବରୀ

● ସ୍ୱର୍ଣ୍ଣମୟୀ ମିଶ୍ର



**ଶ**ବରୀଟି ଜନ୍ମରୁ ଦୁଃଖରେ ଲୁହ ଗଡେଇ, କର୍ମ ଫଳକୁ ହାତରେ ଧରି ଅପେକ୍ଷା କରିଥାଏ ତା'ର ପ୍ରଭୁଙ୍କୁ । ଏପରି ଚାହିଁ ଚାହିଁ ବିତିଗଲା ଅନେକ କାଳ । ସେ ସର୍ବହରା ହୋଇ ଚାହିଁଥାଏ ଓ ଭାବୁଥାଏ, ମୋ ମାଆ କେବେ ମୋ ପ୍ରଭୁଙ୍କୁ ଆଣି ପହଞ୍ଚାଇ ଦେବ ।

ସତକୁ ସତ ତା'ର ଅପେକ୍ଷାର ଶେଷ ହେଲା । ତା'ର ମାଆ, ପ୍ରଭୁଙ୍କୁ ତା' ପାଖରେ ଠିକ୍ ସମୟରେ ଶେଷବେଳରେ ପହଞ୍ଚାଇ ଦେଲେ ।

ଥରେ ସକାଳ ପ୍ରାତଃ ସମୟରେ ଷଷ୍ଠୀରେ ମାଆର ପୂଜା ଆରମ୍ଭ ହେବାକୁ ଥାଏ । ସେ ଶବରୀଟି ଫୁଲ ତୋଳୁ ଥାଏ ମାଧବ ଓ ମାଆଙ୍କ ସେବା ପାଇଁ । ସେହି ସମୟରେ ପ୍ରଭୁ ଆସି ପହଞ୍ଚି ଗଲେ, ତା' ଜୀବନର ଶେଷଇଚ୍ଛାକୁ ପୂର୍ଣ୍ଣ କରିବା ପାଇଁ ।

ଶବରୀ ତା' ଆଖିର ଲୁହ ଧାରରେ ପାଦ ଧୋଇ ଦେଲା ଓ ନିଜେ ଅମୃତ ପାନ କରି ଜୀବନର ଶେଷଇଚ୍ଛା ପୂରଣ କଲା । ଏହା ନିଜ ଇଚ୍ଛାରେ ନୁହେଁ, ସବୁ ଦୁର୍ଗାମାଧବ ଚାହିଁବାରୁ ସମ୍ଭବ ହେଲା ।

ଏ ସବୁ ଅନୁଭବ କରିପାରିଲି । କାରଣ ଜଣଙ୍କର ପୋଥିରୁ ସେ କଥା ଥିଲା । ମୁଁ ପୋଥି ଦେଖି ଜାଣିଲି ଓ ପ୍ରଭୁଙ୍କୁ ପାଇବାର ଆଶା କରି ରହିଲି । ଗୋଟେ ମାସ ଭିତରେ ମାଆ ମୋର ବାପାଙ୍କ ପାଖରେ ପହଞ୍ଚିବା ପାଇଁ ସାହାଯ୍ୟ କରିଦେଲେ ।

ଏହି ଦିନ ମୋର ସବୁ ପ୍ରକାର ଜ୍ଞାନ ଉଦୟ ହେଲା । ଭାବନାରେ ପ୍ରଭୁଙ୍କର ଦେହରେ ଲିନ ହେଲି । ମୋର ମାଟି ଶରୀରଟି ପଡ଼ି ରହିଲା ସ୍ୱର୍ଗଦ୍ୱାରରେ ପାଉଁଶ ହେବା ପାଇଁ । ମୁଁ ବର୍ତ୍ତମାନ ପୂର୍ଣ୍ଣ । ଆଉ କିଛି ଦୁଃଖ ନାହିଁ । କେବଳ ଚାହିଁ ବସିଛି, ଗୋଲକ ଧାମ ଯିବା ପାଇଁ ।

ସେ ବେଳର ଅପେକ୍ଷାରେ, ପ୍ରଭୁଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛି, ଯଦି ତାଙ୍କ ପାଖରେ ଧୂଳି କରି ନ ରଖିବେ, ପ୍ରାରବ୍ଧ ଯୋଗେ ଜନ୍ମ ଦେବେ ତେବେ ନିଶ୍ଚୟ ତାଙ୍କର ସେବା ପାଇଁ ସୁଯୋଗ ଦେବେ ଓ ମୋ ପାଖରେ ରହିଥିବେ ଦୁର୍ଗାମାଧବ ହୋଇ ।

ମାନବର ସେବା ପାଇଁ ଏବଂ ଜୀବନର ପାପମୁକ୍ତ ପାଇଁ ଏତିକି ତାଙ୍କ ପାଦରେ ମୋର ମାଗୁଣି । ଭାବୁଛି ନିଶ୍ଚୟ ଆଶାପୂର୍ଣ୍ଣ ହେବ ।

ଆଉ କିଛି ଆଶା ନାହିଁ ।

ରହିଲି, ଆର ଜନ୍ମ ଆଶାରେ,

***ୟୁନିଟ-୬, ଭୁବନେଶ୍ୱର***

# ଛାଇ-ଛବି

● ଗୋପାଳ ଓ



**ଶ**ଶଧର ସାମନ୍ତ ଏକ ଏଡିଟିଂ ସେଣ୍ଟରରେ ପାର୍ଟଟାଇମ୍ ଏଡିଟିଂ କାମ କରନ୍ତି । ଗୋଟିଏ ସିଫ୍ଟ୍‌ରେ କାମ କରନ୍ତି । ଟିଭି ସିରିଏଲ, ବିଜ୍ଞାପନ ସବୁ ଏଡିଟିଂ କରି ବ୍ୟାକଗ୍ରାଉଣ୍ଡ ମ୍ୟୁଜିକ୍ ବସେଇ ଦିଅନ୍ତି । ମଝିରେ ମଝିରେ ଛୋଟିଆ ଭଏସ୍ ଡବିଂ ବି କରିବାକୁ ପଡ଼େ । ପଚିଶ ବର୍ଷ ଧରି ଏଇ କାମ କରି ଆସୁଛନ୍ତି ସେ । ଉନ୍ନତ ଧରଣର ମେସିନ ଆସିଯାଇଛି କିନ୍ତୁ ଚିନ୍ତା ଭାବନା କିଛି ଆଗେଇ ନାହିଁ । ସୁପରହିଟ୍ ଚଳଚ୍ଚିତ୍ର ପାଇଁ ସ୍ମାର୍ଟ ଏଡିଟିଂର ବିକଳ୍ପ ନାହିଁ । ପଚାଶ ମିନିଟ୍‌ର ସିରିଏଲ୍‌କୁ କାଟି ଯୋଡ଼ି ଆଗପଛ କରି କୋଡିଏ ମିନିଟ୍‌କୁ ଆଣିବା ପାଇଁ ରୀତିମତ ଦକ୍ଷତା ଥିବା ଦରକାର । ଅନଭିଜ୍ଞ ଅଭିନେତା ଅଭିନେତ୍ରୀ ଅଳ୍ପ ଜ୍ଞାନ ଥିବା ନିର୍ଦ୍ଦେଶକ ଥିଲେ ବି ଜଣେ କୁଶଳୀ ସମ୍ପାଦକ ଯୋଗୁ ଚଳଚ୍ଚିତ୍ରଟି ଦର୍ଶକଙ୍କ ପାଖରେ ଗ୍ରହଣଯୋଗ୍ୟ ହୁଏ ।

ଶଶଧର ବାବୁଙ୍କ ହାତରେ ପଡ଼ି ଏମିତି ବହୁ ଚଳଚ୍ଚିତ୍ରର ଭାଗ୍ୟ ବଦଳିଯାଇଛି । ଚଳଚ୍ଚିତ୍ରର ଗତି ବଢ଼େଇବା, ଚଳଚ୍ଚିତ୍ରରେ ଉତ୍କଣ୍ଠା ସୃଷ୍ଟି କରିବା ତାଙ୍କ ସମ୍ପାଦନାର ଶେଷ କଥା । ଗୋଟାଏ ଚଳଚ୍ଚିତ୍ର ଭିତରେ ଆଉ ଏକ ଚଳଚ୍ଚିତ୍ର ପୂରେଇ ଦେଇ ଦୁଇଟି ଚଳଚ୍ଚିତ୍ର ଭିତରେ ସଂଯୋଗ ସୃଷ୍ଟି କରିବା ଚଳଚ୍ଚିତ୍ରର ଏକ ଅଭିନବ ଭାଷା ।

ଶଶଧର ବାବୁଙ୍କ ବର୍ତ୍ତମାନ ଜୀବନ ଭିତରେ ବି ସେଇ ଭାଷା ପଶିଯାଇଛି । ରାତିରେ ଶୋଇବା ପରେ ଭାବନା ସବୁ ସ୍ୱପ୍ନରେ ରୂପ ନେବା ଭିତରେ ଗୋଟିଏ ଭିତରେ ଆଉ ଗୋଟିଏ ମିଶି ନୂଆ ବ୍ୟଞ୍ଜନା ପ୍ରକାଶ ପାଉଛି ।

ଦିନେ ସ୍ୱପ୍ନରେ ଦେଖିଲେ ସିଏ ଲୋକାଲ ଥାନା ଭିତରେ ପଶିବାକୁ ଯାଉଛନ୍ତି । ଆଗେ କେବେ ପଶିନଥିଲେ । ବାସ୍ତବ ଘଟଣା ହେଲା, ସେଇଦିନ ସକାଳେ ସାଇର ଜଣେ ମଦୁଆ ମସ୍ତାନ ଟାଇପର ଲୋକ, ଅକଥ୍ୟ ଭାଷାରେ ତାଙ୍କୁ ଧମକାଇଥିଲା । ଅଭିଯୋଗ ଜଣେଇବାର ଇଚ୍ଛା ଥିଲେ ବି ସାହସ ହୋଇନଥିଲା । ସ୍ୱପ୍ନରେ ସବୁ ସମ୍ଭବ ହୋଇପାରେ ।

କିନ୍ତୁ ଏ କ'ଣ? ଖାକୀ ରଙ୍ଗର ପୋଷାକ ପିନ୍ଧିଥିବା ପୋଲିସ ଆଖିଆଗରେ ମାଟିରେ ପଡ଼ି ଧାନ ରଙ୍ଗର ସାପ ପାଲଟି ଯାଉଛନ୍ତି । ଅସଂଖ୍ୟ ସାପ ଥାନା ଚାରିପଟେ ବୁଲୁଛନ୍ତି । କେହି ଶଶଧର ବାବୁଙ୍କୁ ଖାତିର କରୁନାହାନ୍ତି, ଜଣେ ଦୁଇଜଣ ଗୋଡ଼ ପାଖ ଦେଇ ଚାଲିଯାଉଛନ୍ତି । ସାପର ଲାଞ୍ଜରେ ଗୋଡ଼ ପଡ଼ିଯିବା ଆଶଙ୍କାରେ ନିଦ ଭାଙ୍ଗିଗଲା ।

ମଶାରି ଭିତରେ ଉଠି ବସିଲେ । ବାକିତକ ରାତିରେ ଆଉ ନିଦ ହେଲା ନାହିଁ ।

କିନ୍ତୁ ତା'ପରଦିନ ରାତିରେ ପୁଣି ସେଇ ଅବସ୍ଥା । ସ୍ୱପ୍ନରେ ସିଏ ଗୋଟିଏ ଜାଗାରୁ ଫେରୁଛନ୍ତି । ପୁରୁଣା ସ୍କୁଟର ଚାଲିଛି । ଏକ ଖୋଲା ଜାଗାରେ ମଞ୍ଚ କରାହେଇଛି । ମାଇକ୍‌ରୁ ତାତିଲା ଭାଷଣ ଭାସି ଆସୁଛି । ମଞ୍ଚ ଆଗରେ ଲୋକେ ଲୋକାରଣ୍ୟ ।

ଶଶଧର ବାବୁ ଆଉ ସ୍କୁଟର ଚଳେଇ ଯାଇ ପାରିଲେନି ସେ ଭିଡ଼ କାଟି । ବାଧ ହୋଇ ସ୍କୁଟର ଗଡେଇ ଗଡେଇ ଆସିଲେ । ନେତାଙ୍କ ଭାଷଣରେ ମୁଗ୍ଧ ଶ୍ରୋତାଙ୍କୁ ବିରକ୍ତ ହୋଇ ହୋଇ ଆଗେଇଲେ । ଏଥର ଭାଷଣ ବି ଶୁଣାଯାଉଛି ନେତାଙ୍କୁ ବି ଦେଖାଯାଉଛି । ଶଶଧର ବାବୁଙ୍କ ଇଚ୍ଛା ହେଲା ନେତାଙ୍କ ମୁହଁ ଆଉଟିକେ ଭଲକି ଦେଖିବାକୁ । ସେ ମୁଣ୍ଡଟେକି ଚାହିଁଲେ । କିନ୍ତୁ ଇଏ କ'ଣ? ମଞ୍ଚ ଉପରେ ଭାଷଣ ଦେଉଥିବା ନେତାଜଣଙ୍କ ଥିଲେ ସାଇର ସେଇ ମଦୁଆ ମସ୍ତାନ ଜଣକ । ସେ ସ୍ୱପ୍ନରେ ବି ଭାବିନଥିଲେ ଏମିତି ହେବ ।

ସ୍ୱପ୍ନ ଭାଙ୍ଗିଗଲା । ମଶାରି ଭିତରେ ଉଠି ବସିଲେ । ଧୀରେ ଧୀରେ ନିଶ୍ୱାସ ସ୍ୱାଭାବିକ ହେବା ଭିତରେ ଗୋଟାଏ କଥା ଭାବି ସନ୍ତୋଷ ଲାଭ କଲେ । ଭାଗ୍ୟ ଭଲ ଅଭିଯୋଗ ଜଣେଇବା ପାଇଁ ଥାନାକୁ ଯାଇନାହାନ୍ତି । ସାହସ ନଥିବା ଖରାପ, କିନ୍ତୁ ଦୁଃସାହସ ଆହୁରି ଭୟଙ୍କର । ସେଇ ରାତ୍ରିରେ ଆଉ ନିଦ ହେଲା ନାହିଁ ।

ପରଦିନ ସକାଳେ ଭାବିଲେ ଏତେଦିନ ଧରି ସିରିଏଲ ଏବଂ ଚଳଚ୍ଚିତ୍ରର ଏଡିଟିଂ କାମ କରି ଆଜି ଏହି ଅବସ୍ଥା । ଗୋଟାଏ ଦୃଶ୍ୟ ଭିତରେ ଆଉ ଏକ ଦୃଶ୍ୟ । ଗୋଟିଏ ଚରିତ୍ର ଭିତରେ ଆଉ ଏକ ଚରିତ୍ରର ପରିପ୍ରକାଶ । ଏଇ କାମ ଏତେ ବର୍ଷ ଧରି କରି କରି ମନଟା ମେସିନ ପାଲଟି ଯାଇଛି । ରାତିରେ ଶୋଇବା ମାତ୍ରେ ସ୍ୱପ୍ନରେ ସେଇ ମେସିନ ଚାଲୁ ହୋଇଯାଉଛି, ନିଦ ହେଉନାହିଁ । ଶେଷ ବୟସରେ ନିଦ ହେବା ଜରୁରୀ । ମନସ୍ଥିର କଲେ ଆଉ ଏଡିଟିଂ କାମ କରିବେନି । ଆଖି ବନ୍ଦ କରି ଭାବିଲେ ସୁନ୍ଦର ଭାବରେ ମିଛ କଥା କହି କାମ ଛାଡିବାକୁ ପଡ଼ିବ । ପଛପଟରୁ ଦଶବର୍ଷର ଝିଅ ସୁମୀ ଆସି ଶାସନ କରିବାର କଣ୍ଠରେ କହିଲା ''ଏଇଠି ବସି ବସି ଢୁଳଉଛ ତ! ମୁଁ ଜାଣେ ପରା! ରାତିରେ ନ ଶୋଇବା ଲୋକ ଦିନରେ ଅଚଳ ! ଆଜି ରାତିରେ ମୁଁ ତମ ପାଖରେ ଶୋଇବି ! ଦେଖିବା କୋଉ ନିଦ କୁଆଡେ ଯାଉଛି !''

ଆଖି ବନ୍ଦ ଥିବା ଅବସ୍ଥାରେ ଶଶଧର ବାବୁଙ୍କ ମେସିନ ଚାଲୁ ହୋଇଗଲା ! କଳ୍ପନାରେ ପ୍ରତିମୂର୍ତ୍ତିର ରୂପାନ୍ତର । ନୂଆ ବ୍ୟଞ୍ଜନା । ମୀନୁ ଶଶଧର ବାବୁଙ୍କ ମା' ଏବେ ଆଖି ଖୋଲିଲେ ନାହିଁ । ଏଡିଟିଂ କାମ ଛାଡିବା କଥା ମନେ ରହିଲା ନାହିଁ । ଜୀବନ ବି ତ ଧାରାବାହିକ ଭାବନାର ବ୍ୟଞ୍ଜନା ।

***ରାଜାବଜାର, ଜଟଣୀ***

# ଆକାଶ ପାତାଳ

● ଡ. ପ୍ରତିଭା ମହାରଥୀ



**ଶ୍ୱେ**ତା ଏବଂ ନେହା ପିଲାଦିନରୁ ଖୁବ୍ ଅନ୍ତରଙ୍ଗ ବନ୍ଧୁ । ଗୋଟିଏ ଗାଁର ସେମାନେ, ତେଣୁ ସ୍କୁଲ ପଢ଼ାଠାରୁ କଲେଜ ପଢ଼ା ଯାଏଁ ଏକାଠି ପଢୁଥିଲେ । ଶ୍ୱେତାର ବାପା 'ଦୀନେଶ' ଓ ମାଆ 'ବସୁଧା' ଶ୍ୱେତାକୁ ଏମ୍.ଏ. ପରୀକ୍ଷା ଦେଇସାରିବା ପରେ ପରେ ବାହା କରାଇ ଦେଲେ । ଭୁବନେଶ୍ୱରରେ ମାଷ୍ଟରକ୍ୟାଣ୍ଟିନ୍ ନିକଟରେ ଶ୍ୱେତା ତା' ଶାଶୁଘରେ ରୁହେ । ସ୍ୱାମୀ 'ମନିଶ୍' ଗୋଟାଏ କମ୍ପାନୀରେ କମ୍ପ୍ୟୁଟର ଇଂଜିନିୟର । ଶାଶୁଘର କହିଲେ ଶାଶୁ 'କଲ୍ୟାଣୀ', ଶ୍ୱଶୁର 'ମହେଶ', ନଣନ୍ଦ 'ସୁଇଟି ଏବଂ ରୋଷେଇଆ 'ରଘୁଆ'କୁ ନେଇ ଏକ ହସଖୁସିର ପରିବାରଟିଏ । ଶାଶୁଘରେ ଭାରି ସୁଖ ଶାନ୍ତିରେ ଦିନ କଟିଯାଏ ଶ୍ୱେତାର । ବସୁଧା ଓ ଦୀନେଶଙ୍କ ପ୍ରଦତ୍ତ ସଂସ୍କାର ହିଁ ଶ୍ୱେତାକୁ ଶାଶୁଘରେ ଗୋଟିଏ ଭଲ ବୋହୂର ମାନ୍ୟତା ଦେଇପାରିଛି, ଏଥିରେ ସନ୍ଦେହ ନାହିଁ ।

ଏବେ ଶ୍ୱେତାର କୋଳରେ ପୁଅଟିଏ, ଝିଅଟିଏ। ପୁଅର ନାଁ ଲେମନ୍ ଓ ଝିଅର ନାଁ ଏଲି । ପୁଅ, ଝିଅଙ୍କ କାମ, ଶାଶୁ ଶ୍ୱଶୁରଙ୍କ ସେବା ଏବଂ ଘରର ସମସ୍ତ କର୍ମ ଭିତରେ ସାରାଦିନ ନିଜକୁ ହଜାଇଦିଏ ଶ୍ୱେତା । ସବୁ କାମ ଭିତରେ ଶ୍ରଦ୍ଧା ଟିକକ ମିଶାଇବାକୁ ସେ କେବେ ବି ଭୁଲେନି । ତେଣୁ ପ୍ରତ୍ୟେକ କାମରୁ ମଜା ନିଏ ଶ୍ୱେତା। ଶ୍ୱେତାର କର୍ତ୍ତବ୍ୟନିଷ୍ଠା, ସ୍ନେହ, ମମତା ଓ ତ୍ୟାଗ ଦେଖି ସାରା ପରିବାର ମୁଗ୍ଧ । ଶାଶୁ କଲ୍ୟାଣୀ ପ୍ରତ୍ୟେକଟି କାମରେ ଶ୍ୱେତାକୁ ସହଯୋଗ କରନ୍ତି । ନାତି ନାତୁଣୀଙ୍କ କଥା ଗୋଟି ଗୋଟି କରି ସବୁ ବୁଝନ୍ତି ସିଏ । ଶ୍ୱଶୁର ମହେଶ ବଜାର କରିବା, କାହାର ଦେହ ଖରାପ ହେଲେ ଡାକ୍ତରଙ୍କ ପାଖକୁ ନେବା, ମେଡ଼ିସିନ୍ ଆଣିବା, ନାତି ନାତୁଣୀଙ୍କୁ ସ୍କୁଲ ନବା ଆଣିବା କାମ ସବୁ ଆଗ୍ରହରେ କରନ୍ତି । ଶ୍ୱେତାର ଦେହ ମୁଣ୍ଡ କଥା ସବୁବେଳେ ପଚାରି ବୁଝନ୍ତି, ଆଉ ସ୍ୱାମୀ ମନିଶଙ୍କ କଥା କଣ କହିବା ସେ ତ କୋଟିକେ ଗୋଟିଏ, ହୀରାମୁଣ୍ଡାଟିଏ । ଘରେ ଥିବା ସମୟରେ ଚା', କଫି ତିଆରି କରିବା, ରୋଷେଇ କାମରେ ଶ୍ୱେତାକୁ ସହଯୋଗ କରିବା, ପିଲାଙ୍କୁ କିଛି କିଛି ସମୟ ପାଠ ପଢ଼ାଇବା ବ୍ୟତୀତ ଘରର ସମସ୍ତ କାମ ଯଥା ମାସିକିଆ ରେସନ୍‌ଠୁ ଲୁଗାପଟା ଇତ୍ୟାଦି ଆଣିବା ପର୍ଯ୍ୟନ୍ତ ସବୁ ସମସ୍ତଙ୍କ ମନ ଜାଣି ଠିକ୍ ସମୟରେ କରିଥାନ୍ତି ସିଏ । ପ୍ରକୃତରେ ସରଳ ଭାବରେ ବଞ୍ଚି ଜାଣିଲେ ହିଁ ଜୀବନ ସହଜ ହୋଇଥାଏ ।

ଦଶ ବର୍ଷ ତଳୁ ନଣନ୍ଦ 'ସୁଇଟି'ର ବାହାଘର ହୋଇ ସାରିଲାଣି। ପିଲା ଦୁଇଜଣ ଲେମନ୍ ଓ ଏଲି କଲେଜରେ ପଢୁଛନ୍ତି ଏବେ। ଦିନେ ଦିନେ ଚିରାଚରିତ ଢଙ୍ଗରେ କାମ କରି କରି ହାଲିଆ ହୋଇଯାଏ ଶ୍ୱେତା । ବିଶେଷ କରି ଯେଉଁଦିନ ତା' ସାଙ୍ଗ ନେହା ତା ଘରକୁ ବୁଲିବାକୁ ଆସେ, ସେହିଦିନ ହିଁ ଶ୍ୱେତାର ମନକୁ ଅନେକ ନକାରାତ୍ମକ ଚିନ୍ତା ମାଡ଼ିବସେ । କାହିଁକି ନା ନେହା ଚିରକୁମାରୀ ରହିବାକୁ ପସନ୍ଦ କଲା। ତେଣୁ ସେ ବିବାହ କଲାନି। ପଟିଆରେ ଏକ ଆପାର୍ଟମେଣ୍ଟରେ ଘରଟିଏ କିଣି ଏକୁଟିଆ ରହୁଛି ସିଏ। ସେ ତ ଖଣ୍ଡଗିରିରେ ଥିବା ଏକ ସରକାରୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଅଛି। ପ୍ରତ୍ୟେକ ଦିନ ପଟିଆରୁ ଖଣ୍ଡଗିରି ଯିବାଆସିବା କରେ। ପ୍ରତି ସପ୍ତାହରେ ଯିବାଆସିବା ବାଟରେ ଥରେ/ଦୁଇଥର ଶ୍ୱେତା ଘରକୁ ଆସେ। ନେହା ନିଜେ ଗାଡ଼ି ଡ୍ରାଇଭ୍ କରେ। ଶ୍ୟାମଳ ବର୍ଣ୍ଣ, ବେଶ୍ ଡେଙ୍ଗା ଆଉ ପତଳା ହେଲେ ବି ନେହାର ମୁହଁର ଗଢ଼ଣ ଖୁବ୍ ସୁନ୍ଦର। ବିବାହ କରିନାହିଁ ଯେହେତୁ, ସ୍ୱାଧୀନ ଭାବରେ ରହୁଛି । ଭଳିଭଳି ଶାଢ଼ି ଓ ଗହଣା କିଣିବା ତାର ଅଭ୍ୟାସରେ ପଡ଼ିଗଲାଣି। ସବୁବେଳେ ଭାରି ସୁନ୍ଦର ସୁନ୍ଦର ଶାଢ଼ୀ, ହାତକୁ ମାନିଲା ଭଳି ଘଣ୍ଟା, ଡାହାଣ ହାତରେ ପଟେ ଚୁଡ଼ି, କାନରେ ଓ ବେକରେ, ଦାମୀ ଦାମୀ ଷ୍ଟୋନ୍ ସେଟ୍ ପିନ୍ଧେ ନେହା। ଶ୍ୱେତା ଓ ତାର ପିଲାଙ୍କ ପାଇଁ ମଧ କିଛି ନା କିଛି ଆଣିବାକୁ ଭୁଲେନାହିଁ ।

ଶ୍ୱେତାର ନେହାକୁ ଦେଖି ଭାରି ଈର୍ଷା ହୁଏ । ମନେ ମନେ ଭାବେ, ସତରେ ନେହା କେଡ଼େ ସୁଖୀ । ସତେ ଯେପରି ଖୋଲା ଆକାଶର ମୁକ୍ତ ବିହଙ୍ଗ ସିଏ । ଯେତେବେଳେ ଯୁଆଡ଼େ ମନ ସିଆଡ଼େ ଯାଇପାରୁଛି । ଶାଶୁ, ଶ୍ୱଶୁର, ସ୍ୱାମୀ, ପିଲା ଏମିତି କିଛି ଚିନ୍ତା ନାହିଁ ତାର । ସବୁ ବର୍ଷ ଭାରତର ବଭିନ୍ନ ସ୍ଥାନକୁ ବୁଲିବାକୁ ଯାଉଛି । ଗ୍ରୀଷ୍ମଛୁଟିରେ ଅନେକ ଫରେନ୍ ଟୁର୍ ମଧ କରିସାରିଲାଣି। ଟଙ୍କା ପଇସାର ଅଭାବ ନାହିଁ। ଭାରି ଆଜାଦୀ ଜୀବନ ତାର। ପ୍ରକୃତରେ ମଣିଷର ନିଜ ଭାବନା ଓ ମାନସିକତା ହିଁ ତାକୁ ସଫଳ ବା ବିଫଳ କରାଇଥାଏ।

ସେଦିନ ଶ୍ୱେତାର ମନ ଟିକେ ଭଲ ନଥିଲା। ତେଣୁ ସେ ଖରାବେଳଟାରେ ସବୁ କାମଦାମ ସାରି କାହାକୁ କିଛି ନ କହି ନେହା ଘରକୁ ଚାଲିଆସିଲା। ସହଜେ ରବିବାର ଥିଲା। ତେଣୁ ନେହା ଘରେ ଥିବ ଭାବିଲା ଶ୍ୱେତା।

ଘରେ ପହଞ୍ଚି ଦେଖିଲା ଦରଓ୍ୱାଜା ଭିତର ବନ୍ଦ ନାହିଁ। କଲିଂବେଲ୍ ମାରିବା ଦରକାର ପଡ଼ିଲାନି । ସିଧା ସିଧା ଘର ଭିତରେ ପ୍ରବେଶ କଲା ଶ୍ୱେତା। ମାତ୍ର ଇଏ କ'ଣ! ଜ୍ୱରରେ କମ୍ପୁଛି ନେହା, ବିଛଣାରେ ଶୋଇରହି ଗୋଟାପଣେ ଥରୁଛି । ପାଖରେ ପାଣି ଟୋପେ ଦେବାକୁ କେହି ନାହିଁ । ଶ୍ୱେତା ସାଙ୍ଗେ ସାଙ୍ଗେ ତାକୁ ରେଜେଇ ଘୋଡ଼େଇଦେଲା । ଡ୍ରାଇଭର୍ ହାତରେ ମେଡ଼ିସିନ୍ ଏବଂ ଫଳମୂଳ କିଛି ମଗାଇଲା, ନେହାର ମୁଣ୍ଡ ଗୋଡ଼ ହାତ ଚିପାଚିପି କରିଦେଲା । ବିସ୍କୁଟ୍ ଓ ଫଳ ଟିକେ ଖୁଆଇ ମେଡ଼ିସିନ୍ ଦେଲା। ପ୍ରାୟ ଅଧଘଣ୍ଟାଏ ପରେ ନେହାର ଜ୍ୱର କମିଆସିଲା । ଏବେ ସେ ବିଛଣାରୁ ଉଠିବସିଲା। ଶ୍ୱେତାକୁ ଢେର ପ୍ରଶଂସା କଲା । ଦୁଇଦିନ ତଳେ ବର୍ଷାରେ ଭିଜିଯାଇଥିବାରୁ ତାକୁ ଜ୍ୱର ହେଲା ବୋଲି ପ୍ରକାଶ କଲା । ତାକୁ ଭଗବାନ ହିଁ ତା ପାଖକୁ ପଠାଇଛନ୍ତି ଏ କଥା ମଧ କହିଲା । ଶ୍ୱେତା ନେହା ପାଇଁ ସବୁ ବ୍ୟବସ୍ଥା କରିଦେଇ ଘରକୁ ବାହାରିଲା ବେଳକୁ ସନ୍ଧ୍ୟା ସାତଟା।

ଘରେ ପହଞ୍ଚି ପହଞ୍ଚି ଗେଟ୍ ପାଖରେ ଶ୍ୱଶୁର ବଡ଼ ବିବ୍ରତ ବିଚଳିତ ହୋଇ ପଦଚାରଣ କରୁଥିବାର ଦେଖିଲା ଶ୍ୱେତା। ଶ୍ୱେତାକୁ ଦେଖି ପକାଇ ଟିକେ ଆଶ୍ୱସ୍ତ ହୋଇ କହିଲେ, ଆରେ ମା! ତୁ ଏତେ ସମୟ ଚାଲିଗଲେ ଆମ ଘରଟା ପରା ଅନ୍ଧାର ହୋଇଯାଉଛି! ତା ପରେ ପରେ ଶାଶୁ ପିଣ୍ଡା ଉପରୁ ତଳକୁ ଓହ୍ଲାଇ ଆସି ଶ୍ୱେତାର ମୁଣ୍ଡକୁ ଆଉଁସି ଦେଇ କହିଲେ, ତୋତେ ଛାଡ଼ି ଆମେ ସବୁ ମୁହୂର୍ତ୍ତେ ବି ରହିପାରୁନୁ ରେ ମା। ଆମ ଘର ଶ୍ରୀହୀନ ଲାଗୁଛି। ତା ପରେ ଘର ଭିତରେ ସ୍ୱାମୀ ମନିଶ୍ ଟିଭି ଦେଖୁ ଦେଖୁ କହିଲେ, 'ଜଲ୍‌ଦି ଜଲ୍‌ଦି କଫି କପ୍‌ଟେ ଦେବଟି। ତମେ ତ ଜାଣିଛ, ତୁମ ଛଡ଼ା ଆଉ କାହା କଫି ଏତେ ଭଲ ଲାଗେନା ମୋତେ।' ତାପରେ ପାଳି ପଡ଼ିଲା ପୁଅ ଝିଅଙ୍କର। ମାମୀ ତୁମେ ଏତେ ସମୟ ଯାଏ କେଉଁଠି ଥିଲ ? ଘରଟା ମୋତେ ଭଲ ଲାଗୁ ନଥିଲା। ହଁ ଆମେ କେହି ତୁମ ମନରେ କଷ୍ଟ ଦେବୁନି ବୋଲି ଫୋନ୍ କରୁ ନଥିଲୁ। ସମସ୍ତେ ଜାଣିଥିଲୁ ତୁମେ ନେହା ଆଣ୍ଟିଙ୍କ ଘରକୁ ହିଁ ଯାଇଥିବ!!

ଶେଷକୁ ଥିଲା ରଘୁଆର ପାଳି। ମାଆ! ତୁମେ ନ ଥିଲ ଯେ ମୋତେ ଆଦୌ ଭଲ ଲାଗୁ ନଥିଲା। ବାବୁ ମାଙ୍କ ପାଇଁ ଚା କଲି, ଆଉ ତୁମ ଚା ଧରି ସବୁ ଘର ଗୋଟି ଗୋଟି ଖୋଜିଗଲି, କେଉଁଠି ନ ପାଇ ମନ ଦୁଃଖରେ ଥିଲି। ଏବେ ତୁମେ ଆସିଗଲ, ଘର ଆମର ଭରପୁର ହୋଇଗଲା। ବାସ୍ତବରେ ସଂସାରରେ ସବୁଠାରୁ ଶକ୍ତିଶାଳୀ ହେଉଛି ପ୍ରେମ, ଏହାଦ୍ୱାରା ଶତ୍ରୁକୁ ମଧ ଜିଣିହୁଏ।

ଶ୍ୱେତା ମନିଶଙ୍କ ପାଇଁ କଫି କଲାବେଳେ ମନେ ମନେ ଭାବୁଥିଲା, ଆରେ ସତେ ତ! ଆମ ଘରେ ପ୍ରତ୍ୟେକଙ୍କର ମୋ ପ୍ରତି କେତେ ସ୍ନେହ, ମମତା, ତ୍ୟାଗ... ତାହା ସମସ୍ତଙ୍କ ଉକ୍ତିରୁ ସ୍ପଷ୍ଟ ଜଣାପଡ଼ିଯାଉଛି। ଶାଶୁ ଶ୍ୱଶୁରଙ୍କ ଆପଣାର ଭାବ, ସ୍ୱାମୀଙ୍କ ନିବିଡ଼ ଭଲପାଇବା, ପିଲାମାନଙ୍କ ଅଧିକାରପଣ ଆଉ ରଘୁଆର ଅନାବିଳ ସ୍ନେହ, ଏସବୁତ ଅମୂଲ୍ୟ ସମ୍ପତ୍ତି ମୋ ପାଇଁ। ଆଜି ତାର ହୃଦ୍‌ବୋଧ ହେଉଚି, ଏତ ଘର ନୁହେଁ, ସତେ ଅବା ସରଗପୁରୀ!! ଆଉ ଏ ସବୁର ଉତ୍କଟ ଅଭାବ ନେହା ଘରେ। ପ୍ରକୃତରେ କେଡ଼େ ନିଃସଙ୍ଗ ଜୀବନ ତାର। ଅସହାୟତାର ଘନ ଅନ୍ଧାର ଭିତରେ ସବୁ ଯେମିତି ଅସ୍ପଷ୍ଟ... ନେହା ଆଉ ତା ଭିତରେ ଠିକ୍ ଯେମିତି ଆକାଶ ପାତାଳ ଫରକ... ଜଣଙ୍କ ପାଖରେ ଛଳଛଳ ପରିପୂର୍ଣ୍ଣତା, ଆଉ ଜଣଙ୍କ ପାଖରେ ଖାଁ ଖାଁ ଶୂନ୍ୟତା। ଜୀବନକୁ ବଞ୍ଚୁବଞ୍ଚୁ ଜୀବନକୁ ହଜାଇଦେବା ହେଉଛି ମଣିଷର ସବୁଠାରୁ ବଡ଼ ଭୁଲ୍। ଏଣିକି ନେହା ତା ଘରକୁ ଆସିଲେ ଶ୍ୱେତା ଆଉ ଈର୍ଷା କରେନି, ବରଂ ଅନୁକମ୍ପାର ହାତଟିଏ ବଢ଼େଇଦିଏ ଆଉ ପଢ଼ିବାକୁ ଚେଷ୍ଟାକରେ ତା ମନର ଅସରନ୍ତି ଅବ୍ୟକ୍ତ ଭାଷାକୁ।

***ମୋ. ୯୪୩୭୦୩୭୮୦୯***

## ଜିଲ୍ଲାବ୍ୟାପୀ କୃଷିକ୍ଷେତ୍ରରେ ବାତ୍ୟାର ପ୍ରଭାବ

**କେନ୍ଦ୍ରାପଡା:୨୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ବାତ୍ୟା ମୋନ୍ଥାର ପ୍ରଭାବ ଅନୁଭୂତ ହୋଇଛି କେନ୍ଦ୍ରାପଡ଼ା ଜିଲ୍ଲାରେ। ଆଇଏମଡ଼ିର ସୂଚନା ଅନୁସାରେ ବାତ୍ୟାଟି ମଙ୍ଗଳବାର ସନ୍ଧ୍ୟାପରେ ଉତ୍ତର ଆନ୍ଧ୍ର ପ୍ରଦେଶର କାକିନାଡ଼ାରେ ଲ୍ୟାଣ୍ଡଫଲ କରିବା ସହିତ ଉତ୍ତର-ପଶ୍ଚିମ ଦିଗରେ ଆଗକୁ ବଢି ଚାଲିଥିଲେ ମଧ୍ୟ ଏହାର ପ୍ରଭାବରେ କେନ୍ଦ୍ରାପଡ଼ା ଜିଲ୍ଲାବ୍ୟାପୀ ପୂର୍ବାହ୍ନରୁ ତୁହାକୁ ତୁହା ବର୍ଷା ଲାଗିରହିଛି । ତଟାଞ୍ଚଳ ଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସାଙ୍ଗକୁ ଘଣ୍ଟାପ୍ରତି ହାରାହାରି ୪୦କିମି ବେଗରେ ପବନ ବୋହୁଛି । ଫଳରେ ବହୁ ଅଞ୍ଚଳ ଜଳମଗ୍ନ ହୋଇଛି । ବିଶେଷ କରି ସମୁଦ୍ର ଅଶାନ୍ତ ହେବା ସହ ବିଭିନ୍ନ ସ୍ଥାନରେ ଥିବା ମେଲା ମୁକୁଳା କ୍ରିକ୍ ଦେଇ ବିସ୍ତୃତ ଅଞ୍ଚଳରେ ଲୁଣାପାଣି ପ୍ରବେଶ କରିଛି । ଅନେକ ସ୍ଥାନରେ ଖରିଫ ଧାନ ଜମି ଲୁଣା ପ୍ଲାବିତ ହୋଇଛି । ବାବର, ସୁନିତୀ, ଲଂଜୁଡ଼ା, ବରକନ୍ଦା, ବଡାଘର, ଖରିନାସୀ, ରାମନଗର, ତନ୍ତିଆପାଳ ବାରଡ଼ାଙ୍ଗ ମଙ୍ଗଳପୁର, ରଙ୍ଗଣୀ, ତାଳଚୁଆ ଆଦି ଅଞ୍ଚଳରେ ଲୁଣାପାଣି ଚାଷଜମିରେ ମାଡ଼ିଯିବାରୁ ଚଳିତ ବର୍ଷ ଖରିଫ ଧାନ ଫସଲ ବ୍ୟାପକ ଭାବେ ନଷ୍ଟ ହେବା ପ୍ରାୟ ନିଶ୍ଚିତ ହୋଇ ଯାଇଛି । ଅନ୍ୟପକ୍ଷରେ ଜିଲ୍ଲାର ପ୍ରାୟ ସବୁ ଅଞ୍ଚଳରେ ବିରି ଫସଲ ପାଣିରେ ବୁଡ଼ିରହିବା ଫଳରେ ତାହା ନଷ୍ଟ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି । କେବଳ ଦୁଇ ଚାରି ପତରର ବିରିଫସଲ ନୁହେଁ ପନିପରିବା ଫସଲ ଓ ଉଦ୍ୟାନ କୃଷି ମଧ୍ୟ ଗଭୀର ଭାବେ ପ୍ରଭାବିତ ହୋଇଛି । ଯାହାକୁ ଦେଖି ଚାଷୀଙ୍କର ଆଖିରୁ ନିଦ ହଜାଇ ଗଲାଣି । ତେବେ ଏହି ବାତ୍ୟା ଅକ୍ଟୋବର ୨୮ରେ ଆସିଥିବାରୁ ୧୯୯୯ ଅକ୍ଟୋବର ୨୯ର ମହାବାତ୍ୟା କଥା ମନେପକାଇ ଡ଼ରିଯାଇଥିବା ଲୋକେ ମୋନ୍ଥାର ଗତିପଥ ଓ କମ୍ ପ୍ରଭାବରେ ଆଶ୍ୱସ୍ତ ହୋଇଛନ୍ତି ।

## ପାରାସନ୍ତରଣ ପ୍ରତିଯୋଗିତାରେ ଚମକିଲା କେନ୍ଦ୍ରାପଡା

**କେନ୍ଦ୍ରାପଡା:୨୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଅକ୍ଟୋବର ୨୫ ଓ ୨୬ ତାରିଖ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାରାସନ୍ତରଣ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ାର ପାରା ସନ୍ତରଣକାରୀମାନେ ଅପୂର୍ବ ସଫଳତା ଅର୍ଜନ କରିଛନ୍ତି । ନିଜ ନିଜ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟ ଲାଭ ସହ ଏହି ପାରାସନ୍ତରଣକାରୀମାନେ ଜାତୀୟ ରେକର୍ଡ ମଧ୍ୟ ସ୍ଥାପନ କରିବାରେ ସମର୍ଥ ହୋଇଛନ୍ତି । କେନ୍ଦ୍ରାପଡ଼ାର ଆଳି ବ୍ଲକ୍ ନରେନ୍ଦ୍ରପୁର ଗ୍ରାମର ଦିବ୍ୟାଙ୍ଗ ପାରା ସନ୍ତରଣକାରୀ ମୋନାଲି ସ୍ୱାଇଁ ମହିଳା ବିଭାଗର ତିନୋଟି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟ ଲାଭ କରି ବ୍ୟକ୍ତିଗତ ରେକର୍ଡ ସୃଷ୍ଟି କରିବା ସହିତ ଜାତୀୟ ପାରା ସୁଇମିଙ୍ଗରେ ଥିବା ରେକର୍ଡକୁ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି । ସେହିପରି କେନ୍ଦ୍ରାପଡ଼ାର ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ଗ୍ରାମର ବଳରାମ ସ୍ୱାଇଁ ପୁରୁଷ ୧୦୦ ମିଟର ପାରା ସନ୍ତରଣ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟ ଲାଭ କରି ଜାତୀୟ କୀର୍ତ୍ତି ସ୍ଥାପନ କରିଛନ୍ତି । ଏହି ଦୁଇ ପାରା କ୍ରୀଡ଼ାବିତ୍‌ଙ୍କ ସଫଳତାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଭିନ୍ନକ୍ଷମମାନଙ୍କ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ 'ପୁନର୍ବାସ' ଅନୁଷ୍ଠାନର ପ୍ରତିଷ୍ଠାତା ଓ ମୁଖ୍ୟ ଉପଦେଷ୍ଟା ଏବଂ କାର୍ଯ୍ୟନିର୍ବାହୀ ପରିଷଦର କର୍ମକର୍ତ୍ତା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏଠାରେ ପ୍ରକାଶଯୋଗ୍ୟ ଯେ ଦୀର୍ଘ ଏକବର୍ଷରୁ ଉର୍ଦ୍ଧ୍ୱକାଳ ପୁନର୍ବାସ ଅନୁଷ୍ଠାନ ଏହି ଦୁଇ ପାରାକ୍ରୀଡ଼ାବିତ୍‌ଙ୍କ ଦକ୍ଷତା ବିକାଶ ଦିଗରେ ଆର୍ଥିକ ପ୍ରୋତ୍ସାହନ ଓ ସହାୟତା ସହିତ ବିଭିନ୍ନ ଅବସରରେ ଉତ୍ସାହିତ କରି ଆସିଛି ।

## ଉର୍ଦ୍ଦୁ ବିଦ୍ୟାଳୟରେ ପୋଷାକ ବିତରଣ

**କେନ୍ଦ୍ରାପଡା:୨୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ପୌର ସଂସ୍ଥା ଅଧିନସ୍ଥ ଫକିରାବାଦ୍ ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ୧୨୨ ଜଣ ଛାତ୍ରଛାତ୍ରୀମାନଙ୍କୁ ଟିସାର୍ଟ, ଟ୍ରାକ ପ୍ୟାଣ୍ଟ, ଟୋପି, ଜୋତା, ଦୁଇ ହଳ ମୋଜା ଓ ବ୍ୟାଚ୍ ବଣ୍ଟନ କରାଗଲା । ପ୍ରଧାନ ଶିକ୍ଷକ ସେକ୍ ମନସୁର ଅଲ୍ଲୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ, ବିଆରସିସି ବଳଦେବ ପ୍ରସାଦ ଜେନା, ସିଆର୍‌ସିସି ସେକ୍ ଫୟାଜୁଦ୍ଦିନ ମହମ୍ମଦ ଓ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ମୀର ସମ୍ୱ ତବରେଜ, ରମାତୁନ ବିବି ପ୍ରମୁଖ ଯୋଗଦେଇ ୭୯ଜଣ ଛାତ୍ର ଓ ୪୪ଜଣ ଛାତ୍ରୀଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ମାଗଣା ପୋଷାକ ବଣ୍ଟନ କରାଯାଇଛି । ବିଦ୍ୟାଳୟର ଶିକ୍ଷକ ମୀର ରଫିକ୍, ଗାଙ୍ଗେୟ କୁମାର ବିଶ୍ୱାଳ, ରଶ୍ମି ରଞ୍ଜନ ରାଉତରାୟ ଓ ଶିକ୍ଷୟିତ୍ରୀ ସମିନା ଜେନା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ସୁକିନ୍ଦା:୨୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ସୋମବାର ମହାମାୟୀ ଉ:ପ୍ରା ବିଦ୍ୟାଳୟ ପରିସରରେ ଉଦଘାଟିତ ହୋଇଯାଇଛି । ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ବିଡିଓ ପ୍ରଜ୍ଞାପରମିତା ପୃଷ୍ଟି ମୁଖ୍ୟଅତିଥି , ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଗୋବର୍ଦ୍ଧନ ପ୍ରଧାନ, ପ୍ରେମାଞ୍ଜଳୀ ନାୟକ, ମନ୍ତ୍ରୀଙ୍କ ପ୍ରତିନିଧି ଶେଖର ମହାନ୍ତି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ପ୍ରତାପ ଚନ୍ଦ୍ର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମହାମାୟୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ବିବେକାନନ୍ଦ ବୋଷ ତଥା ମହାମାୟୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ସାମଲ ଓ ୧୧ଟି କ୍ଲଷ୍ଟର ସିଆରସିସି ଓ କାର୍ଯ୍ୟାଳୟର କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ଅଶୋକ ଚନ୍ଦ୍ର ଦାସ ଓ ଡ. ଦୟାନିଧି ଦାସ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁନ୍ଦର ଭାବରେ ପରିଚାଳନା କରିଥିଲେ ଶିକ୍ଷକ ବସନ୍ତ ଦାସ ଓ ଶିକ୍ଷୟିତ୍ରୀ ଦିବ୍ୟରଶ୍ମି ପ୍ରଧାନ ଏଗାର ଗୋଟି କ୍ଲଷ୍ଟରରୁ ଆସିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଶେଷରେ ମଙ୍ଗଳପୁର କ୍ଲଷ୍ଟରର ସିଆରସିସି ବସନ୍ତ କୁମାର ବଳ ଧନ୍ୟବାଦ ସହ କାର୍ଯ୍ୟକ୍ରମକୁ ଶେଷ କରିଥିଲେ ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ମହୋତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି

**ପୁରୀ:୨୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୦୪ ତମ ପୁଣ୍ୟ ଉତ୍କଳ ଆଗମନ ସ୍ମୃତି ମହୋତ୍ସବର ଆୟୋଜନ ନିମନ୍ତେ ଡାକ୍ତର ବିନାୟକ ମହାପାତ୍ର, ସମ୍ପାଦକ ସତସଙ୍ଗ, ଦେଓଘରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେରେ ଓଡିଶାର ଢେଙ୍କାନାଳ, ଗଞ୍ଜାମ, କେନ୍ଦ୍ରାପଡା, ପୁରୀ, କଟକ, ଖୋର୍ଦ୍ଧା ପ୍ରଭୃତି ଜିଲ୍ଲା ଏବଂ ଭୁବନେଶ୍ୱରରୁ ବହୁ ବରିଷ୍ଠ କର୍ମୀ ଯୋଗ ଦେଇଥିଲେ । ପୁରୀ ଜିଲ୍ଲା ପ୍ରଶାସନ ଏହି ଉତ୍ସବର ସଫଳ ରୂପାୟନ ନିମନ୍ତେ ସହାୟତା ପ୍ରଦାନ ପାଇଁ ଆସନ୍ତା ୭ ତାରିଖରେ ଏକ ଯୋଜନା ପ୍ରସ୍ତୁତି ନିମନ୍ତେ ବୈଠକ ସ୍ଥିର କରିଛନ୍ତି । ଏଥିରେ ପୁରୀ ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦାନ କରିବେ । ସ୍ମୃତି ମହୋତ୍ସବ ଶୃଙ୍ଖଳିତ ଭାବେ ପାଳନ ନିମନ୍ତେ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ଇଚ୍ଛା ଏବଂ କେନ୍ଦ୍ରୀୟ ସତସଙ୍ଗର ନିର୍ଦ୍ଦେଶାବଳୀ ଅନୁଯାୟୀ ସେବା ନିବୃତ ବରିଷ୍ଠ ପ୍ରଶାସନିକ ଅଧିକାରୀ, ସୁରେଶ ଚନ୍ଦ୍ର ଦଳେଇ, ଆଇଏସଙ୍କ ଅଧକ୍ଷତାରେ ବିଭିନ୍ନ ଜିଲ୍ଲାର ବରିଷ୍ଠ କର୍ମୀମାନଙ୍କୁ ନେଇ ଏକ ଉତ୍ସବ କମିଟି ଗଠନ କରାଯାଇଛି । ପୁରୀ ଜିଲ୍ଲାର ଦୀକ୍ଷା ପତ୍ର, କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ, ଆନନ୍ଦ ବଜାର ପାଇଁ ବିଭିନ୍ନ ପ୍ରକାରର ସମାଗ୍ରୀ ବିଭିନ୍ନ ଅଞ୍ଚଳରୁ ଆୟୋଜନ କରିବା ପାଇଁ ସ୍ଥିର ହୋଇଥିଲା । ବିଭିନ୍ନ ଅଞ୍ଚଳରୁ ଗୁରୁଭାଇମାନେ ଉତ୍ସବରେ ସକ୍ରିୟ ଯୋଗଦାନ କରିବାକୁ ଆମନ୍ତ୍ରଣ, ଯୋଗାଯୋଗ କରିବାକୁ ସଭାପତି ପରାମର୍ଶ ଦେଇଥିଲେ । ଆସନ୍ତା ୮ ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇ ଏହାର ପୂର୍ଣ୍ଣାଙ୍ଗ ରୂପ ରେଖ ଉପରେ ଆଲୋଚନା କରିବା ପାଇଁ ନୂତନ ଗଠିତ କମିଟିର ସମ୍ପାଦକ ଡକ୍ଟର ହୃଷୀକେଶ ସେନାପତିଙ୍କୁ ଦାୟିତ୍ୱ ଦିଆଯାଇଛି । ଏହି ବୈଠକରେ ଓଡିଶାର ବିଭିନ୍ନ ଜିଲ୍ଲାର ଭାରପ୍ରାପ୍ତ କର୍ମୀମାନେ ପୁରୀ ଠାକୁର ବାଡ଼ିରେ ଯୋଗଦାନ ନିମନ୍ତେ ଉତ୍ସବ କମିଟି ତରଫରୁ ଅନୁରୋଧ କରାଯାଇଛି ।

# ଜଳୁନି ଷ୍ଟ୍ରିଟ ଲାଇଟ୍, ଅନ୍ଧାରରେ ବ୍ଲକ୍ କୃଷି କାର୍ଯ୍ୟାଳୟ

**ଓଡ଼ାପଡ଼ା:୨୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ଅଚଳ ଆଲୋକିକରଣ ଯୋଜନା। ଲଗେଇବା ଦିନ ଠାରୁ ଜଳୁନି ଷ୍ଟ୍ରିଟ୍ ଲାଇଟ୍ । ଅନ୍ଧାରରେ ବ୍ଲକ୍ କୃଷି କାର୍ଯ୍ୟାଳୟ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଲାଗିଥିଲା ଲାଇଟ୍ ଏବେ କିନ୍ତୁ ଘନ ଅନ୍ଧାର। ଯୋଜନା ଆରମ୍ଭରୁ ଅଚଳ। ଲାଇଟ୍ ଲାଗିବା ଦିନ ଠାରୁ ବିଦ୍ୟୁତ୍ ସଂଯୋଗରେ ତ୍ରୁଟି ଯୋଗୁଁ ଲାଗି ପାରୁନି ଲାଇଟ୍ । ଅନ୍ଧାର ଘଟାଇଛି ଅପରାଧ, ଚୁପ୍ ବ୍ଲକ୍ ପ୍ରଶାସନ। ହିନ୍ଦୋଳ ରୋଡ ଅଞ୍ଚଳରେ ପ୍ରାୟ ଦିନ ଚୋରି ଓ ରାହାଜାନୀ ବଢୁଥିବା ଅଭିଯୋଗ ହେଉଥିବା ବେଳେ ସଞ୍ଜ ନଇଁଲେ ଅସୁରକ୍ଷିତ ମଣୁଛନ୍ତି ଲୋକେ। ଖର୍ଚ୍ଚ ହେଲା ଲକ୍ଷ ଲକ୍ଷ ଟଙ୍କା ହେଲେ ପରିଚାଳନା ତ୍ରୁଟି ଯୋଗୁଁ ଜଳୁନି ବଲ୍ ହଟୁନି ଅନ୍ଧାର। ନିକୃଷ୍ଟ ଧରଣର ଲାଇଟ୍ ଲଗାଇ ଛୁ ଠିକାଦାର। ଖୁଣ୍ଟ ଅଛି ହେଲେ ବର୍ଷ ବର୍ଷ ଧରି ଜଳୁନି ଲାଇଟ। ସୂଚନା ଅନୁସାରେ ଓଡାପଡା ବ୍ଲକ କୃଷି କାର୍ଯ୍ୟାଳୟର ପରିସର ତଥା ପରିବେଶକୁ ସମ୍ପୂର୍ଣ୍ଣ ଆଲୋକିକରଣ କରିବାର ଯୋଜନା କରିଥିଲେ ସରକାର। ଜୈନିକ ଠିକା ସଂସ୍ଥାକୁ ଦିଆଗଲା କାର୍ଯ୍ୟାଦେଶ। ଖୁଣ୍ଟ ପୋତାଗଲା ଲାଇଟ୍ ବି ଲଗାଗଲା। ଏହାରି ଭିତରେ କିଛି ଲାଇଟ ଚୋରି ମଧ୍ୟ ହୋଇଗଲାଣି। କିନ୍ତୁ ଦୁଃଖର କଥା ଖୁଣ୍ଟ ପୋତିବାର ବର୍ଷ ବର୍ଷ ବିତିଯାଇଥିଲେ ମଧ ଏଯାଏଁ ଲାଇଟ୍ ଜଳି ପାରିଲାନି କି ବ୍ଲକ କୃଷି କାର୍ଯ୍ୟାଳୟ ଆଲୋକିତ ହୋଇ ପାରିଲାନି। ଉପରିସ୍ଥ କର୍ମଚାରୀଙ୍କୁ ହାତବାରିଶି କରି ମୋଟା ଅଙ୍କର ହାତ ଗୁଞ୍ଜା ଦେଇ, ଠିକାଦାର ଖୁଣ୍ଟ ପୋତି ସରକାରଙ୍କ ଠାରୁ ବିଲ୍ ଉଠେଇ ଚାଲିଗଲା। କୃଷି କାର୍ଯ୍ୟାଳୟଟି ବ୍ଲକ କାର୍ଯ୍ୟାଳୟ ପରିସରର ବାହାରେ ପଶ୍ଚିମ ଦିଗରେ ଅବସ୍ଥିତ ହୋଇଥିବା ବେଳେ ସେହି ରାସ୍ତାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଦମକଳ କେନ୍ଦ୍ର, ଗ୍ରାମ୍ୟ ଉନ୍ନୟନ ଅଫିସ, ରେଙ୍ଗାଳି ଅଫିସ୍ ଓ ତହସିଲଦାରଙ୍କ ସରକାରୀ କ୍ୱାଟର ଭଳି ବିଭିନ୍ନ ବିଭାଗର ଅନେକ ସରକାରୀ କ୍ୱାଟର ମଧ୍ୟ ରହିଛି। ଚତୃପାର୍ଶ୍ୱରେ ପାହାଡ଼ ଘେରା ଘଞ୍ଚ ଜଙ୍ଗଲ ଜାଗା ହୋଇଥିବାରୁ କୃଷି କାର୍ଯ୍ୟାଳୟ ଓ ପାଖାପାଖି ଅଞ୍ଚଳରୁ ବାରମ୍ବାର ଚୋରି ହେଉଥିବାର ଘଟଣା ମଧ ସାମ୍ନାକୁ ଆସିଛି। ନିକଟଅତୀତରେ କୃଷି କାର୍ଯ୍ୟାଳୟ ପରିସରରେ ଥିବା ନିର୍ମାଣାଧୀନ ଗାଧୋଇବା ଓ ପାଇଖାନା ଘରୁ ସମସ୍ତ ସରଞ୍ଜାମ ଲୁଟି ନେଇଥିବା ଘଟଣା ଥାନାରେ ଅଭିଯୋଗ ମଧ କରଯାଇଥିଲା। ସେ ଦୃଷ୍ଟିରୁ ସମ୍ପୂର୍ଣ୍ଣ କୃଷି କାର୍ଯ୍ୟଳୟକୁ ଆଲୋକିତ କରିବା କଥା, କିନ୍ତୁ ବାସ୍ତବରେ କେବେଳ ଖୁଣ୍ଟ ଛିଡା କରି ଦିନରେ କେବଳ ଖୁଣ୍ଟ ଗଣିବା ପାଇଁ ଲଗାଯାଇଛି। ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ଲାଇଟ୍ ଗୁଡିକ ଲାଗୁଛି ନା ଚୋରି ହେବା ପର୍ଯ୍ୟନ୍ତ ଅପେକ୍ଷା କରାଯାଉଛି।

## ବଲାଙ୍ଗିର ପୃଥ୍ୱୀରାଜ ଗୋଶାଳାରେ ଗୋପାଷ୍ଟମୀ



**ବଲାଙ୍ଗିର:୨୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କାର୍ତ୍ତିକ ଶୁକ୍ଳ ଅଷ୍ଟମୀ ବୁଧବାର ଗୋପାଷ୍ଟମୀ ଉପଲକ୍ଷେ ଗୋ ମହୋତ୍ସବ ବଲାଙ୍ଗିରର ସର୍ବ ପୁରାତନ ପୃଥ୍ୱୀରାଜ ଗୋଶାଳା ଠାରେ ଗୋପୁଜନ ତଥା ମହୋତ୍ସବ ପରିଚ଼ଳନ କମିଟି ଦ୍ୱାରା ପାଳିତ ହୋଇ ଯାଇଛି । ବୁଧବାର ସକାଳ ୭ ଘଟିକାରୁ ପୂଜା ଆରମ୍ଭ ହୋଇଥିଲା ବେଳେ ସକାଳ ୮ଟାରେ ହାବନ ହୋଇଥିଲା । ଦିନ ତମାମ ଗୋଶାଳାରେ ଶ୍ରଦ୍ଧାଳୁମାନେ ଗୋ ପୂଜନ ଗୋସେବା କରିବା ସହିତ ଗୋଶାଳା ପରିଚାଳନା ପାଇଁ ତୁଳାଦାନ ତଥା ବର୍ଶତମାମ ଗୋ ସେବା ପାଇଁ ଶକ୍ତି ମୁତାବକ ଦାନ କରିଥିଲେ । ପୂଜ୍ୟ ସ୍ୱାମୀ ଶ୍ୟାମ ନନ୍ଦ ଦାସଜି ମହାରାଜଙ୍କ ମୁଖରୁ ଗୋ ମହାତ୍ମା ଉପରେ ସକାଳ ୮ ଘଣ୍ଟାରୁ ୯ଟା ପର୍ଯ୍ୟନ୍ତ କହିଥିଲେ । ସମସ୍ତ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ଗୋଶାଳା କମିଟି ସଭାପତି ନରେନ୍ଦ୍ର ଜୈନ ସମ୍ପାଦକ ପ୍ରଫୁଲ୍ଲ ଜୈନ କୋଷାଧକ୍ଷ ବିକାଶ ଅଗ୍ରୱାଲ, ଜୈନ ସମାଜରାଜ୍ୟ ସଭାପତି ମନୋଜ ଜୈନ, ମାରୱାଡ଼ି ସମାଜ ସଭାପତି ସଞ୍ଜୟ ଅଗ୍ରୱାଲ, ଶ୍ରୀ ରାମ ଚରିତ ମାନସ ମନ୍ଦିର ସଭାପତି ସନ୍ତୋଷ ଅଗ୍ରୱାଲ, ପୂର୍ବସଭାପତି ପୁରାତନ ସଦସ୍ୟ ବଜରଙ୍ଗ ଅଗ୍ରୱାଲ ଓ ନକୁଲ ଅଗ୍ରୱାଲ ସମେତ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଗୋପ୍ରେମି ଉତ୍ସବରେ ସହଯୋଗ କରିଥିଲେ । ପଣ୍ଡିତ ବିଜୟ ଶର୍ମା ପୂଜା ଓ ଅନୁଷ୍ଠାନ କାର୍ଯ୍ୟ ପରିଚାଳନା କରିଥିଲେ ।

## ହାତୀ ନଷ୍ଟ କଲେ ଫସଲ: ସାଧାରଣ ଜନତା ଭୟଭୀତ



**ରାୟଗଡା:୨୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡା ଜିଲ୍ଲା ମୁନିଗୁଡା ରେଞ୍ଜରେ କିଛି ଦିନ ହେଲା ହାତୀ ଉପଦ୍ରବ ଆରମ୍ଭ କରିଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହେବା ସହ ଚିନ୍ତା ବଢ଼ାଇଛି । ଗାଁ ମୁହାଁ ହୋଇ ହାତୀପଲ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି । ଜଙ୍ଗଲ ଛାଡ଼ି ଜନବସତିରେ କରୁଛନ୍ତି ଉପଦ୍ରବ । ଧାନ ଖାଇବା ସହ ଅନ୍ୟାନ୍ୟ ଫସଲ ନଷ୍ଟ କରୁଛନ୍ତି । ଫଳରେ ବର୍ଷକର ଖାଦ୍ୟ ହରାଇ ଚାଷୀମାନେ ବେସାହାରା ହେଉଥିବା ବେଳେ ହାତୀ ଘଉଡାଇବା ପାଇଁ ବନ ବିଭାଗ ନାକେଦମ ହୋଇଛି ।

ରାୟଗଡ଼ା, ମୁନିଗୁଡା ରେଞ୍ଜ ଅମ୍ବାଦଳା ସେକ୍ସନ ରଘୁବାରି ବିଟର ପିଡେଲ ପଦର, ଉମ୍ବେର ଖଲିଆ ଗୁଡ଼ା, କିଞ୍ଜିଲୁଆ, ନାନିବୁଟି ଟିକରପଡା ଆଦି ଅଞ୍ଚଳରେ ଏକ ୮ ଟିକିଏ ହାତୀପଲ ଚାଷୀଙ୍କ ଧାନ ନଷ୍ଟ କରି କାନ୍ଦୁଲ, ବିରି ଭଳି ଡାଲି ଜାତୀୟ ଚାଷ ନଷ୍ଟ କରିଥିବା ବେଳେ ଅନ୍ୟ ଏକ ୫ଟିକିଆ ହାତୀପଲ ଦୁଇ ତିନି ଦିନ ହେଲା ଅମ୍ବାଦଳା ସେକ୍ସନ କେଶରୀ ବିଟର ତେରୀମେରି, କାର୍କାମାର୍କା, ଓଡମସ୍କା, ପେରାମେରା ଆଦି ଅଞ୍ଚଳରେ ଉପଦ୍ରପ ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ପୁଣ୍ଡେର ନିକଟ ଜଙ୍ଗଲରେ ରହିଥିବା ସୂଚନା ଦେଇଛି ବନ ବିଭାଗ।

ହାତୀପଲଙ୍କ ଉପଦ୍ରବ ଫଳରେ ଆତଙ୍କିତ ହୋଇପଡ଼ିଛନ୍ତି ଅଞ୍ଚଳବାସୀ। ଏହି ହାତୀପଲ ପ୍ରତ୍ୟେକ ଦିନ କିଛି ନା କିଛି ଧନ ସମ୍ପତ୍ତି ନଷ୍ଟ କରୁଥିବା ବେଳେ ସେପଟେ ବିଷମ କଟକ ହଜାରିଡାଙ୍ଗ ପଞ୍ଚାୟତ ଲେଲିବାଡ଼ି ଠାରେ ଏକ ତିନି ଜଣିଆ ହାତୀ ପଲ କୁକୁଡ଼ା ଫାର୍ମ ଭାଙ୍ଗିବା ସହ କଦଳୀ ଗଛ ନଷ୍ଟ କରିଥିବା ଜଣାପଡିଛି।

ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବା ସହିତ ହାତୀ ଘଉଡ଼ାବାକୁ ବ୍ୟବସ୍ଥା କରିବାକୁ ଚାଷୀ ଦାବି କରିଛନ୍ତି। ଅପରପକ୍ଷରେ ବନ ବିଭାଗ ହାତୀପଲ ଉପରେ ନଜର ରଖିବା ସହ ଗ୍ରାମବାସୀଙ୍କ ସହାୟତାରେ ହାତୀକୁ ଘଉଡାଇବାକୁ ଚେଷ୍ଟା ଚଳାଇଥିବାବେଳେ ଚାଷୀଙ୍କୁ ଉଚିତ କ୍ଷତିପୂରଣ ମିଳିବ ବୋଲି ଅମ୍ବାଦଳା ବନପାଳ ପ୍ରକାଶ କରିଛନ୍ତି।

## ଅରବିନ୍ଦନଗର ରାସ୍ତା ଶୋଚନୀୟ, ପ୍ରତିକାର ଦାବି

**ବୁଗୁଡ଼ା:୨୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ବୁଗୁଡ଼ା ଏନଏସିର ୱାର୍ଡ ନଂ-୨ ଅନ୍ତର୍ଗତ ଅରବିନ୍ଦ ନଗର-୩ରୁ କେନାଲ ସାହିକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ବହୁ ବର୍ଷ ତଳେ ତିଆରି ହୋଇଥିବା କଂକ୍ରିଟ ରାସ୍ତାଟି ଭାଙ୍ଗିଯାଇ ତାହା ଉପରେ ମାଟି ଜମାଟ ବାନ୍ଧି ଥିବାରୁ ସାମାନ୍ୟ ବର୍ଷାରେ ସେହି ଖାଲଖମା ରାସ୍ତାଟି କାଦରେ ପଚ଼ପଚ଼ ହୋଇଯାଉଛି । ଏନ୍‌ଏସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ସେହି ରାସ୍ତା ଦେଇ କେନାଲ ସାହି ଏବଂ ଅନ୍ୟ ସାହିର ଲୋକେ ଯାତାୟତ କଲାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଏଣୁ ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା

**ଭବାନୀପାଟଣା:୨୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ତରଫରୁ କଳାହାଣ୍ଡି ଜିଲ୍ଲା ପରିଷଦର ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ପାଳନ କରାଯାଇଥିଲା । ଏହି ଅବସରରେ, ଛାତ୍ରଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ, ପୁରୁଣା ବୁସଷ୍ଟାଣ୍ଡ, ଘୋଡାଘାଟ ଛକ, ନୂଆବସଷ୍ଟାଣ୍ଡ, ଜିଲ୍ଲା କାରାଗାର ଦେଇ ଜିଲ୍ଲାପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ସଚେତନତା ଶୋଭାଯାତ୍ରା ପରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଏକ ସଚେତନତା ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ଭିସି ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳାହାଣ୍ଡି ଡଃ ନିବେଦିତା ନାଥ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତନ୍ମୟ କୁମାର ଦରୱାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢି, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ,ଉପ ଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ବିଭାଗ, ପ୍ରଦୀପ କୁମାର ଆଇନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ବକ୍ତା ଭାବେ ଡକ୍ଟର ଉମେଶ ଚନ୍ଦ୍ର ଶତପଥି ଯୋଗଦେଇ ଦୁର୍ନୀତି ନିବାରଣ ସପ୍ତାହ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ । ସମସ୍ତେ ସଚେତନ ହୋଇ ଏକ ସଶକ୍ତ ଓ ବିକଶିତ ରାଷ୍ଟ୍ର ଗଠନ ଦିଗରେ ସେବା ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାର ପୁରସ୍କାର ପ୍ରଦାନ କରାଯାଇଥିଲା । ଅତିରିକ୍ତ ଜିଲାପାଳ ଶ୍ରୀ ଦରୱାନ ଏହି ଅବସରରେ ନାଗରିକମାନଙ୍କ ପାଇଁ ସାଧୁତାର ସପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ ଏଥିରେ ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢି ସହଯୋଗ କରିଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ସମସ୍ତଙ୍କୁ ଧାନ୍ୟବାଦ ଅର୍ପଣ କରିଥିଲେ ।

**Affidavit**

By virtue of an affidavit sworn before Executive Magistrate, Rajnagar, vide affidavit No. 8110,date-16-10-2025.I Sasmita Malik,D/O- Ratnakar Malik, W/O- Sukanta Malik, Vill/P.O.- Sahira, P.S-Aul, Dist- Kendrapara, State- Odisha, pin-754215, declare that, I have changed my name from Swati Malik to Sasmita Malik. Henceforth, I shall be known as Sasmita Malik for all purposes.

S/d-
Sasmita Malik.

**Affidavit**

By virtue of an affidavit sworn before Executive Magistrate, Rajnagar, vide affidavit No.8287, date- 29-10-2025.I Sujata Pradhan,W/O- Sandeep Kumar Pradhan, Vill-Badaolara,Post-Bhatapada, P. S. Rajnagar, Dist- Kendrapara, State-Odisha, PIN- 754246,declare that, I have changed my minor daughter's name from Smruntirani Pradhan to Srutirani Pradhan. Henceforth, she shall be known as Srutirani Pradhan for all purposes.

S/d-
Sujata Pradhan.

## ଗାନ୍ଧୀ ଜୟନ୍ତୀ ବିଶେଷାଙ୍କ ଲୋକାର୍ପଣ

**ବୈଶିଙ୍ଗା:୨୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ସ୍ୱର୍ଗତ ଭଗବାନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆମ ପରିବାର ଆମ ପଞ୍ଚାୟତ' ପତ୍ରିକାର ଗାନ୍ଧୀ ଜୟନ୍ତୀ ବିଶେଷାଙ୍କ ସଂଖ୍ୟା ୨୦୨୫ ଲୋକାର୍ପଣ ହୋଇଯାଇଛି । ଏହି ଲୋକାର୍ପଣ ସଭାରେ ଶାନ୍ତନୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଭାବଗ୍ରାହୀ ମହାନ୍ତି, ମୁଖ୍ୟବକ୍ତା ଆଚାର୍ଯ୍ୟ ବିଜୟ ଜୀ ଓ ସମ୍ମାନିତ ଅତିଥି ଭାବରେ ଅନନ୍ତ କୁମାର ସାହୁ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଅକ୍ଷୟ କୁମାର ମିଶ୍ର, ପ୍ରଭାତ ଆଚାର୍ଯ୍ୟ ଓ ଭଗବାନ ମହାପାତ୍ର ପୁତ୍ର ଏହି ସଭାରେ ଯୋଗଦାନ କରିଥିଲେ । ଚକ୍ରଧର ନନା ବେଦ ପାଠରେ ପ୍ରଥମେ ଅତିଥିମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସ୍ୱାଗତ ନୃତ୍ୟ ପରବେଷଣ କରିଥିଲେ ସୁଶ୍ରୀ ତପସ୍ୱିନୀ ପତ୍ରି । ରୁଷାର ଗଛ ମଣିଷ ରବୀନ୍ଦ୍ର ବେହେରାଙ୍କ ଦ୍ୱାରା ଭଜନ ଗାନ ପରେ ସୁଦର୍ଶନ ମହାପାତ୍ର ପତ୍ରିକା ବିବରଣୀ ପାଠ କରିଥିଲେ ପରେ ଅତିଥିମାନଙ୍କ ଦ୍ୱାରା ପତ୍ରିକାର ବିଶେଷତ୍ୱ ଓ ଆଭିମୁଖ୍ୟ ସମ୍ପର୍କରେ ବାର୍ତ୍ତା ପରେ ପତ୍ରିକା ଲୋକାର୍ପଣ ହୋଇଥିଲା । ଶେଷରେ ଡାକ୍ତର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ମହିଳା ମହାବିଦ୍ୟାଳୟରେ ଦୁର୍ନୀତି ସପ୍ତାହ



**କେନ୍ଦୁଝର:୨୯।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବୁଧବାର ଏକ ଶପଥ ପାଠ ସଭା ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ଚିତ୍ତରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ କେନ୍ଦୁଝରର ଦୁର୍ନୀତି ନିବାରଣ ଅଧିକାରୀ ତଥା ଡିଏସପି ସୁଧାଂଶୁ ଶେଖର ପୂଜାରୀ, ସମ୍ମାନିତ ଅତିଥି ଇନ୍ସପେକ୍ଟର ଉଲୁପୀ ବେହେରା ଓ ସବ୍ ଇନ୍ସପେକ୍ଟର ସୁଶାନ୍ତ କୁମାର ସେଠୀ ପ୍ରମୁଖ ଯୋଗଦେବା ସହ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣ ଶିକ୍ଷକ ବୃନ୍ଦ ଓ ଛାତ୍ରୀମାନଙ୍କୁ ନିଷ୍ଠାର ସହ କାର୍ଯ୍ୟପାଳନ ନିମନ୍ତେ ଶପଥ ପାଠ କରାଇଥିଲେ । ଅତିଥିମାନେ କହିଥିଲେ ଯେ ସମସ୍ତେ ମିଶି ଦୁର୍ନୀତି ରୋକିବାରେ ସଚେତନ ହେଲେ ଏକ ସ୍ୱଚ୍ଛ ଉତ୍ତରଦାୟୀ ସମାଜ ଗଠନ ହେଇପାରିବ । ଏହି ସଭାରେ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପିକା ଡ.ନିବେଦିତା ଦାସ । ଶେଷରେ ଅଧ୍ୟାପିକା ଗୀତାଞ୍ଜଳି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରତ ଆକାଶର ଉଜ୍ଜ୍ୱଳ ଜ୍ୟୋତିଷ୍କ : ପ୍ରଚାରକ ଅନନ୍ତ ମିଶ୍ର

**ସାକ୍ଷୀଗୋପାଳ:୨୯।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ପୁରୀ ଜିଲ୍ଲା ସଂସ୍କୃତି ଭବନରେ ସତ୍ୟବାଦୀ ସପ୍ତସଖା ଗୋଷ୍ଠୀର ଏକନିଷ୍ଠ କର୍ମଯୋଗୀ ଉତ୍କଳ ଦଧୀଚି ପ୍ରଚାରକ ଅନନ୍ତ ମିଶ୍ରଙ୍କ ୧୪୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ମନୋରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ପ୍ରଥମ ଅଧିବେଶନରେ ଡକ୍ଟର ହେମନ୍ତ କୁମାର ଛୋଟରାୟ ପୌରୋହିତ୍ୟ କରିଥିଲେ । ଓଡ଼ିଶାର ପ୍ରଖ୍ୟାତ ସାହିତ୍ୟିକ ତଥା ପିତାମହ ଭୀଷ୍ମ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉଦ୍‌ଘାଟନୀ ଭାଷଣରେ ଅତ୍ୟନ୍ତ ଦୁଃଖରେ କହିଥିଲେ ଯେ, ଏ ଓଡ଼ିଆ ଜାତି ପ୍ରଚାରକ ଅନନ୍ତଙ୍କୁ ଭୁଲିଯାଉଛି । ସରକାରୀ ଅବହେଳା ଆଦୌ ଗ୍ରହଣୀୟ ନୁହେଁ । ତାଙ୍କ ପାଇଁ ଆମର ହୃଦୟ ଖୋଲିଦେବା ଦରକାର । ମୁଖ୍ୟବକ୍ତା ଭାବରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଯୋଗଦେଇ କହିଥିଲେ ପ୍ରଚାରକ ଅନନ୍ତ ମିଶ୍ର ଥିଲେ ସମଗ୍ର ଓଡ଼ିଶାର ଦର୍ପଣ । ସେ ସମସ୍ତଙ୍କର ଆଖି ଖୋଲିଦେଇଥିଲେ । ସେ ଥିଲେ କୋଟି ଓଡ଼ିଆଙ୍କର ପ୍ରାଣର ପ୍ରାଣ । ପ୍ରଚାରକ ଅନନ୍ତ ନଥିଲେ ସତ୍ୟବାଦୀଯୁଗର ପ୍ରଚାର ସମ୍ଭବ ହୋଇ ନ ଥାଆନ୍ତା । ମୁଖ୍ୟବକ୍ତା ଭାବରେ ଡ.ଶକୁନ୍ତଳା ବଳିଆରସିଂହ କହିଥିଲେ ପ୍ରତିଜ୍ଞା ପୀଠରେ ହେଉକି ବକୁଳବନରେ ହେଉ, କାହିଁକି ଏପରି ନିସ୍ୱାର୍ଥୀ ମହାମାନବଙ୍କର ମୂର୍ତ୍ତି ହେଉନାହିଁ । ଅଭ୍ୟର୍ଥନା ଅଧ୍ୟକ୍ଷ ଭାବରେ ପୁରୀର ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଅତ୍ୟନ୍ତ କ୍ଷୋଭର ସହିତ କହିଲେ ଯେ ଏପରିଜଣେ ମହାପୁରୁଷ ଥିଲେ ଯିଏ ନିଜର ଘରବାଡ଼ି ବିକି ବିଚ୍ଛିନ୍ନାଞ୍ଚଳରେ ଭାଷା ସାହିତ୍ୟର ସୁରକ୍ଷା କରିବା ସହିତ ବିଦ୍ୟାଳୟ ଗଠନ କରିଥିଲେ । ବନବିଦ୍ୟାଳୟର ସେ ଥିଲେ ପୃଷ୍ଠପୋଷକ କର୍ମୀ, ଶିକ୍ଷକ ନିଯୁକ୍ତି କରିବାଠାରୁ ଆରମ୍ଭ କରି ଉତ୍କଳ ସମ୍ମିଳନୀର ଅବୈତନିକ ପ୍ରଚାରକ ଭାବରେ ସାରା ଜୀବନକୁ ଯିଏ ତଳିତଳାନ୍ତ କରିଥିଲେ, ତାଙ୍କ ପାଇଁ ମୂର୍ତ୍ତିଟିଏ ନ ହେବା ଦୁଃଖର କଥା । ସରକାରୀ ସ୍ତରରେ ପାଳନ ହେବା ପାଇଁ ମୁ ନିବେଦନ କରିବି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବରେ ହରପ୍ରିୟା ଦାଶ, ବିଶିଷ୍ଟ ଅତିଥି ଡ.ବଳରାମ ଦାଶ, ବରିଷ୍ଠ ଶିକ୍ଷାବିତ୍ କାହ୍ନୁଚରଣ ପ୍ରଧାନ ଯୋଗଦେଇ କହିଲେ ସାହିତ୍ୟ ହେଉଛି ଗୋଟିଏ ଜାତିର ମେରୁଦଣ୍ଡ । ଏଥିରେ ସହଯୋଗ କରିଥିଲେ କବି ବିଜୟ କୁମାର ପରିଡ଼ା, ନବଘନ ଶତପଥୀ, ଆଶାଲତା ପ୍ରଧାନ, ହରପ୍ରିୟା କର, ମନୋରମା ଛାଟୋଇ, ଶିବାଶିଷ ସାହୁ, ରାଜେଶ ଭୋଇ, ଶିବଶମ୍ଭୁ ମାଛୁଆ, ଦୀନବନ୍ଧୁ ପ୍ରଧାନ, ଦୀପକ ସ୍ୱାଇଁ, ମିଶନ ପଲାଇ ପ୍ରମୁଖ । ପରିଶେଷରେ ଅନୁଷ୍ଠାନର ସମ୍ପାଦକ ପଣ୍ଡିତ ବିଜୟ କୁମାର ଛାଟୋଇ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ସତର୍କତା ଜାଗରଣ ସପ୍ତାହ**
27 ଅକ୍ଟୋବର ଠାରୁ 2 ନଭେମ୍ବର 2025

**"ସତର୍କତା: ଆମର ମିଳିତ ଦାୟିତ୍ୱ"**

**➤ ଉପଭୋକ୍ତାମାନଙ୍କୁ ନିବେଦନ ➤**

- ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ ।
- ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠର ରସିଦ୍/ଟିକଟ ମାଗି ନିଅନ୍ତୁ ।
- ରେଳବାଇର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂଯୁକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ ।
- ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ । ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଲଗ୍ନ ହେବା ଅନିବାର୍ଯ୍ୟ ଅଟେ ।
- ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଜଉମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍-ଏ, ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ । ଲଫାଫା ଉପରେ "ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧିନରେ ଅଭିଯୋଗ" କିମ୍ବା "PIDPI" ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ ।
- ଯଦି ଆପଣଙ୍କ ନିକଟରେ ରେଳବାଇରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ.: 8455885031କୁ ଫୋନ କରି ସୂଚନା ଦେଇପାରିବେ ।

ସତର୍କତା ହେଲ୍ପଲାଇନ୍ ନଂ. 8455885031
ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-727/O/25-26

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର 30th October, 2025 Thursday RNI Regd. No. ODIODI/2006/23033 Postal Regd. No. : BN/169/13-15

## ଅତୀତର ସ୍ମୃତିଚାରଣ

ସେଦିନ ପତ୍ନୀଦେବୀ ଖୁବ୍ ଅଭିମାନଭରା ଗଳାରେ ପତିଦେବଙ୍କୁ କହିଲେ- ତମେ ମତେ ଆଉ ଆଗଭଳି ଭଲ ପାଉନ ! ବାହା ପୂର୍ବର କଥା ଥରେ ମନେ ପକାଇଲ ? ଆମ ପଡ଼ିଶା ଘର ଛାତ ଡେଇଁକି ତମେ ଆମ ଘରକୁ ଆସୁଥିଲ ମନେ ନାହିଁ ? ସେ ମନ ତମର କୁଆଡ଼େ ଗଲା ?

ପତିଦେବ ଏ ଅଭିଯୋଗ ଶୁଣିବା ପରେ କହିଲେ- ଏବେ ଭାବୁଛି ସେତେବେଳେ ଛାତ ଡେଇଁବାବେଳେ ମୁଁ ସେଠୁ ଗଳି ନପଡିଲି କାହିଁକି !

ହେଲ୍‌ଥ



ଟନିକ୍

# ବର୍ଷା ଯୋଗୁ ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟି-୨୦ ବାତିଲ



**ନୂଆଦିଲ୍ଲୀ,୨୯।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମୁକାବିଲା କାନବେରାରେ ବର୍ଷା ଯୋଗୁ ଧୋଇ ହୋଇଯାଇଛି। ତେବେ ଆଜିର ମ୍ୟାଚ୍‌ରେ ଭାରତ ପାଇଁ ବଡ଼ ଆଶ୍ୱସ୍ତି ଖବର ହେଉଛି ସୂର୍ଯ୍ୟକୁମାର ଓ ଶୁଭମନ ଗିଲ୍‌ଙ୍କ ପ୍ରଦର୍ଶନ। ଭାରତୀୟ ଟି-୨୦ ଟିମ୍‌ର ଅଧିନାୟକ ସୂର୍ଯ୍ୟକୁମାର ଓ ଉପଅଧିନାୟକ ଶୁଭମନ ଗିଲ୍ ଜବରଦସ୍ତ ବ୍ୟାଟିଂ କରିଥିଲେ। ସୂର୍ଯ୍ୟକୁମାର ଯାଦବ ୨୪ ବଲରେ ୩ ଚୌକା ଓ ୨ଟି ଛକା ମାରି ୩୯ ରନ୍ କରିଥିଲେ ଓ ଶୁଭମନ ଗିଲ୍ ୨୦ ବଲରେ ୪ ଚୌକା ଓ ଗୋଟିଏ ଛକା ସାହାଯ୍ୟରେ ୩୭ ରନ୍ କରି ଅପରାଜିତ ରହିଥିଲେ। ଖେଳ ବନ୍ଦ ହେବା ପୂର୍ବରୁ ଗିଲ୍ ଏବଂ ସୂର୍ଯ୍ୟକୁମାର ଯାଦବ ଟିମ୍ ପାଇଁ ୬୨ ରନ୍ ଯୋଡ଼ିଥିଲେ।

କାନବେରାରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟି-୨୦ ମ୍ୟାଚ୍ ବର୍ଷା ଯୋଗୁଁ ମ୍ୟାଚ୍ ବାଲିତ ହୋଇଛି। ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବର୍ଷା ଯୋଗୁଁ ଦୁଇଥର ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। ପ୍ରଥମେ ପାଞ୍ଚ ଓଭର ପରେ ମ୍ୟାଚ୍ ବନ୍ଦ କରାଯାଇଥିଲା। କିନ୍ତୁ ଦୁଇ ଓଭର କମ୍ ହେବା ପରେ ପୁଣି ଥରେ ଖେଳ ଆରମ୍ଭ ହୋଇଥିଲା। ଯେତେବେଳେ ମ୍ୟାଚ୍ ପୁଣି ଆରମ୍ଭ ହୋଇଥିଲା, ୧୮ ଓଭର ଖେଳିବାକୁ ନିଷ୍ପତ୍ତି ନିଆଯାଇଥିଲା। ଭାରତ ୯.୪ ଓଭର ବ୍ୟାଟିଂ କରି ମୋଟ ୯୭ ରନ୍ କରିଥିଲା। ୧୯ ରନ୍ କରି ଅଭିଷେକ ଶର୍ମା ଆଉଟ୍ ହୋଇଥିଲେ। ସିରିଜର ଦ୍ୱିତୀୟ ମୁକାବିଲା ଶୁକ୍ରବାର ଅକ୍ଟୋବର ୩୧ରେ ମେଲବର୍ଣ୍ଣରେ ଖେଳାଯିବ।

# ସହରାଞ୍ଚଳରେ ମିଟର ଅନୁଯାୟୀ ଭଡ଼ା କେବେ ?

**ଭୁବନେଶ୍ୱର,୨୯।୧୦: ତଥ୍ୟ**

ସହରାଞ୍ଚଳ ପରିବହନ ବ୍ୟବସ୍ଥାକୁ ସଜାଡିବାପାଇଁ ସରକାର ଏକାଧିକ ଇ-ବସ୍ କିଣୁଥିବାବେଳେ ସହରରେ ଚଳାଚଳ କରୁଥିବା ଅଟୋ, ଟ୍ୟାକ୍ସି ଆଦିରେ ମିଟର ସେବା ଉପରେ କିନ୍ତୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ମିଟର ନଥିବା ଅଟୋ ଓ ଟ୍ୟାକ୍ସିଗୁଡିକ ଲୋକଙ୍କ ଠାରୁ ମନଇଚ୍ଛା ଦର କଷିବାରେ ଲାଗୁଛନ୍ତି।

ଅଟୋ ପଞ୍ଜିକରଣ ପାଇଁ ମିଟର ବାଧ୍ୟତା ମୂଳକ। କମ୍ପାନୀମାନେ ଅଟୋ ବିକ୍ରି ସମୟରେ ଏହା ସହିତ ମିଟରଟିଏ ବିକ୍ରି କରୁଛନ୍ତି। ଏହି ମିଟର ଅନୁସାରେ ଯାତ୍ରୀମାନେ ଭଡା ଦେବାକଥା। ଅଟୋ ଓ ଟ୍ୟାକ୍ସିଗୁଡିକ ମିଟର ଜରିଆରେ କେତେ ଅର୍ଥ ଆଦାୟ କରିବେ ତାହା ସରକାର ସ୍ଥିର କରିବାକଥା । ହେଲେ ସେଭଳି କିଛି ହେଉନାହିଁ। ପଞ୍ଜିକରଣ ସମୟରେ ପରିବହନ ବିଭାଗର ବାବୁଙ୍କ ଆଗରେ ଅଟୋରେ ମିଟର ଲଗାଯାଉଛି । ପରେ ସଂଗେ ସଂଗେ ତାହାକୁ ଖୋଲି ରଖି ଦିଆଯାଉଛି । ଥରେ ପଞ୍ଜିକରଣ ହୋଇଗଲେ ଅଟୋରେ ମିଟର ଲାଗିଛି କି ନାହିଁ ତାହାକୁ କେହି ଯାଞ୍ଚ କରୁନାହାନ୍ତି।

ଏଥିଯୋଗୁଁ ରାଜଧାନୀ ସମେତ ରାଜ୍ୟ ଅନ୍ୟ ସହରଗୁଡିକରେ ଅଟୋଚାଳକମାନେ ମନଇଚ୍ଛା ଦର କଷୁଛନ୍ତି । ତିନି ଚାରିକିଲୋମିଟର ଦୂରକୁ ୭୦ ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଦାବି କରୁଛନ୍ତି । ଯାତ୍ରୀ ଅଟୋରେ ବସିବାମାତ୍ରେ ୨୦ ଟଙ୍କାରୁ ଆରମ୍ଭ ହେଉଛି। ରାତି ହେଲେ ଭଡା ବଢୁଛି। ଯେହେତୁ ମିଟର ନାହିଁ ତେଣୁ ଯାତ୍ରୀମାନେ କାନମୁଣ୍ଡା ଆଉଁଷି ଅଟୋରେ ଯିବାକୁ ବାଧ ହେଉଛନ୍ତି।

ସହରାଞ୍ଚଳରେ ଏବେ ଘରୋଇ କ୍ୟାବ୍ ସହିତ ସରକାରୀ ପରିଚାଳିତ ଓଡିଶା ଯାତ୍ରୀ ସେବା ଚାଲିଛି। ତେବେ ଏହି କ୍ୟାବ୍ ଗୁଡିକ ଅଟୋଷ୍ଟାଣ୍ଡ ଆଖପାଖରୁ ଯାତ୍ରୀ ଉଠାଇଲେ ହାତାହାତି ପର୍ଯ୍ୟନ୍ତ କଥା ଯାଉଛି। ତେଣୁ ଯେଉଁମାନେ ଯାତ୍ରୀ ଅଟୋରେ ଯାତାୟତ କରୁଛନ୍ତି ସେମାନେ ମିଟର ନଥିବା ଯୋଗୁଁ ଶୋଷଣର ଶିକାର ହେଉଛନ୍ତି।

ଖୋଦ ରାଜ୍ୟ ରାଜଧାନୀରେ ପ୍ରିପେଡ୍ ଟ୍ୟାକ୍ସି ବ୍ୟବସ୍ଥା ନଥିବା ଏବଂ ଅଟୋରେ ମିଟର ନଥିବାରୁ ସାଧାରଣ ଲୋକେ ଅଧିକ ପଇସା ଦେବା ସହିତ ଗାଡିଚାଳକମାନଙ୍କ ଦୁର୍ବ୍ୟବହାରର ଶିକାର ମଧ୍ୟ କେତେକ ସମୟରେ ହେଉଛନ୍ତି । ଉଭୟ ପରିବହନ ଓ ପୁଲିସ୍ ବିଭାଗ ଏ ଦିଗରେ ଏକ ପ୍ରକାର



ଆଖିବୁଜି ଦେଇଛି। ଅନ୍ୟ ରାଜ୍ୟଭଳି ରେଳଷ୍ଟେସନ, ବିମାନବନ୍ଦର ଓ ବସଷ୍ଟାଣ୍ଡରୁ ପୁଲିସ୍ ଦ୍ୱାରା ପରିଚାଳିତ ପ୍ରିପେଡ୍ ଟ୍ୟାକ୍ସି ଚଳାଚଳ ଯୋଜନା ଏକ ପ୍ରକାର ନାଳିଫିତା ତଳେ ରହିଯାଇଛି। ସେହିଭଳି ରାଜଧାନୀରେ ମହିଳାମାନଙ୍କ ସୁରକ୍ଷିତ ଯାତ୍ରାପାଇଁ ବହୁ ଆଡମ୍ବରରେ ଆରମ୍ଭ ହୋଇଥିବା ପିଙ୍କ୍ ଅଟୋ ଯୋଜନାର ମଧ୍ୟ ଅପମୃତ୍ୟୁ ଘଟିଛି। ରାସ୍ତାଘାଟରେ ଆଉ ପିଙ୍କ୍ ଅଟୋଟିଏ ଦେଖିବାକୁ ମିଳୁନାହିଁ । ଫଳରେ ମହିଳାମାନେ ବାଧହୋଇ ଅନ୍ୟ ଅଟୋରେ ସମସ୍ତଙ୍କ ସହିତ ଯାତ୍ରା କରିବାକୁ ବାଧ ହେଉଛନ୍ତି । ସେଠାରେ ମଧ୍ୟ ଅଟୋଚାଳକଙ୍କ ଦାବି ମୁତାବକ ଅର୍ଥ ଗଣିବାକୁ ପଡୁଛି। ତେବେ ଅଟୋରେ ମିଟର ବ୍ୟବସ୍ଥା କାହିଁକି ସଫଳତାର ସହ କାର୍ଯ୍ୟକାରୀ ହେଉନାହିଁ ତାହାର ଉତ୍ତର କିନ୍ତୁ କାହାରି ପାଖରେ ନାହିଁ।

ନଗର ଉନ୍ନୟନ ବିଭାଗ ସହରାଞ୍ଚଳରେ ଆମ ବସ୍ ପାଇଁ ଭଡା ଧାର୍ଯ୍ୟ କରିଛନ୍ତି। ଏଥିରେ ଛାତ୍ରଛାତ୍ରୀଙ୍କ ପାଇଁ ବି ରିହାତି ବ୍ୟବସ୍ଥା ରହିଛି । ଅବଶ୍ୟ ଏହା ସରକାରଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧିନ । କିନ୍ତୁ ସହରାଞ୍ଚଳରେ ଚଳାଚଳ କରୁଥିବା ଅନ୍ୟାନ୍ୟ ଯାତ୍ରୀବାହୀ ଯାନଗୁଡିକ ପାଇଁ ଭଡା ଧାର୍ଯ୍ୟ କରିବାକୁ ସାଧାରଣରେ ମତପ୍ରକାଶ ପାଉଛି । କିଲୋମିଟର ପିଛା ହେଉ କିମ୍ବା ମିଟର ଅନୁଯାୟୀ ହେଉ, ସରକାର ଭଡା ଧାର୍ଯ୍ୟ କଲେ ସାଧାରଣ ଲୋକେ ଏଥିରେ ଉପକୃତ ହୋଇପାରନ୍ତେ।

# ଶେଷ ଦିନ କାଳୀପୂଜା ଭସାଣୀରେ ୧୮ ମେଢ଼ ବିସର୍ଜନ

**ଯାଜପୁର,୨୯।୧୦**

**ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ପ୍ରସିଦ୍ଧ କାଳୀପୂଜା ୭ଦିନ ବ୍ୟାପି ଚାଲିଥିବା ବେଳେ ବୁଧବାର ଦିନ ୨ୟ ଭସାଣି ଉତ୍ସବ ଶେଷ ହୋଇଯାଇଛି । ଏହି ଭସାଣୀ ଶୋଭାଯାତ୍ରାରେ ମେଢ଼ ଗୁଡିକ ଗରିଆପୁରଛକ ଦେଇ ଦେବୀଗଡ଼ାକୁ ଆସିଥିଲେ। ଏହି ଭସାଣୀ ଉତ୍ସବ ରୋଷଣୀରେ ସମଗ୍ର ସହର ପ୍ରକମ୍ପିତ ହୋଇଥିଲା। ଦୁଇଦିନ ଧରି ତୁହାକୁ ତୁହା ବର୍ଷା ଲାଗି ରହିଛି। ବୁଧବାର ପୂର୍ବାହ୍ନରେ ଦୀର୍ଘ ସମୟ ଧରି ବର୍ଷା ଲାଗି ରହିଥିଲା। ବର୍ଷାକୁ ଖାତିର ନ କରି ମେଢ଼ ଗୁଡ଼ିକ ମଣ୍ଡପରୁ ବାହାରି ଆସିଥିଲେ। ସହରର ଗରୁଡ଼କାଳୀ, ବେଲାରପୁର, ଦାମୋଦରପୁର, କୁଆଁସରପୁର, ବେପାରୀ ବରହମପୁର, ଶିତଳେଶ୍ୱର, କଲ୍ୟାଣପୁର, ବିରଜା ହାଇସ୍କୁଲ ଛକ, ଯୋଡ଼ିକୁଅ, ବିରଜା ହାଟ, ଖଣ୍ଡେଶ୍ୱର, ନାରାୟଣ ଛକ, ଗରିଆପୁର, ବିରଜା ସିନେମା ହଲ୍ ରୋଡ଼, ସାନବଜାର, ଅମ୍ବିକାଇ, ତେନ୍ତୁଳିମାଳ ପ୍ରମୁଖ ପୂଜା ମଣ୍ଡପରୁ ମା' ଶ୍ୟାମାକାଳୀ ଓ ଲକ୍ଷ୍ମୀ ନାରାୟଣ ପୁଲିସ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସମୟ ମୁତାବକ ବାହାରି ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ୨ୟ ପର୍ଯ୍ୟାୟରେ ପ୍ରାୟ ୧୮ଟି ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣଙ୍କ ମୂର୍ତ୍ତୀ ବିସର୍ଜନ ହୋଇଥିବା ଦେଖିବାକୁ ମିଳିଛି । ଏହି ଭସାଣୀ ସକାଳ ୯ଘଟିକା ସମୟରୁ ଆରମ୍ଭ ହୋଇ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ଚାଲିଥିଲା । ୨ୟ ଦିନରେ ଯାଜପୁରର ନାରାୟଣଛକ, ଗରିଆପୁର, ସାନବଜାର, ବିରଜା ସିନେମାହଲ, ଶୀତଳେଶ୍ୱର, ଅମ୍ବିକାଇ, ଯୋଡିକୁଅ, ସଂସ୍କୃତ ଟୋଲ, ତେନ୍ତୁଳିମାଳ, ଚଣ୍ଡେଶ୍ୱର, କୁଆଁସରପୁର, ବିରଜା ହାଇସ୍କୁଲ ଛକ, ବେଲାରପୁର ଭଳି ପ୍ରସିଦ୍ଧ କାଳୀ ଓ ଲକ୍ଷ୍ମୀନାରାୟଣ ମେଢଗୁଡ଼ିକ ତାଙ୍କ ମଣ୍ଡପ ଠାରୁ ବାହାରି ଦେବୀଗଡ଼ା ପର୍ଯ୍ୟନ୍ତ ବିଭିନ୍ନ ବ୍ୟାଣ୍ଡପାର୍ଟି, ପାରମ୍ପାରିକବାଦ୍ୟ, ସିଂହବାଜା, ଢ଼ୋଲ, ଘଂଟ ବାଦ୍ୟ ଧ୍ୱନୀରେ ସମଗ୍ର ଯାଜପୁର ଆଜି କମ୍ପି ଉଠିଥିଲା। ବିଶେଷ କରି ଏହି ଭଷାଣି ଶୋଭଯାତ୍ରାରେ ପାରମ୍ପାରିକ ବାଦ୍ୟ ଓ



ନୃତ୍ୟର ତାଳେ ତାଳେ ଦର୍ଶକମାନେ ଝୁମୁଥିବାର ଦେଖାଯାଇଥିଲା। ଏଥିସହିତ ବିଭିନ୍ନ ପ୍ରକାର ଆକର୍ଷଣୀୟ ଆଲୋକ ସାଜସଜ୍ଜା ମଧ୍ୟ ଦେଖିବାକୁ ମିଳିଥିଲା । ଏହି ଭସାଣୀ ଉତ୍ସବରେ ଅଘୋରି ନୃତ୍ୟ ପରିବେଷଣ ଦର୍ଶକମାନଙ୍କ ମନମୋହିଥିଲା। ଚଳିତ ବର୍ଷ ଶାନ୍ତି କମିଟିର ସଦସ୍ୟମାନେ ଉପସ୍ଥିତ ରହି ଭଷାଣି ଉତ୍ସବକୁ ଶୃଙ୍ଖଳାସହ ସମାପନ କରିଥିବାବେଳେ ବିସର୍ଜନ ସମୟରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସହରର ସମସ୍ତ ସ୍ଥାନରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ମନ୍ଥା ଛାଡ଼ିଗଲା...

ଅଞ୍ଚଳରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଛି। ଏଠି ବି ଚାଷୀ ପାଇଁ କାଳ ସାଜିଛି ବର୍ଷା, ପବନ। ଖଲ୍ଲିକୋଟରେ ବି ସମାନ ଅବସ୍ଥା ଦେଖିବାକୁ ମିଳିଛି। ଚାଷୀଙ୍କ କହିବା କଥା ହେଲା ଏବର୍ଷ ଭଲ ଫସଲ ହୋଇଥିଲା। ଭଲ ଅମଳ ଆଶା ରଖିଥିଲେ ସମସ୍ତେ। କିନ୍ତୁ ଅମଳର କେଇ ଦିନ ପୂର୍ବରୁ ସୁନାର ଫସଲକୁ ଉଜାଡି ଦେଇଛି ବାତ୍ୟା।

ସୁବର୍ଣ୍ଣପୁର ଜିଲ୍ଲାରେ ବି ବର୍ଷା ସହ ପବନ ପାଇଁ ଚାଷ ବିଶେଷ ପ୍ରଭାବିତ ହୋଇଛି। ପାଣିରେ ଲୋଟୁଛି ସୁନାର ଫସଲ। ପବନ ପାଇଁ ଧାନ ଗଛଗୁଡିକ ଜମିରେ ଶୋଇ ଯାଇଛି। ଗଜପତି, କୋରାପୁଟ, ନବରଙ୍ଗପୁରର ଅନେକ ସ୍ଥାନରେ ବି ଫସଲ ନଷ୍ଟର ଚିତ୍ର ସାମ୍ନାକୁ ଆସିଛି।

ସାମୁଦ୍ରିକ ବାତ୍ୟା ମନ୍ଥା ପ୍ରଭାବ ରାଇକିଆ ବ୍ଲକରେ ମଧ୍ୟ ଦେଖିବାକୁ ମିଳିଛି। ମଙ୍ଗଳବାର ରାତି ସାରା ବର୍ଷା ହୋଇଥିବା ବେଳେ ବୁଧବାର ସକାଳୁ ମଧ୍ୟ ବର୍ଷା ଜାରି ରହିଛି ରାଇକିଆ ବ୍ଲକରେ। ସକାଳ ୭ଟାରେ କନ୍ଧମାଳ ଜିଲା ରାଇକିଆ ବ୍ଲକ ଅନ୍ତର୍ଗତ ରଣବା ପଞ୍ଚାୟତ ଖାରିଗୁଡ଼ା ଘାଟିରେ ଭୂସ୍ଖଳନ ହୋଇ ବଡ଼ବଡ଼ ପଥର ସବୁ ଉଦୟ ଗୌଡ଼ଙ୍କ ଘର ବାରି ସମ୍ମୁଖ ଦୁଆରକୁ ମାଡ଼ି ପଡ଼ିଛି। ତେବେ ପରିବାର ଲୋକେ ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ। ଏ ନେଇ ଘର ଲୋକେ ଭୟଭୀତ ହୋଇ ଯାଇଛନ୍ତି। ଖବର ପାଇ ରାଇକିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ସାହୁ ଅଧିକାରୀ, କର୍ମଚାରୀଙ୍କୁ ସେହି ଗାଁକୁ ପଠେଇ ଥିଲେ। ସେହି ଘର ଲୋକଙ୍କୁ ସ୍କୁଲ ଘରକୁ ଯାଇ ସେଠାରେ ରହିବା ପାଇଁ କହିଥିଲେ। କିନ୍ତୁ ସେ ତାଙ୍କ ସମ୍ପର୍କୀୟଙ୍କ ଛାତ ଘରେ ରହିବେ ବୋଲି କହିଥିଲେ। ବର୍ତ୍ତମାନ ସୁଦ୍ଧା ବର୍ଷା ଜାରି ରହିଥିବା ପୂର୍ବତନ ସରପଞ୍ଚ ଭିକାରୀ ମଲ୍ଲିକଙ୍କଠାରୁ ସୁଚନା ମିଳିଛି।

ଚାଷ କ୍ଷୟକ୍ଷତି ନେଇ ଚାଷୀଙ୍କୁ ମିଳିବ କ୍ଷତିପୂରଣ। ଏଥିପାଇଁ ରିପୋର୍ଟ ପ୍ରସ୍ତୁତ ଚାଲିଛି। ୭୨ ଘଣ୍ଟା ଭିତରେ ରିପୋର୍ଟ ଦେବାକୁ କୁହାଯାଇଛି। ଫସଲ କେତେ ପରିମାଣର ନଷ୍ଟ ହୋଇଛି ତାହା ଆକଳନ ପରେ କ୍ଷତି ପୂରଣ ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଗଂଜାମ ଜିଲ୍ଲାପାଳ।

### ଆତ୍ମଘୋଷିତ ଆଧ୍ୟାତ୍ମିକ...

ତାଙ୍କଠାରୁ ସମ୍ବିତ ୩ରୁ ୪ କୋଟି ଟଙ୍କା ଠକି ନେଇଛନ୍ତି । ଏଥି ସହିତ ତାଙ୍କ ଭୂସମ୍ପତ୍ତିର କେତେକ ନଥିପତ୍ର ମଧ୍ୟ ସମ୍ବିତ ପାଖରେ ରଖିଛନ୍ତି । ସମ୍ବିତ ଏତଲାକାରୀଙ୍କୁ ଘରେ ଅଟକ ରଖିଥିବାବେଳେ ପରିବାର ସଦସ୍ୟ ତାଙ୍କୁ ଉଦ୍ଧାର କରିଥିଲେ । ଏତଲାକାରୀ ସମ୍ବିତଙ୍କ କବଜାରେ ଥିବାବେଳେ ତାଙ୍କ ବ୍ୟାଙ୍କ ଖାତାରୁ ବିନା ଅନୁମତିରେ ସମ୍ବିତଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଟ୍ରାନ୍ସଫୋର କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା । ଲିଖିତ ଅଭିଯୋଗ ସହିତ ଏତଲାକାରୀଙ୍କ ବ୍ୟାଙ୍କ ଖାତା ଓ ସମ୍ବିତଙ୍କ ବ୍ୟାଙ୍କ ଖାତାର ସବିଶେଷ ବିବରଣୀ ପୋଲିସ ନିକଟରେ ଦାଖଲ କରାଯାଇଥିଲା । ଶ୍ରୀ ଖଣ୍ଡେଲୱାଲଙ୍କ ଲିଖିତ ଅଭିଯୋଗ ପରେ ମର୍କତନଗର ଥାନାରେ ମେ ୨୩ରେ ଏତଲା ପଞ୍ଜୀକରଣ କରାଯାଇଥିଲା । ମେ ୨୪ ରେ ପୋଲିସ ସମ୍ବିତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆବେଦନକାରୀଙ୍କ ତରଫରୁ ଆଇନଜୀବି ବିଭୂତି ଭୂଷଣ ଚୌଧୁରୀ ମାମଲା ପରିଚାଳନା କରୁଛନ୍ତି।

### ୧୦୬୧ ମହିଳାଙ୍କ...

ମିଳିଥିବା ତଥ୍ୟ ଅନୁସାରେ, ଆସନ୍ନ ପ୍ରସବା ୮୮୦୪ ଜଣ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶ୍ରୟ ଦିଆଯିବା ସହ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରେ ୧୦୬୧ ଜଣ ମହିଳା ନିରାପଦ ମାତୃତ୍ୱ ଲାଭ କରିଛନ୍ତି। ଏଥିରେ ବାଲେଶ୍ୱର, ଗଜପତି, ଗଞ୍ଜାମ, ଜଗତସିଂପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରପଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା ଜିଲ୍ଲାର ମହିଳା ଅଛନ୍ତି।

ସେହିପରି କ୍ଷେତ୍ରସ୍ତରୀୟ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଆବଶ୍ୟକୀୟ ବଟିକା, ଓଆରଏସ ଦ୍ରବଣ, ସାପକାମୁଡ଼ା ଇଞ୍ଜେକସନ, ବ୍ଲିଚିଂ ପାଉଡର ପ୍ୟାକେଟ୍ ମହଜୁଦ ରଖାଯାଇଛି। ଏହାସହ ଆବଶ୍ୟକୀୟ ଜୀବନ ରକ୍ଷାକାରୀ ଓ ଜରୁରୀକାଳୀନ ଔଷଧ, ଅକ୍ସିଜେନ ସିଲିଣ୍ଡର, ରକ୍ତ ଭଣ୍ଡାରରେ ରକ୍ତ ମହଜୁଦ ରଖାଯିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାନଙ୍କରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହାସହ ଏସବୁ ସମ୍ବନ୍ଧରେ ତୁରନ୍ତ ତଥ୍ୟ ସଚେତନତା ପ୍ରସାରଣ ବ୍ୟବସ୍ଥା କରାଯାଇଛି।

### ଲାଞ୍ଚ ନେଇ...

ନୋଟିସ୍ ମଧ୍ୟ ପଠାଯାଇଥିଲା। ନୋଟିସ୍ ପଠାଇଥିଲେ ସହକାରୀ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଅଧିକାରୀ ଉମାକାନ୍ତ ମହାକୁଡ। ଏହି ନୋଟିସ୍‌ରେ ତାଙ୍କୁ ୨୩,୬୦୦ ଟଙ୍କା ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତା'ମଧ୍ୟରେ ଟିକସ ଅର୍ଥ ସହିତ ଜରିମାନା ଓ ସୁଧ ଅର୍ଥକୁ ସାମିଲ କରାଯାଇଥିଲା।

ନୋଟିସ୍ ପାଇବା ପରେ ବ୍ୟବସାୟୀ ଜଣଙ୍କ ସହକାରୀ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଅଧିକାରୀ ଶ୍ରୀ ମହାକୁଡଙ୍କୁ ଭେଟି କେବଳ ଟିକସ ଅର୍ଥ ନେବାକୁ ଅନୁରୋଧ କରିଥିଲେ। କିନ୍ତୁ ଶ୍ରୀ ମହାକୁଡ କେବଳ ଟିକସ ଅର୍ଥ ନେବାକୁ ମନା କରି ଦେଇଥିଲେ। ଜରିମାନା ଓ ସୁଧ ଅର୍ଥକୁ କାଟି ଦେବା ପାଇଁ ସେ ୧୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହା ପରେ ବ୍ୟବସାୟୀ ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।

ଯୋଜନା ପ୍ରକାରେ ବ୍ୟବସାୟୀ ଜଣଙ୍କ ଆଜି ଶ୍ରୀ ମହାକୁଡଙ୍କୁ ଭେଟି ୧୨ ହଜାର ଟଙ୍କା ଦେଇଥିଲେ। ସେ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ତାଙ୍କୁ ଧରିଥିଲେ। ଶ୍ରୀ ମହାକୁଡଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଏହା ପରେ ତାଙ୍କ ସହିତ ଜଡିତ ଏକାଧିକ ଠିକଣାରେ ଚଢ଼ାଉ କରିଛି ଭିଜିଲାନ୍ସ। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଏହି ଚଢ଼ାଉ କରାଯାଇଛି।

### ୩୭ ବର୍ଷ ପରେ...

ଶୃଙ୍ଖଳାଗତ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବହିଷ୍କାର କରିଥିଲେ। ପରବର୍ତ୍ତୀ ସମୟରେ କର୍ମଚାରୀ ଜଣକ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ୍)ରେ ଏହି ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ। ୨୦୦୨ରେ କ୍ୟାଟ୍ ବରଖାସ୍ତକୁ ପ୍ରତ୍ୟାହାର କରି ତାଙ୍କୁ ପୁନଃସ୍ଥାପନ ଏବଂ ସମସ୍ତ ସୁବିଧାର ପ୍ରତିପୂରଣ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୨୦୧୭ ମସିହାରେ ବମ୍ବେ ହାଇକୋର୍ଟ କ୍ୟାଟ୍ ଆଦେଶକୁ ବାତିଲ କରିଦେଇଥିଲେ। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ବିଚାରପତି ସଞ୍ଜୟ କାରୋଲ ଏବଂ ପ୍ରଶାନ୍ତ କୁମାର ମିଶ୍ରଙ୍କ ଖଣ୍ଡପୀଠ କହିଛନ୍ତି ଯେ ତଦନ୍ତ ରିପୋର୍ଟରେ ଗୁରୁତର ତ୍ରୁଟି ରହିଛି ଏବଂ ଦୁଇ ଯାତ୍ରୀ ଲାଞ୍ଚ ଅଭିଯୋଗକୁ ସମର୍ଥନ କରିନାହାନ୍ତି। କୋର୍ଟ କହିଛନ୍ତି ଯେ କର୍ମଚାରୀ ଆଉ ଜୀବିତ ନଥିଲେ ମଧ୍ୟ ତାଙ୍କ ପରିବାର ନ୍ୟାୟ ପାଇବା ଉଚିତ।

### ଓଡ଼ିଆ ନାବାଳିକା...

ଅପହରଣ କରାଯାଇଥିଲା। ବାଲେଶ୍ୱର ଅଞ୍ଚଳର ସୌରଭ ଦାସ ନାବାଳିକାକୁ ଅପହରଣ କରି ନେଇଥିବା ନେଇ ନାବାଳିକାର ପରିବାର ଲୋକେ ଅଭିଯୋଗ କରିଥିଲେ। ତାଳଚୁଆ ସାମୁଦ୍ରିକ ଥାନାରେ କେସ ନମ୍ବର ୫୯/୨୦୨୫ରେ ଅପହରଣ ମାମଲା ରୁଜୁ ହୋଇଥିଲା। ଅପହରଣ ପରେ ଯୁବକ ଜଣଙ୍କ ନାବାଳିକାକୁ ନେଇ ମହାରାଷ୍ଟ୍ରର ସୋଲାପୁର ଅଞ୍ଚଳରେ ରଖିଥିଲେ। ପୁଲିସ ସୂଚନା ପାଇ ଚଢାଉ କରି ନାବାଳିକାକୁ ଉଦ୍ଧାର କରିବା ସହିତ ଅପହରଣ କରିଥିବା ଯୁବକଙ୍କୁ ଗିରଫ କରିଥିଲା। ଆଜି ପୂର୍ବ ମାମଲାରେ ପୋକ୍‌ସୋ ଦଫା ଲଗାଯାଇ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି। ନାବାଳିକାଙ୍କୁ ତାଙ୍କ ମାଆଙ୍କୁ ଜିମା ଦିଆଯାଇଛି।

### ଆତ୍ମସମର୍ପଣ କଲେ...

ଅଛନ୍ତି।' ତେବେ ଚଳିତ ମାସ ଆରମ୍ଭରୁ ୨୦୮ ଜଣ ମାଓବାଦୀ ଜଗଦଲପୁରରେ ଆତ୍ମସମର୍ପଣ କରିଥିବା ବେଳେ ଲଗାତାର କିଛି ମାସ ହେବ ମାଓବାଦୀଙ୍କ ଉପରେ ଆଖିବୁଜା ଆକ୍ରମଣ ପରେ ମାଓବାଦୀଙ୍କ ଶିବିରରେ କମ୍ପନ ଦେଖିବାକୁ ମିଳିଛି। ଜାନୁଆରୀ ୨୦୨୫ରୁ ନକ୍ସଲ ବିରୋଧୀ ଅଭିଯାନକୁ ତୀବ୍ରତର କରିଛନ୍ତି ସୁରକ୍ଷାବାହିନୀ। କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲଙ୍କୁ ମୂଳପୋଛ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ସଫଳ ହେବାକୁ ଯାଉଛି। କାରଣ ସୁରକ୍ଷାକର୍ମୀଙ୍କ ଲଗାତାର ଅପରେସନ୍ ଯୋଗୁଁ ମାଓ ସଂଗଠନ ବହୁ ଟପ୍ କ୍ୟାଡରଙ୍କୁ ହରାଇ ସାରିଛି।

### ଓଡ଼ିଶା ଡାକଘର...

ଚେନ୍ନାଇ ଉପରେ ନିର୍ଭରଶୀଳ ଥିବାବେଳେ ବିଏସଏନଏଲର ସିମ୍‌କୁ କାର୍ଯ୍ୟକ୍ଷମ କରିବାପାଇଁ କାହିଁକି ଯେ କୋଲକତା ଉପରେ ନିର୍ଭର କରାଯାଉଛି ତାହା ଅନେକ ଗ୍ରାହକ ବୁଝିପାରୁ ନାହାନ୍ତି । ତୁରନ୍ତ ବିଏସଏନଏଲର ସିମ୍ ଓ ଡାକଘର ସଞ୍ଚୟ ବ୍ୟାଙ୍କ୍‌ର ଏଟିଏମ୍ କାର୍ଡ ବ୍ୟାପାର ଅନ୍ୟ ରାଜ୍ୟର ନିୟନ୍ତ୍ରଣରୁ ଆଣି ଓଡିଶାରେ ରଖିବାପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

# ନୂଆପଡ଼ାରେ ପ୍ରତି ତିନି ଜଣରେ ଜଣେ ଦାଦନ: କଂଗ୍ରେସ

**ଭୁବନେଶ୍ୱର,୨୯।୧୦**

**ଏକ୍ସପ୍ରେସ୍ ନ୍ୟୁଜ୍**

ସବୁଠାରୁ ଦୁଃଖ ଓ ପରିତାପର ବିଷୟ ଏବଂ ଲଜ୍ଜାଜନକ କି ନୂଆପଡ଼ାବାସୀ ଆଜି ମଧ୍ୟ ରୋଜଗାରରୁ ବଞ୍ଚିତ। ତେଣୁ ସରକାର ସେମାନଙ୍କୁ ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟିବାକୁ ବାଧ କରୁଛନ୍ତି ଏବଂ ସେମାନଙ୍କୁ ସରକାର ମଧ୍ୟସ୍ଥିଙ୍କ ଜରିଆରେ ପଠାଇବାର ବ୍ୟବସ୍ଥା ମଧ୍ୟ କରୁଛନ୍ତି। ଯିଏ ବି ସରକାରକୁ ଆସୁଛି ଦାଦନ ସମସ୍ୟାକୁ କମ୍ କରିବା ବା ହଟେଇବା ପରିବର୍ତ୍ତେ ଓଲଟା ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଜରିଆରେ ସରକାର ସେମାନଙ୍କୁ ଦାଦନ ଖଟିବାର ଠିକା ଦେଉଛନ୍ତି। ଏହାକୁ କଂଗ୍ରେସ ଦୃଢ଼ ନିନ୍ଦା କରୁଛି ବୋଲି ନୂଆପଡ଼ାର ଖୁଣ୍ଟିଆ ଭବନ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ଶ୍ରୀମତୀ ସୋନାଲି ସାହୁ ପ୍ରକାଶ କରି କହିଛନ୍ତି। ସେ କହିଛନ୍ତି ଯେଉଁମାନେ ଦାଦନ ଖଟିବାକୁ ଯାଉଛନ୍ତି ସେମାନଙ୍କ ସଂଖ୍ୟା ସରକାରଙ୍କ ପାଖେ ଅଛି ନା ନାହିଁ! ଶ୍ରମ ବିଭାଗ ସେମାନଙ୍କ ସଠିକ୍ ଯାଞ୍ଚ କରିଛି ନା ନାହିଁ। ଦାଦନ ରୋକିବାକୁ ସରକାର କି ପଦକ୍ଷେପ ନେଇଛନ୍ତି? ଶିକ୍ଷାକୁ କାହିଁକି ପ୍ରୋତ୍ସାହନ ଦିଆଯାଉନାହିଁ? ଯେଉଁମାନେ ମଧ୍ୟସ୍ଥି ହୋଇ ଦାଦନ ଖଟିବା ପାଇଁ ଲୋକମାନଙ୍କୁ ଅନ୍ୟ ରାଜ୍ୟକୁ ନେଉଛନ୍ତି ସେମାନଙ୍କୁ ସରକାର ସାମ୍ନାକୁ ଆଣନ୍ତୁ। ୟୁପିଏ ସରକାର ସମୟରେ ମନରେଗା ଯୋଜନା ମାଧ୍ୟମରେ ନିଶ୍ଚିତ କର୍ମ ନିଯୁକ୍ତି ମିଳୁଥିଲା। ବିଜେପି ସରକାର ଜାଣିଶୁଣି ମନରେଗା ବଜେଟକୁ କମ କରିଦେଇଛି। ୨୦୨୩-୨୦୨୪ ମସିହାରେ ଯାହା ୧୭୫୦ କୋଟି ଟଙ୍କା ଥିଲା ବର୍ତ୍ତମାନ କମି ୧୨୦୦ କୋଟି ଟଙ୍କାରେ ପହଂଚିଛି। ଯାହା ଫଳରେ ଲୋକମାନଙ୍କୁ ନିଶ୍ଚିତ କର୍ମନିଯୁକ୍ତି ନ ମିଳିବା କାରଣରୁ ସେମାନେ ବାଧ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ନୂଆପଡ଼ା ଜିଲ୍ଲାରେ ଏସସି, ଏସଟି, ଓବିସି ସଂଖ୍ୟା ସର୍ବାଧିକ। ପ୍ରତି ତିନିଜଣରେ ଜଣେ ଦାଦନ। ସେମାନଙ୍କ ମଧ୍ୟରୁ ପ୍ରାୟ ୧୦ ହଜାର ପରିବାର ଅର୍ଥାତ ୫୦ ହଜାର ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ନୂଆପଡ଼ା ଜିଲ୍ଲାରେ



ସରକାରୀ ଅନୁଦାନ ପ୍ରାୟ ୩୦୦୦ କୋଟି ଟଙ୍କା। କିନ୍ତୁ ଏଥିରୁ ୨୦ % ବି ଶ୍ରମିକଙ୍କ ପାଖକୁ ଆସୁନାହିଁ। ସରକାର ନୂଆପଡ଼ାରେ ଖାଲି ଭୋଟ ମାଗିଲେ ହେବନାହିଁ। ସେମାନଙ୍କୁ ନୂଆପଡ଼ାରେ ନିଶ୍ଚିତ କର୍ମ ନିଯୁକ୍ତି ଦେବାପାଇଁ କଣ ନୀତି ନିୟମ ପ୍ରସ୍ତୁତ କରିଛନ୍ତି ତାହାର ସ୍ପଷ୍ଟି କରଣ ସରକାର ରଖିବା ଉଚିତ୍ ବୋଲି ଶ୍ରୀମତୀ ସାହୁ ଦାବି କରିଛନ୍ତି।

ବିଜେପି ଦଳର ବିଧାୟକ ଲକ୍ଷ୍ମଣ ବାଗ ଯେଉଁ ମନ୍ତବ୍ୟ ଦେଇଛନ୍ତି ଏହା ନିଶ୍ଚିତ ରୂପେ ସରକାରୀ ମନ୍ତବ୍ୟ। ଅର୍ଥାତ୍ ସରକାର ସିଧାସଳଖ କହୁଛନ୍ତି କି ଆମେ ରୋଜଗାର ଦେବୁନାହିଁ, ଆମେ ସେମାନଙ୍କୁ ଶିକ୍ଷା ଦେବୁନାହିଁ, ତମେ ଏସସି, ଏସଟି, ଓବିସି ହୋଇ ଜନ୍ମ ନେଇଛ, ତମେ ଗରିବ ହୋଇ ଜନ୍ମ ନେଇଛ ମାନେ ତମେ ଦାଦନ ଖଟିବାକୁ ଯିବ। ଯେତେବେଳେ ରାଜ୍ୟ ଭୋଟ ହେବ ବା ଉପନିର୍ବାଚନ ହେବ ଆମେ ତମକୁ ଟଙ୍କା ଦେଇ ଆଣିବୁ। ଏହା ହେଉଛି ବିଜେପିର ଚିତ୍ର ଓ ଚରିତ୍ର। ତେଣୁ ସରକାର ଏବଂ ଶ୍ରମମନ୍ତ୍ରୀ ଏହାର ସ୍ପଷ୍ଟିକରଣ ରଖନ୍ତୁ। ଏହା ଆମ ଦାବି ନୁହେଁ ଏହା ନୂଆପଡ଼ା ବାସୀଙ୍କ କଥା, ସ୍ୱାଭିମାନର କଥା, ଅଧିକାରର କଥା। ଦାଦନ ଖଟିବାକୁ ଗଲେ ମଜା ଆସିବ ବୋଲି ବିଜେପି ନେତା କହିବା କଥା ଅତି ଲଜ୍ଜାଜନକ ବୋଲି କହିଛନ୍ତି ଶ୍ରୀମତୀ ସାହୁ।

## ମହୁମାଛି ଆକ୍ରମଣରେ ଜଣେ ମୃତ

**ଚମ୍ପୁଆ,୨୯।୧୦**

**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ରାମଚନ୍ଦ୍ରପୁର ଗାଁରେ ମହୁମାଛି ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି। ମୃତ ବ୍ୟକ୍ତିଙ୍କ ନାଁ ନିରାଶ ମୁଣ୍ଡା (୫୦)। ଆହତ ଦ୍ୱୟ ହେଉଛନ୍ତି, ତାଙ୍କ ନାତି ରାଜା ମୁଣ୍ଡା ଓ ପଡୋଶୀ ମାର୍କଣ୍ଡ ମୁଣ୍ଡା। ନିରାଶ, ରାଜା ଓ ମାର୍କଣ୍ଡଙ୍କ ସମେତ ମୋଟ ୫ ଜଣ ଛେଳି ଚରାଇବାକୁ ଗାଁ ପାଖ ଜଙ୍ଗଲକୁ ଯାଇଥିଲେ। ବର୍ଷା ହେବାରୁ ସେମାନେ ଛେଳି ନେଇ ଘରକୁ ଫେରିବା ସମୟରେ ହଠାତ୍ ମହୁମାଛି ଆକ୍ରମଣ କରିଥିଲେ। ଦୁଇ ଜଣ ସେଠାରୁ ଦୌଡି ପଳାଇବାରେ ସମର୍ଥ ହୋଇଥିବା ବେଳେ ନିରାଶ, ରାଜା ଓ ମାର୍କଣ୍ଡ ଫସି ଯାଇଥିଲେ। ସେମାନେ ଦୌଡି ନପାରି ମହୁମାଛିଙ୍କ କବଳରେ ପଡିଯାଇଥିଲେ। ମହୁମାଛି ଆକ୍ରମଣରେ ଆହତ ନିରାଶ ମୁଣ୍ଡା, ରାଜା ମୁଣ୍ଡା ଓ ମାର୍କଣ୍ଡ ମୁଣ୍ଡାଙ୍କୁ ଗାଁ ଲୋକେ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାକୁ ନେଇଥିଲେ। ସେଠାରେ ନିରାଶ ମୁଣ୍ଡାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଜଣ ସେଠାରେ ଚିକିତ୍ସିତ ହେଉଛନ୍ତି।

## କାର୍ କାଚ ଭାଙ୍ଗି ନେଇଗଲେ ୨୦ଲକ୍ଷ

**ବରଗଡ଼,୨୯।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

କାର କାଚ ଭାଙ୍ଗି ୨୦ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଆଜି ବରଗଡ଼ ସହରର ଗାନ୍ଧି ଛକରେ ଘଟିଛି ଏହି ଘଟଣା। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତିଙ୍କ ନାଁ ସୁବୋଧଚନ୍ଦ୍ର ଦାସ। ତାଙ୍କ ଘର ବରଗଡର ତଳିପଡାରେ।

ସେ, ତାଙ୍କ ବାପା ଓ ପୁଅ ମିଶି ବରଗଡ ଏସ୍‌ବିଆଇକୁ ଯାଇଥିଲେ। ସେଠାରେ ସେମାନେ ୧୫ ଲକ୍ଷ ଟଙ୍କା ଉଠାଇ କାରରେ ବସିଥିଲେ। ବାଟରେ ଏକ ଏଟିଏମ୍‌ରୁ ଆଉ ୫ ଲକ୍ଷ ଟଙ୍କା ଉଠାଇଥିଲେ। ଏହା ପରେ ଏକ ହୋଟେଲ ସମ୍ମୁଖରେ ସେମାନେ ଅଟକି ଥିଲେ। କାରରେ ଡ୍ରାଇଭର ସିଟ୍ ତଳେ ଉଠାଇଥିବା ସମସ୍ତ ୨୦ ଲକ୍ଷ ଟଙ୍କା ରଖି ତିନିହେଁ ହୋଟେଲକୁ ଖାଇବାକୁ ଯାଇଥିଲେ। ଫେରିଲା ବେଳକୁ ଦେଖିଲେ କାରର ଡ୍ରାଇଭର ପାଖ ଡୋର୍‌ର କାଚ ଭଙ୍ଗା ହୋଇଛି ଓ ସିଟ୍ ତଳୁ ଟଙ୍କା ଗାଏବ ହୋଇଯାଇଛି। ଏହା ପରେ ସୁବୋଧଙ୍କ ବାପା ଓ ପୁଅ ଯାଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲା। ପୁଲିସର ତଦନ୍ତ ଜାରି ରହିଥିବା ବେଳେ ଲୁଟେରାଙ୍କ ସଂପର୍କରେ କିଛି ସୂଚନା ମିଳିପାରିନାହିଁ। ଏ ପ୍ରକାର ଘଟଣାରେ ଅନେକ ସମୟରେ ବିଭିନ୍ନ ସ୍ଥାନରେ ଘଟୁଥିଲେ ହେଁ ଲୋକେ ସଚେତନ ହେଉ ନଥିବା ଦେଖିବାକୁ ମିଳୁଛି। କେତେବେଳେ କେହି ବ୍ୟାଙ୍କରୁ ଟଙ୍କା ଉଠାଇ ବାଇକ୍ ଡିକିରେ ରଖି ଖାଇ ପଳାଉଥିବା ବେଳେ ଆଉ କେହି କାରରେ ରଖି ଅନ୍ୟ କାମରେ ପଳାଉଛନ୍ତି। ଆଉ ଫେରିଲା ବେଳକୁ ଗାଏବ ହେଇ ଯାଉଛି ଟଙ୍କା। ବ୍ୟାଙ୍କରୁ ମୋଟା ଅଙ୍କର ଅର୍ଥ ଉଠାଇବା ପରେ ଅଧିକ ସତର୍କତାର ସହିତ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ନିହାତି ଆବଶ୍ୟକ। କାରଣ କିଏ କଆଡ଼ଁଠି ପିଛା କରୁଥିବ, ତାହା କହି ହେବନି।

## ୨୦ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**କଟକ,୨୯।୧୦**

**ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ ଅବକାରୀ ବିଭାଗ ଫ୍ଲାଇଙ୍ଗ ସ୍କ୍ୱାର୍ଡ ବୁଧବାର ସ୍ଥାନୀୟ ସିଡ଼ିଏ ଫେଜ ୨ ଥାନା ଅନ୍ତର୍ଗତ ମଧୁସୂଦନ ଛକଠାରେ ଚଢ଼ାଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ବ୍ରଜବିହାରୀପୁର ଗ୍ରାମର ଦୀପକ ରଂଜନ ନାୟକ (୩୦) । ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧୯୬ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି । ଜବତ ହୋଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚଢ଼ାଉରେ ଅବକାରୀ ଆଇଆଇସି ହୀରା ଦଳପତି, ଏସଆଇ ବଳବୀର ଗଡ଼ନାୟକ, ଏଏସଆଇ ଦିଲ୍ଲୀପ ନନ୍ଦ ଓ ଅଶୋକ ଖଟୁଆ, କନେଷ୍ଟବଳ ରୋଜାଲିନ ପଟ୍ଟନାୟକ, ରଣଜିତ ସାହୁ ଓ ଶିବାନନ୍ଦ ଷଡଙ୍ଗୀ ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତ ଦୀପକକୁ କୋର୍ଟ ଚାଲାଣ କରାଯାଇଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ